


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 37 | ଭାଗ ୩୪ | ସଂଖ୍ୟା ୩୭ | Bhubaneswar | Tuesday 29 April 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୨୯ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ପଦ୍ମ ପୁରସ୍କାର ଗ୍ରହଣ କଲେ ୪ ଓଡ଼ିଆ

**ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଦ୍ମ ପୁରସ୍କାର ବିଜେତାମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନ ଗଣତନ୍ତ୍ର ମଣ୍ଡପସ୍ଥିତ ସିଭିଲ୍ ଇନଷ୍ଟିଚ୍ୟୁଟ୍ ସେରେମନି-୧ଠାରେ ରାଷ୍ଟ୍ରପତିଙ୍କଠାରୁ ୪ ଜଣ ପଦ୍ମ ବିଭୂଷଣ, ୧୦ ଜଣ ପଦ୍ମ ଭୂଷଣ ଓ ୫୭ ଜଣ ପଦ୍ମ ଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ପାଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଜନସେବା, ଚିକିତ୍ସା, ଶିଳ୍ପ, କଳା, ବିଜ୍ଞାନ, ଚଳଚ୍ଚିତ୍ର ଆଦି କ୍ଷେତ୍ର ସହ ଜଡ଼ିତ। ଏଥିରେ ବଲିଉଡ୍ ପ୍ରଯୋଜକ-ନିର୍ଦ୍ଦେଶକ ଶେଖର କପୁରଙ୍କଠାରୁ ଆରମ୍ଭ କରି ଗାୟକ ଅରିଜିତ ସିଂହଙ୍କ ପର୍ଯ୍ୟନ୍ତ ନାମ ରହିଛି। ସେହିପରି ବିଜେତାଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଅଛନ୍ତି। ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ (କଳା), ପ୍ରଫେସର (ଡା. ଅଶୋକ କୁମାର ମହାପାତ୍ର (ଚିକିତ୍ସା), ଡ. ପ୍ରତିଭା ଶତପଥୀ (ସାହିତ୍ୟ ଓ ଶିକ୍ଷା), ଦୁର୍ଗା ଚରଣ ରଣବୀର (କଳା)।

ଅଦ୍ୱୈତ ଚରଣ ଗଡ଼ନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ, ଯିଏ କି କଳା ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜଣାଶୁଣା। ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁତ ପ୍ରଶଂସିତ ।

ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ ଯିଏ କି ଦିଲ୍ଲୀ ଏମ୍ସରେ ୪ ଦଶନ୍ଧି ଧରି କାର୍ଯ୍ୟ କରିବା ସହ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ଥିଲେ । ଡ. ପ୍ରତିଭା ଶତପଥୀ ଭାରତୀୟ ସାହିତ୍ୟର ଜଣେ ବିଶିଷ୍ଟ ଓ ଜଣାଶୁଣା କବି, ସମାଲୋଚକ, ଅନୁବାଦକ ଓ ସମ୍ପାଦକ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ଜଣାଶୁଣା। ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଦୁର୍ଗା ଚରଣ ରଣବୀର ତାଙ୍କର ଅସାଧାରଣ ନୃତ୍ୟକଳା ପାଇଁ ଜଣାଶୁଣା ଏବଂ ଜଣେ ଗୁରୁ ଭାବରେ ସମ୍ମାନିତ। ତାଙ୍କର ଚାରି ଦଶନ୍ଧିର କ୍ୟାରିୟରରେ ସେ ଏହି ନୃତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଜଣେ ନୃତ୍ୟଶିଳ୍ପୀ, ପ୍ରଦର୍ଶକ, ଗୁରୁ ଏବଂ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରିଥିଲେ।

## ଯୁଦ୍ଧ ଭୟ: ପାକ୍ ସେନାରେ ଗଣଇସ୍ତଫା

### ✪ସେନା ମୁଖ୍ୟ ଗାଏବ! ✪ଧୈର୍ଯ୍ୟ ଧରିବାକୁ ମେଜର୍ ଜେନେରାଲ୍‌ଙ୍କ ଅପିଲ୍

**ନୂଆଦିଲ୍ଲୀ,୨୮।୪(ସଂଚାର ବ୍ୟୁରୋ):** ଚରମ ସୀମାରେ ପହଞ୍ଚିଛି ଭାରତ-ପାକିସ୍ତାନ ଯୁଦ୍ଧ ସମ୍ଭାବନା। ଯେକୌଣସି ସମୟରେ ବି ବାଜିପାରେ ଯୁଦ୍ଧର ବିଗୁଲ। ସେ ଭିତରେ ଏକ ବଡ ଖବର ଆସୁଛି ପାକିସ୍ତାନୀ ସେନାକୁ ନେଇ। ଚର୍ଚ୍ଚା ହେଉଛି ଭାରତ ସହ ଯୁଦ୍ଧ ଆଶଙ୍କାକୁ ନେଇ ପାକିସ୍ତାନୀ ସେନା ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଭୟରେ ପାକିସ୍ତାର ସୈନିକମାନେ ଇସ୍ତଫା ଦେବା ଆରମ୍ଭ କରିଦେଇଛନ୍ତି।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଚିଠିରେ ଭାରତ ସହ ଯୁଦ୍ଧକୁ ନେଇ ପାକିସ୍ତାନର ସେନା କେତେ ଭୟଭୀତ, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଗୋଟିଏ ପଟେ ପାକିସ୍ତାନ ସେନା ମୁଖ୍ୟ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ସେନାବାହିନୀର ମନୋବଳ ଦୁର୍ବଳ ହେବା


General Headquarters (GHQ),
Rawalpindi
Tel: +92-51-9271600 |
Email: ispr@ispr.gov.pk

Advisory No: ISPR/OPS/2025/04/028
Classification: RESTRICTED
Date: 26 April 2025

Subject: Reinforcing Duty and Discipline

To: All Ranks, Pakistan Armed Forces
From: Maj Gen Faisal Mehmood Malik, HI(M), DGISPR

1. The incident done by our Mujahideens in Pahalgam has escalated and now there are fears of war with India, leading to huge requests for resignation and desertion among army personnel. This disinformation aims to undermine our unity and Iman.

2. Directives:

- Uphold Your Oath: As Mujahideen of Pakistan, your commitment to defend the nation is sacred. Reject fear and stand firm.
- Maintain Morale: Our forces remain battle-ready, as demonstrated in Operation Swift Retort. Commanding Officers to conduct darbars to reinforce the high spirit.
- Discipline: Unauthorized resignation or desertion from service will face strict action under the Pakistan Army Act, 1952.

3. Call to Unity: You are the heirs of our Shuhada. Stand united under the crescent and star.

Pakistan Jinabad!

[Signature]
Maj Gen Faisal Mehmood Malik, HI(M)
Distribution: All Units, MoD, JSHQ

Note: RESTRICTED. Unauthorized disclosure prohibited under Official Secrets Act, 1923.

ଭାରତ ପାଇଁ ଶୁଭଲକ୍ଷଣ ବୋଲି କୁହାଯାଉଛି।

ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ନିର୍ମମ ହତ୍ୟା ଘଟଣାରେ ପାକିସ୍ତାନର ହାତ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଯାହାକୁ ନେଇ ଭାରତ ସରକାର ଏବେ ପ୍ରତିଶୋଧ ➪ପୃଷ୍ଠା-୬

### ବିଜେପି ସାଂସଦଙ୍କ ଭବିଷ୍ୟବାଣୀ

## ୨୦୨୫ ଭିତରେ ଲୋପ ପାଇବ ପାକିସ୍ତାନ

**ନୂଆଦିଲ୍ଲୀ:** ୨୦୨୫ ଭିତରେ ପାକିସ୍ତାନ ଏକ ଦେଶ ଭାବେ ପୃଥିବୀପୃଷ୍ଠରୁ ଲୋପ ପାଇଯିବ। ପାକିସ୍ତାନ ୪ ଭାଗରେ ବିଭକ୍ତ ହୋଇଯିବ। ପାକିସ୍ତାନ ଆମଠାରୁ କାଶ୍ମୀରର ଯେଉଁ ଅଂଶ ନେଇଛି, ଆମେ ନିଶ୍ଚିତ ଭାବେ ତାହାକୁ ଫେରାଇ ଆଣିବୁ। ଏହାଛଡ଼ା ପାକିସ୍ତାନକୁ ବେଲୁଚିସ୍ତାନ, ପସ୍ତୁନିସ୍ତାନ ଏବଂ ପଞ୍ଜାବ ନାମରେ ପୃଥକ ଦେଶରେ ବିଭକ୍ତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କରିବେ। ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ଏହା କହୁଛି। ଯଦି ଏହି ବର୍ଷ ପାକିସ୍ତାନକୁ ଅନେକ ଭାଗରେ ବିଭକ୍ତ କରା ନ ଯାଏ, ତେବେ ଆପଣ ଆମକୁ କହିବେ ଯେ ବିଜେପି ଲୋକ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଅନ୍ତି। ଏଭଳି ଭାବରେ କହି ପାକିସ୍ତାନକୁ ଟାର୍ଗେଟ କରିଛନ୍ତି ବିଜେପିର ସାଂସଦ ନିଶିକାନ୍ତ ଦୁବେ । ➪ପୃଷ୍ଠା-୬

## ଆକ୍ସନ ମୋଡ୍‌ରେ ସରକାର



### ମୋଦି-ରାଜନାଥଙ୍କ କବାଟକିଲା ବୈଠକ

**ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି) :** ଉରୀ ଆକ୍ରମଣର ଜବାବ ସର୍ଜିକାଲ୍ ଷ୍ଟ୍ରାଇକରେ, ପୁଲୱାମାର ଜବାବ ବାଲାକୋଟ ଷ୍ଟ୍ରାଇକରେ। ପହଲଗାମର ପ୍ରତିଶୋଧ କେବେ? ଏବେ ପ୍ରତି ଭାରତୀୟଙ୍କ ମୁହଁରେ ଏହି ପ୍ରଶ୍ନ। ସମସ୍ତଙ୍କ ଭିତରେ ଆକ୍ରୋଶ। ଗତ ୨୨ ତାରିଖ ପରଠାରୁ ପାପୀ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାକୁ କୂଟନୈତିକ, ଆର୍ଥିକ ଓ ରାଜନୈତିକ ପଦକ୍ଷେପ ନେଉଥିବା ମୋଦି ସରକାର କେବେ ସାମରିକ ଆକ୍ସନ ନେବେ, ତାକୁ ଦେଶବାସୀ ଅପେକ୍ଷା କରିଛନ୍ତି। ଏପରି ନାନାଦି କଳ୍ପନାଜଳ୍ପନା ଭିତରେ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ମଧ୍ୟରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଲଗାମ୍ ଘଟଣା ନେଇ ପାଖାପାଖି ୪୦ ମିନିଟ୍ ଧରି ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଗତକାଲି ସିଡିଏସ୍ ➪ପୃଷ୍ଠା-୬

### ୧୬ ପାକ୍ ୟୁଟ୍ୟୁବ୍ ଚ୍ୟାନେଲ୍ ଉପରେ ଭାରତର ଡିଜିଟାଲ୍ ଷ୍ଟ୍ରାଇକ୍



**ନୂଆଦିଲ୍ଲୀ:** ପୁଣି ପାକିସ୍ତାନ ଉପରେ ବଡ଼ ଆକ୍ସନ ନେଲା ଭାରତ। କଲା ଡିଜିଟାଲ ଷ୍ଟ୍ରାଇକ। ଭାରତରେ ଥିବା ପାକିସ୍ତାନୀ ୟୁଟ୍ୟୁବ ଚ୍ୟାନେଲକୁ ବ୍ୟାନ କରିଛି ଭାରତ। ୧୬ଟି ୟୁଟ୍ୟୁବ ଚ୍ୟାନେଲକୁ ବ୍ୟାନ କରିଛି ଭାରତ ସରକାର। ଶୋଏବ ଅଖତର, ଆର୍ଜୁ କାଜ୍ମୀ, ସୟଦ ମୁଜାମ୍ମିଲ ଶାହ, ସମା ଟିଭି, ଏରି ନ୍ୟୁଜ୍, ଜିଓ ନ୍ୟୁଜ୍ ଓ ଡନ୍ ନ୍ୟୁଜ୍ ସମେତ ୧୬ ୟୁଟ୍ୟୁବ ଚ୍ୟାନେଲକୁ ବ୍ୟାନ କରାଯାଇଛି। ମିଥ୍ୟା ଖବର ପ୍ରସାରଣ କରିବା ନେଇ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ପହଲଗାମ ହମଲା ପରେ ଏହି ଚ୍ୟାନେଲ୍‌ଗୁଡ଼ିକ ନାନାଦି ବିଭ୍ରାନ୍ତିକର ଖବର ପ୍ରସାରିତ କରିଆସୁଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ପାକିସ୍ତାନର ଟ୍ୱିଟର ଆକାଉଣ୍ଟକୁ ବ୍ୟାନ କରିଥିଲା ଭାରତ। ଏଥିସହ ସିନ୍ଧୁ ନଦୀ ଚୁକ୍ତିକୁ ମଧ୍ୟ ବାତିଲ ➪ପୃଷ୍ଠା-୬

### କୂଅରେ ପଡ଼ିଲା ଭ୍ୟାନ୍: ୧୨ ମୃତ

## ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

**ଭୋପାଳ/ପାଟନା,୨୮।୪:** ଆଜି ମଧ୍ୟପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏକ ବାଇକ୍ ସହ ଧକ୍କା ହେବା ପରେ ଭ୍ୟାନ୍‌ଟି ନିକଟସ୍ଥ ଏକ କୂଅ ଭିତରେ ଖସିପଡ଼ିବା ଫଳରେ ଶ୍ୱାସରୁଦ୍ଧ ହୋଇ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ମଧ୍ୟପ୍ରଦେଶର ମନ୍ଦୋସରରେ ଏକ ଭ୍ୟାନ ବାଇକ ମଧ୍ୟରେ ଧକ୍କା ହୋଇଥିବା ବେଳ ଭାରସାମ୍ୟ ହରାଇ କାର୍‌ଟି ସିଧା ରାସ୍ତା କଡ଼ରେ ଥିବା ଏକ କୂଅ ଭିତରେ ପଡ଼ିଯାଇଥିଲା। ଫଳରେ କାର୍‌ରେ ଥିବା ୧୪ ଜଣ ଯାତ୍ରୀଙ୍କ ମଧ୍ୟରୁ ଶ୍ୱାସରୁଦ୍ଧ ହୋଇ ୧୨ ଜଣଙ୍କ ଜୀବନ ଚାଲିଯାଇଥିଲା। ଅନ୍ୟ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ 'ଏକ୍ସ' ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏଥିରେ ମୃତକଙ୍କ ପରିବାର ଲୋକଙ୍କ ପାଇଁ ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ସକାଶେ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି। ଏହାଛଡ଼ା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଥିଲେ। ଏହାଛଡ଼ା ଗତକାଲି ବିଳମ୍ବିତ ରାତିରେ ବିହାର ରାଜଧାନୀ ପାଟନାର ତାରା ମଣ୍ଡଳ ଅଞ୍ଚଳରେ ଏକ ଦ୍ରୁତଗାମୀ ଇନୋଭା କାର୍ ଧକ୍କାରେ ୪ଜଣ ଗୁରୁତର ଆହତ ହୋଇଛନ୍ତି।

## ସମବାୟ ପରିସରଭୁକ୍ତ ହେବେ ସବୁ ଚାଷୀ

- ❑ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଜମାକାରୀଙ୍କୁ ଅର୍ଥ ଫେରସ୍ତ
- ❑ ୯,୫୩୭ ଜମାକାରୀ ପାଇବେ ୨୦.୯୬ କୋଟି
- ❑ ଗୁଜରାଟର ଇର୍‌ମା ସ୍କୁଲ ସହିତ ଚୁକ୍ତିନାମା ସ୍ୱାକ୍ଷରିତ



**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତୀକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ➪ପୃଷ୍ଠା-୬

## ଫେରିଗଲେ ୨୩୭ ପାକିସ୍ତାନୀ



**ନୂଆଦିଲ୍ଲୀ,୨୮।୪:** ମେଡିକାଲ୍ ଚିକିତ୍ସା ଭିସାରେ ଆସିଥିବା ପାକିସ୍ତାନୀଙ୍କ ପାଇଁ ଏପ୍ରିଲ ୨୯ ତାରିଖ କଟ୍ଟ ରହିଥିବା ବେଳେ ଅନ୍ୟ ଭିସା ପାଇଁ ୨୭ ଏପ୍ରିଲ ରହିଥିଲା ଶେଷ ତାରିଖ। ଆଜି ରବିବାର ଅଟାରୀ ସୀମା ଦେଇ ୨୩୭ ପାକିସ୍ତାନୀ ନାଗରିକ ଭାରତରୁ ନିଜ ଦେଶକୁ ଫେରିଛନ୍ତି। ସେହିଭଳି ୧୧୬ ଭାରତୀୟ ଅଟାରୀ ବର୍ଡର ଦେଇ ପାକିସ୍ତାନରୁ ଭାରତ ଫେରିଛନ୍ତି। ଗତ ତିନି ଦିନ ମଧ୍ୟରେ କେବଳ ଅଟାରୀ ସୀମା ଦେଇ ୫୦୦ରୁ ଅଧିକ ପାକିସ୍ତାନୀ ଭାରତରୁ ନିଜ ଦେଶକୁ ଫେରିଛନ୍ତି। ସେହିଭଳି ୧୪ ଜଣ କୂଟନୀତିଜ୍ଞ ଏବଂ ଅଧିକାରୀ ସମେତ ମୋଟ ୮୫୦ ଜଣ ଭାରତୀୟ ନାଗରିକ ପଞ୍ଜାବର ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ଭାରତ ଫେରିଛନ୍ତି। ସେପଟେ ଭାରତ ପକ୍ଷରୁ ସତର୍କ କରାଯାଇଛି, ନିର୍ଦ୍ଧାରିତ ସମୟ ମଧ୍ୟରେ ଯିଏ ଭାରତ ଛାଡ଼ିବାରେ ବିଫଳ ହେବେ ତାଙ୍କୁ ➪ପୃଷ୍ଠା-୬

### ▶କମିଶନରେଟ୍ ପୁଲିସ୍‌କୁ ବଡ଼ ସଫଳତା

## କୋଟିଏ ଟଙ୍କାର ଗଞ୍ଜେଇ ଜବତ



**ଭୁବନେଶ୍ୱର,୨୮।୪:** ଗଞ୍ଜେଇ ଚାଲାଣ ରୋକିବା ସକାଶେ ପୁଲିସ୍ ଡିଜି ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉକୁ ସକ୍ରିୟ କରିଛି। ଅବକାରୀ ବିଭାଗ କର୍ମଚାରୀଙ୍କ ଆଖିରେ ଧୂଳିଦେଇ ଖସିଯିବା ସହ ନିଜର ବେପାର ଯେପରି ପ୍ରଭାବିତ ନ ହେବ, ସେଥିସକାଶେ ମାଫିଆମାନେ ଦିନକୁ ଦିନ ସେମାନଙ୍କ ତରିକା ବଦଳାଇ ଚାଲିଛନ୍ତି। ଏହି କ୍ରମରେ ଆଜି କେତେକ ମାଫିଆ ହିମାଚଳ ପ୍ରଦେଶ ଚାଲାଣ କରୁଥିବା ସମୟରେ କମିଶନରେଟ୍ ପୁଲିସ୍ ହାବୁଡ଼ରେ ପଡ଼ିଯାଇଛନ୍ତି। ପାଖାପାଖି କୋଟିଏ ଟଙ୍କାର ଗଞ୍ଜେଇ ଜବତ କରିବା ସହ ପୁଲିସ୍ ୨ ଜଣଙ୍କୁ ଗିରଫ କରିଛି। ଏହି ବେପାରୀମାନେ କର୍ପୂର ପରିବହନ ହେଉଥିବା ଗାଡ଼ିରେ ଏହି ଗଞ୍ଜେଇ ଚାଲାଣ କରୁଥିଲେ। ➪ପୃଷ୍ଠା-୬

## ରାତି ଅଧରେ ଟିକସ ଆଦାୟ କରି ଧରାପଡ଼ିଲେ ଆର୍‌ଏମ୍‌ସି ଅଧିକାରୀ




### ମାତାଲ ପୁଅ ବି ବାପ ସହିତ ସାମିଲ
### ବାସୁଦେବପୁର ଥାନାରେ ରୁଜୁ ହେଲା ମାମଲା

**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଓଡିଶା ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ନିୟନ୍ତ୍ରିତ ବଜାର କମିଟି (ଆରଏମସି)ର ବାବୁମାନେ କିନ୍ତୁ କୁକୁଡା ପରିବହନ ଗାଡ଼ି ଉପରୁ ପଇସା ଆଦାୟର ଲୋଭ ସମ୍ବରଣ କରିପାରୁନାହାନ୍ତି। ରାତି ଅଧରେ ବେକରେ ଆରଏମସି ପରିଚୟପତ୍ର ପକାଇ କୁକୁଡା ପରିବହନ ଗାଡିରୁ ଟଙ୍କା ଆଦାୟ କରୁଥିବା ଜଣେ ବାବୁ ଧରାପଡିବା ପରେ ଏଭଳି ଘଟଣା ପଦାକୁ ଆସିଛି।

ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ଥାନା ଅଞ୍ଚଳରେ। ଏଠାରୁ କୋଲକାତାକୁ ବ୍ରଏଲର କୁକୁଡା ପରିବହନ କରୁଥିବା ପଶ୍ଚିମବଙ୍ଗର ମୟୂର ଟ୍ରେଡରର ଗୋଟିଏ ଗାଡିକୁ ରାତି ୧୦ଟା ସମୟରେ ବେତଡାଠାରେ ଆରଏମସି କର୍ମଚାରୀ ଜୋରଜବରଦସ୍ତି ରାସ୍ତାରେ ଅଟକାଇଥିଲେ। ଅଟକାଇଥିବା ବ୍ୟକ୍ତିଙ୍କ ଛାତିରେ ଆରଏମ୍‌ସି ପରିଚୟପତ୍ର ଝୁଲୁଥିବାରୁ ତାଙ୍କ ନାଁ ମିର୍ଜା ଗୁଲଫାମ୍ ବେଗ୍ ବୋଲି ଜଣାପଡିଥିଲା। ତେବେ ପଶ୍ଚିମବଙ୍ଗର ଗାଡ଼ିଚାଳକ ଟିକସ ଦେବାର ନିୟମ ନଥିବା କହିଥିଲେ ମଧ୍ୟ କର୍ମଚାରୀ ଜଣଙ୍କ ଶୁଣିନଥିଲେ। ତେବେ ଏହି ସମୟରେ ସେ ଓ ଆଉ ଜଣେ ବ୍ୟକ୍ତି ଆସି ଗାଡ଼ି ଚାଳକଙ୍କୁ ଧମକାଇବାକୁ ଲାଗିଲେ। କୁକୁଡା ପରିବହନ ଗାଡିରେ ଲାଗିଥିବା ➪ପୃଷ୍ଠା-୬



### କାନ ଡେରିଥା

ସୁଲତା ଏମିତି ବାଉଳା ହେଲେଣି
ପାଣ୍ଡୁଙ୍କ କଥାରେ ପଡି
ସତେ ପାଣ୍ଡୁ ତାଙ୍କ ଦଇବ ବିଧାତା
ଫିଉଚର ଦେବେ ଗଢି
ଏମିତି ଛାଡ଼ନ୍ତି ରଡି...
ମୁଣ୍ଡ ଦୋଷ ଏବେ ପ୍ରବଳ ବଢିଛି
ଦଳକୁ ଦେବେ କଚାଡି ।

■ ଦେବାଶିଷ

## ରାଜ୍ୟରେ ସକ୍ରିୟ ନାମଲେଖା ଦଲାଲ

**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଡାକ୍ତରୀ, ଇଞ୍ଜିନିୟରିଂ ଆଦି ପାଠ୍ୟକ୍ରମ ପାଇଁ ନାମଲେଖା ଋତୁ ପାଖେଇ ଆସୁଥିବାବେଳେ ଏଥିପାଇଁ ଦଲାଲମାନେ ରାଜ୍ୟରେ ସକ୍ରିୟ ହୋଇ ଉଠିଲେଣି। ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ କାଉନସେଲିଂ ନାଁରେ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ଆଗରେ ପ୍ରତିଶ୍ରୁତିର ପାହାଡ ଛିଡ଼ା କରାଇ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି।

ରାଜ୍ୟରେ ଏବେ ଲକ୍ଷାଧିକ ଛାତ୍ରଛାତ୍ରୀ ଡାକ୍ତରୀ ଓ ଇଞ୍ଜିନିୟରିଂ ପଢିବା ପାଇଁ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ନେବା ସହିତ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଖୁବଶୀଘ୍ର ଏମାନେ ପରୀକ୍ଷା ଦେବେ। ତେବେ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ନିଜ ନିଜ ପରୀକ୍ଷାଫଳ ଅନୁଯାୟୀ କେଉଁଠାରେ ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ପଢ଼ିବେ, ତାହାକୁ ନେଇ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ତେବେ ସେମାନଙ୍କ ଏହି ଚିନ୍ତାକୁ ଦୂର କରିବା ସହ ପିଲାମାନଙ୍କୁ ରାଜ୍ୟ ଭିତରେ ଓ ବାହାରେ ମନଲାଖି ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରାଇବାକୁ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି ଦଲାଲ। କାଉନସେଲିଂ ନାଁରେ ଏମାନେ ନିଜ ନିଜ ଦପ୍ତର ଖୋଲି ବସିଛନ୍ତି।

ଏମାନଙ୍କ ନିକଟରେ ଦେଶର ବିଭିନ୍ନ ମେଡିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜର ଠିକଣା ଓ ଶିକ୍ଷାନୁଷ୍ଠାନର ସମସ୍ତ ବିବରଣୀ ରହିଛି। କେଉଁ ଶିକ୍ଷାନୁଷ୍ଠାନରେ ପଢିବାକୁ ହେଲେ କେତେ ନମ୍ବର ରଖିବାକୁ ପଡିବ ଓ ନମ୍ବର ଅନୁଯାୟୀ କେତେ ଟଙ୍କା ଦାଖଲ କରିବାକୁ ପଡିବ, ସେସବୁ ତାଙ୍କ ମୁହଁରେ। ଅଭିଭାବକମାନଙ୍କ ପକେଟକୁ ଦେଖି ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନର ନାମ କହିବା ସହିତ ସେମାନଙ୍କ ମାଧ୍ୟମରେ ଗଲେ କମ୍ ଟଙ୍କା ଦେବାକୁ ପଡ଼ିବ ବୋଲି ବୁଝାଉଛନ୍ତି।




- ● ଶିକ୍ଷାନୁଷ୍ଠାନ ପରିଚୟରେ ମାଳ ମାଳ ଏଜେଣ୍ଟ
- ● କାଉନସେଲିଂ ନାଁରେ ଚାଲିଛି ସୂଚନା ସଂଗ୍ରହ

ରାଜ୍ୟରେ ଏବେ ମେଡିକାଲ ପଢିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ତୁଳନାରେ ମେଡିକାଲ କଲେଜ ନ ଥିବାରୁ ଏହି ଏଜେଣ୍ଟମାନେ ଏବେ ଡାକ୍ତରୀ ଶିକ୍ଷା ପ୍ରତି ଆଗ୍ରହୀ ଅଭିଭାବକଙ୍କ ଉପରେ ନଜର ରଖିଛନ୍ତି। ଓଡ଼ିଶାରେ ପଢ଼ିବା ପାଇଁ ଆବଶ୍ୟକ ନମ୍ବର ରଖିପାରୁ ନଥିବା କିମ୍ବା ଓଡ଼ିଶାର ଶିକ୍ଷାନୁଷ୍ଠାନର ଦାବି ଅନୁଯାୟୀ ଅର୍ଥ ଦେବାକୁ ସକ୍ଷମ ନଥିବା ଲୋକଙ୍କୁ ଏମାନେ ରାଜ୍ୟ ବାହାରେ କମ୍ ଅର୍ଥରେ ଭଲ ମେଡିକାଲ କଲେଜରେ ପଢାଇବାର ପ୍ରତିଶ୍ରୁତି ଦେଉଛନ୍ତି। ଏଥିପାଇଁ ଯେଉଁମାନେ ପାଠପଢା ସଂକ୍ରାନ୍ତରେ ସେମାନଙ୍କର ପରାମର୍ଶ ନେବାକୁ ଯାଉଛନ୍ତି, ସେମାନଙ୍କର ବିସ୍ତୃତ ସୂଚନା ସଂଗ୍ରହ କରାଯାଉଛି। ଉଲ୍ଲେଖନୀୟ ଯେ ଓଡ଼ିଶାରେ ୪ଟି ଘରୋଇ ମେଡିକାଲ କଲେଜ ଥିବା ବେଳେ ସରକାରୀ ସ୍ତରରେ ୧୩ଟି ସରକାରୀ ➪ପୃଷ୍ଠା-୬

### ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲା

## ତଦନ୍ତ ଜୋର୍‌ଦାର କଲା କ୍ରାଇମ୍ ବ୍ରାଞ୍ଚ୍



**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତା ମାମଲାରେ ତଦନ୍ତକୁ ଜୋରଦାର କରିଛି କ୍ରାଇମ ବ୍ରାଞ୍ଚ। ଏହି ମାମଲାରେ ଖୁବଶୀଘ୍ର ଚାର୍ଜସିଟ ଦାଖଲ କରାଯିବ ବୋଲି କହିଛନ୍ତି କ୍ରାଇମ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଏହି ବହୁଚର୍ଚ୍ଚିତ ଦୁର୍ନୀତିର ମୁଖ୍ୟ କାର୍ପଟଦାର ରାଜା ଚକ୍ର ସହ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ ୬୦ଟି ବ୍ୟାଙ୍କ ଖାତା ଓ ଅନେକ ଗାଡ଼ି ଜବତ କରାଯାଇଛି। ତଦନ୍ତରୁ ମିଳିଥିବା ତଥ୍ୟକୁ ବର୍ତ୍ତମାନ ଅନୁଧ୍ୟାନ କରାଯାଉଛି। ଖବରଦାତାଙ୍କ ପ୍ରଶ୍ନରେ ଏହି ମାମଲାରେ କିଛି ନୂଆ ଲୋକଙ୍କ ନାଁ ➪ପୃଷ୍ଠା-୬

SANCHAR ସଁଚାର

# ରାସନ୍ ଦୋକାନରେ ମିଳୁଛି ବିଦେଶୀ ମଦ



**ମହାକାଳପଡ଼ା,୨୮।୪ (ସଂଚାର ବ୍ୟୁରୋ):** ନାମକୁ ମାତ୍ର ରାସନ୍ ଦୋକାନ। ହେଲେ ଅସଲରେ ଚାଲିଛି ବିଦେଶୀ ମଦ ବ୍ୟବସାୟ। ଚିହ୍ନା ବ୍ରାହ୍ମଣର ପଇତା ଆବଶ୍ୟକ ନଥିବା ଭଳି ଚିହ୍ନା ଗରାଖ ପହଞ୍ଚିଗଲେ ମଦର ନାମ କହିବା ମାତ୍ରେ ଗରାଖକୁ ମନପସନ୍ଦର ବୋତଲ ଧରାଉଛନ୍ତି ଦୋକାନୀ। ଏମିତି ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତରେ। ପ୍ରତି ଛକଛକ ମାନଙ୍କରେ ରାସନ୍ ଦୋକାନରେ ମିଳୁଛି ଭଳିକି ଭଳି କମ୍ପାନୀର ମଦ। ଯେଉଁଥିପାଇଁ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ସିଧା କାଉଣ୍ଟରରୁ କିଛି ଅସାଧୁ ବ୍ୟକ୍ତିମାନେ ଚୋରାରେ ମଦପେଟି ଅଖାରେ ବାନ୍ଧି ଦୋକାନୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଯାହା ଫଳରେ ଚୋରା ମଦ କାରବାର ପଞ୍ଚାୟତ ରୁ ପଞ୍ଚାୟତକୁ ବ୍ୟାପିବାରେ ଲାଗିଛି। ହେଲେ ଅବକାରୀ ବିଭାଗର ଏଥିପାଇଁ ନଜର ପଡୁନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବଜ୍ରପାତରେ ନାବାଳକ ଓ ପୋଖରୀରେ ବୁଡ଼ି ଶିଶୁ ମୃତ

**ରାଜନଗର,୨୮।୪ (ସଂଚାର ବ୍ୟୁରୋ):** ଆଜି ପୋଖରୀରେ ବୁଡ଼ି ଦୁଇ ବର୍ଷର ଶିଶୁର ମୃତ୍ୟୁ ଘଟିଥିବା ବେଳେ ବଜ୍ରପାତରେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। ଆଜି ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ରାଜନଗର ବ୍ଲକ ତାଳଚୁଆ ଗାଁର ବିଶ୍ୱଜିତ ମାନ୍ନାଙ୍କ ପୁଅ ସୁକୁମାର ମାନ୍ନା ( ୧୨ ବର୍ଷ ) ଘର ପାଖ ବିଲରେ ଚରୁଥିବା ଗୋରୁଙ୍କୁ ଆଣିବାକୁ ଯାଇଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘରକୁ ଦୌଡି ଆସିବା ବେଳେ ସୁକୁମାରଙ୍କ ଉପରେ ବଜ୍ରପାତ ପଡ଼ିଥିଲା। ଘଟଣାସ୍ଥଳରେ ସୁକୁମାର ଟଳି ପଡ଼ିଥିଲେ। ସୁକୁମାରଙ୍କ ଛାତି ଉପରେ ବଜ୍ରପାତ ପଡ଼ିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଳଚୁଆ ପ୍ରାଥମିକ ଶ୍ୱାସତ୍ୟବ କେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମହାକାଳପଡା ବ୍ଲକ ଦୋଳିଗାଁର ଜନ୍ମେଜୟ ନାୟକଙ୍କ ଝିଅ ଅନ୍ନପୂର୍ଣ୍ଣା ନାୟକ ( ୨ ବର୍ଷ ) ଘର ନିକଟ ପୋଖରୀରେ ବୁଡି ଯାଇଥିଲେ। ଗୁରୁତର ଅବସ୍ତାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣା ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାନୀୟ ଜଳ ପ୍ରକଳ୍ପରୁ ଆସୁନି ପାଣି

**ମାର୍ଶାଘାଇ,୨୮।୪ (ସଂଚାର ବ୍ୟୁରୋ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅସ୍ତବ୍ୟସ୍ତ ଜନଜୀବନ ! ପିଇବା ପାଣିପାଇଁ ଡହଳବିକଳ ଗ୍ରାମବାସୀ। ମାର୍ଶାଘାଇ ବ୍ଲକର ବିଭିନ୍ନ ଗାଁରେ ନିର୍ମାଣ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଅନେକ ଗାଁରେ ପହଂଚି ପାରୁନି ପିଇବା ପାଣି ଯାହାକୁ ନେଇ ବାରମ୍ବାର ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ଅଭିଯୋଗ କରୁଛନ୍ତି ଗ୍ରାମବାସୀ। ବିଶେଷକରି ମାର୍ଶାଘାଇ ବ୍ଲକର ତାଳସଙ୍ଗା ଗ୍ରାମରେ ନିର୍ମାଣ କରାଯାଇଥିବା ବୃହତ ମେଗା ପାନୀୟ ଜଳ ପ୍ରକଳ୍ପରୁ ବର୍ଷବର୍ଷ ଧରି ପାଣି ପାଇବାରୁ ବଞ୍ଚିତ ଅଛନ୍ତି ତାଳସଙ୍ଗା ଖର୍ଦାସାହି ଶାସନିପଡା ଭଗବାନପୁର ହଳଦିଆ ବେରୁହା ମଙ୍ଗରାଜପୁର ବଟିରା ପାଇଲୋ ଆଦି ପଞ୍ଚାୟତର ଗ୍ରାମବାସୀ। ସେହିପରି ଗୋଧନ ଗ୍ରାମର ପାନୀୟ ଜଳପ୍ରକଳ୍ପରୁ ପହଂଚି ପାରୁନି ପିଇବା ପାଣି ଯାହାକୁ ନେଇ ବାରତୁଙ୍ଗା ବନ୍ଧକଟା ଆଦି ଗ୍ରାମର ଲୋକେ ଭୋଗୁଛନ୍ତି ହୀନସ୍ତା।

## ଅଂଶୁଘାତ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି କୁବେର



**କେନ୍ଦ୍ରାପଡା,୨୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅଧିନ କୁଶିଆପାଳ ଗ୍ରାମର ୬୦ ବର୍ଷର ବୃଦ୍ଧ କୁବେର ଚନ୍ଦ୍ର ସାହୁ ସମାଜସେବା ରେ ନିଜକୁ ନିୟୋଜିତ କରି ଗାଁ ଗାଁ ବୁଲି ଅଂଶୁଘାତ ର ସଚେତନତା ବାର୍ତା ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଅନୁଭୂତ ହେଉଥିବା ପ୍ରବଳ ଗ୍ରୀଷ୍ମତାପରେ ଜନସଧାରଣଙ୍କୁ ସଚେତନ କରାଇ ଅଂଶୁଘାତର ନିରାକରଣ ଓ ପ୍ରତିକାର ଉପରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି । ନିଜେ ସାଇକେଲ ଚଲାଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ଯାଇ ଅଂଶୁଘାତ ର ଭୟାବହତା ଓ ଏହା ପ୍ରତି ସତର୍କ ରହିବାକୁ ଜନ ସାଧାରଣଙ୍କୁ ପ୍ରେରଣା ଯୋଗାଉ ଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆ ଯାଉଥିବା ଜଣାପଡିଛି।

## ସିପିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା,୨୮।୪ (ସଂଚାର ବ୍ୟୁରୋ):** ସିପିଆଇ କେନ୍ଦ୍ରାପଡା ଶାଖା ପକ୍ଷରୁ ଦାବି ଦିବସ ପାଳନ କରାଯାଇ କେନ୍ଦ୍ରାପଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାସନ କାର୍ଡ, ଆୟୁଷ୍ମାନ କାର୍ଡର କେୱାସି କାର୍ଯ୍ୟକୁ ସାଧାରଣ ଲୋକେ ଜାଣିପାରୁ ନଥିବାରୁ ତାକୁ ପ୍ରଶାସନ ପକ୍ଷରୁ କରାଇ ଦିଆଯାଉ । କେନ୍ଦ୍ରାପଡା କେନାଲ ର ନବୀକରଣ କାର୍ଯ୍ୟ ତୁରନ୍ତ ସଂପୂର୍ଣ୍ଣ କରି ପାଣି ଛଡାଯାଉ । ସରକାର ପ୍ରତ୍ୟେକ ପରିବାର କୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦନ କରାଯିବା ସହ ବ୍ଲକକୁ ଆସୁଥିବା ଲୋକ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରାଯାଉ । ଚିଟଫଣ୍ଡ ଟଙ୍କା ଫେରସ୍ତ ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଅଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ପ୍ରମୋଦ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର: ଲୋକେ ଭୟଭୀତ

**ନାହିଁ ସୁରକ୍ଷା ବାଡ଼**

**ବାଉଁଶରେ ଝୁଲୁଛି ତାର**

**ନିରବଦ୍ରଷ୍ଟା ବିଦ୍ୟୁତ ବିଭାଗ**



**ମହାକାଳପଡ଼ା,୨୮।୪ (ସଂଚାର ବ୍ୟୁରୋ):** ଗ୍ରାମ ମଧଭାଗରେ ରହିଛି ଏକ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର। ପାଖରେ ବହୁ ପୁରୁଣା ଦୁଇଟି ଲୁହା ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଖୁଣ୍ଟ ସାରା କଳଙ୍କି ଲାଗିଛି। ଆଉ ସେହି ଖୁଣ୍ଟରେ ଦୁଇଟି ବାଉଁଶ ବନ୍ଧା ହୋଇ ବିଦ୍ୟୁତ ତାର ଗୁଡ଼ା ହୋଇଛି । ଟ୍ରାନ୍ସଫର୍ମରରୁ ସଂଯୋଗ ହୋଇଥିବା ମୁଖ୍ୟ କେବୁଲ ତାର ମାଟିରେ ଲୋଟୁଛି। ସବୁଠାରୁ ବଡ଼ କଥା ହେଉଛି ଯେ ଘର ନିକଟରେ ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ପାଇଁ ଲୋକମାନଙ୍କ ମଧରେ ଭୟର ବାତାବରଣ ଦେଖାଦେଇଛି। ଖାଲି ମଣିଷ କାହିଁକି ବୁଲା ଗାଈଗୋରୁ ମାନଙ୍କ ପାଇଁ ମଧ ଜୀବନ ହାନିର ଭୟ ରହିଛି।

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ଗ୍ରାମ ପଞ୍ଚାୟତର ଜାଲକଣା ଗ୍ରାମରେ ଦେଖିବାକୁ ମିଳିଛି ଏହି ବିଦ୍ୟୁତ ଟ୍ରାନ୍ସଫର୍ମର। ହନୁମନ୍ଦିର ନିକଟ ଗ୍ରାମର ରଙ୍ଗଲତା ପ୍ରଧାନଙ୍କ ଘର ପାଖରେ ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଯାହାକୁ ନେଇ ବିଭିନ୍ନ ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏନେଇ ବିଦ୍ୟୁତ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଗ୍ରାମବାସୀ କହିଛନ୍ତି। ବିଭାଗ ତରଫରୁ ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତରଣ ଅବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।



## ଖୋଲିଲା ଜଳଛତ୍ର

**ଡେରାବିଶ,୨୮।୪ (ସଂଚାର ବ୍ୟୁରୋ):** ସୋମବାର ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଡେରାବିଶ ବ୍ଲକ ଚାନ୍ଦୋଳ ବଜାର ଠାରେ ଜଳଛତ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଦୈତାରୀ ଜେନାଙ୍କ ନେତୃତ୍ୱରେ ହୋଇଥିବା ବେଳେ ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି ଏବଂ ଡେରାବିଶ ବ୍ଲକ ସଭାପତି ପ୍ରଫୁଲ୍ଲ ମଲ୍ଲ, ଜିବେନ୍ଦୁ ମଲ୍ଲିକ, ଅମୀୟ ପରିଡା, ସତ୍ୟରଞ୍ଜନ ପଣ୍ଡା, ସର୍ବେଶ୍ୱର ମଲ୍ଲିକ, ଭକ୍ତ ଚରଣ ମଲ୍ଲିକ, ଜୟନ୍ତ କୁମାର ଶତପଥୀ, ଆକାଶ ଦାସ, ସତ୍ୟ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତି ହୋଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ ଲୋକେ ଜଳପାନ କରିଥିଲେ ।




## ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଜନଗର,୨୮।୪ (ସଂଚାର ବ୍ୟୁରୋ):** ଚଳିତ ମାସ ୨୨ ତାରିଖ ମଙ୍ଗଳବାର ଦିନ ଜମ୍ମୁକାଶ୍ମୀରର ପହଲଗାମରେ ଭାରତୀୟ ପର୍ଯ୍ୟଟକ ପରିଭ୍ରମଣ କରୁଥିବା ସମୟରେ ପାକିସ୍ତାନ ଆତଙ୍କବାଦୀଙ୍କ ଆଖି ବୁଜା ଗୁଳି ମାଡରେ ୨୮ଜଣ ଭାରତୀୟ ପର୍ଯ୍ୟଟକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଯାହାକୁ ନେଇ ସମଗ୍ର ଦେଶରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନିଆ ଲୋକ ମାନଙ୍କ ମଧରେ ଦେଖିବାକୁ ମିଳିଛି। ଏହି ଘଟଣା କୁ ନେଇ ଆଜି ରାଜନଗର ଯୁବ ଛାତ୍ରଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବନେତା ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଗୋସିଗାଁ ଠାରୁ ବାହାରି ସାନବଡଗୋପାଳପୁର ବଜାର ପରିକ୍ରମା କରି ତ୍ରିନାଥ ବଜାରରେ ପହଞ୍ଚିଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରା ସହ ୧ମିନଟ ନିରବ ପାର୍ଥନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଦୁଭୁଷଣ ସ୍ୱାଇଁ, ପ୍ରମୋଦ କୁମାର ରାଉତ, ଜୀବନ ସେଠୀ, ଅରୁଣ କୁମାର ରାଉତ, ଦେବବ୍ରତ ରାଉତ ପ୍ରମୁଖଙ୍କ ସହିତ ଶତାଧିକ ଯୁବ ଛାତ୍ର ଯୋଗ ଦେଇ ପାକିସ୍ତାନ ବିରୋଧରେ ନାରବାଜି କରିଥିଲେ।

**ପଦାରେ ପଡ଼ିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ମହାଦୁର୍ନୀତି**

## ଭୁଶୁଡ଼ି ପଡ଼ିଲା ୪ଦିନ ତଳର ଗାର୍ଡୱାଲ୍



**ନିଶ୍ଚିନ୍ତକୋଇଲି,୨୮।୪ (ସଂଚାର ବ୍ୟୁରୋ):** ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ଗାଡ଼ୱାଲ ଭୁଶୁଡି ପଡ଼ିଲା। ଦୀର୍ଘଦିନ ହେଲା ପ୍ରଶାସନର ଜ୍ଞାତ ସାରରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି। ଯନ୍ତ୍ରୀ ଠିକାଦାର ଅସାଧୁ ମେଣ୍ଟକରି ସରକାରୀ ରାଜକୋଷରୁ କିପରି କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ତାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ନବ ନିର୍ମିତି ଗାଡ଼ୱାଲ ଭୁସୁଡ଼ି ପଡ଼ିବା ଘଟଣାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁର୍ନୀତି ଖୋର ମନବୃତ୍ତି ପଦାରେ ପଡ଼ିଛି।

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ନିଶ୍ଚିନ୍ତକୋଇଲି କାଜି ହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା ରହିଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ହେଲା କେନ୍ଦ୍ରାପଡ଼ା ଅଞ୍ଚଳର ଜୈନିକ ବାହୁବଳି ଠିକାଦାରଙ୍କ ମର୍ଜୀରେ ଓ ମନ୍ଥର ଗତିରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମାତ୍ର ଚାରିଦିନ ତଳେ ଏହି ରାସ୍ତାର ରାମକୃଷ୍ଣପୁର ଗ୍ରାମ ପଞ୍ଚାୟତ ଅର୍ଜୁନମହାରା ନିକଟରେ ୮ ନମ୍ବର (କ) ୨ (ଖ) କେନାଲ ମଝିରେ ବେପରୁଆ ଭାବେ ଗାଡ଼ୱାଲ ନିର୍ମାଣ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାୟୀ କରାଯାଇନଥିଲା। ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିଲା। ଠିକାଦାର ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ କରୁଥିଲେ ମଧ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ ନକରିବା ଫଳରେ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା କାରଣରୁ ଆଜି ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏହି ଗାଡ଼ୱାଲ ଭୁସୁଡ଼ି ପଡ଼ିଥିଲା। ଫଳରେ ଏହି ଗାଡ଼ୱାଲ ନିର୍ମାଣରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା କରାଯାଇ ଥିବାର ଅଭିଯୋଗ ହୋଇଛି। ଏହି ଗାଡ଼ୱାଲର ସ୍ଥାୟିତ୍ୱକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହି ଗାଡ଼ୱାଲ ନିର୍ମାଣରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଗଲେ ଅସାଧୁ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଅସଲ ମୁଖାର ପର୍ଦାଫାଶ ହୋଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମାର୍ଶାଘାଇରେ ମଧୁବାବୁଙ୍କ ଜୟନ୍ତୀ ପାଳିତ

**ମାର୍ଶାଘାଇ,୨୮।୪ (ସଂଚାର ବ୍ୟୁରୋ):** ମାର୍ଶାଘାଇରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ମାର୍ଶାଘାଇ ଏକଜୁକୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟ ରେ କାର୍ଯ୍ୟରତ ଆଇନଜୀବୀ ମାନଙ୍କ ପକ୍ଷରୁ ଏହି ଦିବସ ପାଳନ କରାଯିବା ସହିତ ଉତ୍କଳ ଗଠନ, ଆଇନ ବୃତ୍ତି ପରିଚାଳନା ନେଇ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଉପସ୍ଥିତ ଆଇନଜୀବୀମାନେ ଆଲୋଚନା କରିଥିଲେ । ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ପ୍ରତାପ କୁମାର ନାୟକ, ଶଙ୍କର୍ଷଣ ରାଉତ ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଗାହଣ,ଅତୁଲ୍ୟ କୁମାର ଦାସ, ଯଶୋବନ୍ତ ରାଉତ,ବୁଲୁକିଶୋର ବେହେରା, ଅଭିମନ୍ୟୁ ମଲିକ, ସୁଶାନ୍ତ ମହାପାତ୍ର, ପ୍ରବୀର କୁମାର ଦାସ, ଗଗନ ମହାପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନଜୀବି ବିଚିତ୍ରାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।




**ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ**

## ମଧୁବାବୁଙ୍କ ପାଇଁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଓଡ଼ିଶା




**ସାଲେପୁର,୨୮।୪ (ସଂଚାର ବ୍ୟୁରୋ):** ସାଲେପୁର ବଜାର ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ମଧୁବାବୁ ଏକା ଧାରାରେ ଜଣେ ସମାଜସେବୀ ଓ ଓଡ଼ିଆ ଜାତି ଲୋକମାନଙ୍କ ପାଇଁ ଚିନ୍ତା କରୁଥିଲେ। ଏହି ମାଟି ମଧୁବାବୁଙ୍କ ମାଟି ହୋଇଥିବାରୁ ଏହି ମାଟିକୁ ମୁଁ ପ୍ରଣାମ ଜଣାଉଛି। ମଧୁବାବୁଙ୍କ ପାଇଁ ଏହି ମାଟି ଖାଲି ଦେଶରେ ନୁହେଁ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ୍ର ସଭାପତି ମନୋଜ ମିଶ୍ର ଯୋଗଦେଇ ମଧୁବାବୁଙ୍କ ଜନ୍ମସ୍ଥାନ ସାଲେପୁରଠାରେ ଏଭଳି କାର୍ଯ୍ୟକ୍ରମ କରାଯାଉଥିବାରୁ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭାପତିଙ୍କୁ ସାଧୁବାଦ ଜଣାଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ବିଜୟ ଦାଶ, ବିଶିଷ୍ଟ ସାମ୍ବାଦିକ ଶ୍ରୀରାମ ଦାଶ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଜି ସନ୍ଧ୍ୟାରେ ଓଡ଼ିଶାର ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଓଲିଉଡ୍ ପ୍ଲେବ୍ୟାକ୍ ଗାୟକ ବର୍ଣ୍ଣାଳୀ ହୋତା ଓ ତାଙ୍କ ଗ୍ରୁପ୍ର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟରେ ଝଲସିଥିଲା ମଞ୍ଚ।

ସେହିପରି ଦ୍ୱିତୀୟ ଦିନ ସନ୍ଧ୍ୟାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର ଯୋଗଦେଇ ମଧୁବାବୁ ଏହି ମାଟିର ଗର୍ବ ଓ ଗୌରବ। ମଧୁବାବୁ ଯଦି ନଥାନ୍ତେ, ତେବେ ଓଡ଼ିଶା ନିଜର ପରିଚୟ ପାଇପାରିନଥାନ୍ତା ବୋଲି ସେ ପ୍ରକାଶ କରିଥିଲେ। ତେଣୁ ଏହି ମାଟି ମଧୁବାବୁଙ୍କ ପାଇଁ ଗର୍ବିତ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ଅଶ୍ୱିନୀ କୁମାର ଦାସଙ୍କ ସମେତ ଅତିଥିମାନେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ତାଙ୍କ ଟ୍ରୁପ୍ ପକ୍ଷରୁ ମନୋରଞ୍ଜନ ମେଲୋଡ଼ି ପରିବେଷଣ କରାଯାଇଥିବାବେଳେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଓ ସିମରନ୍ ଯୋଗଦେଇ ନିଜର କାର୍ଯ୍ୟକ୍ରମ ମାଧମରେ ଦର୍ଶକମାନଙ୍କୁ ବିଭୋଳିତ କରିଥିଲେ। ଏହି ଅବସରରେ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଏକ ସ୍ୱାକ୍ଷର ଅଭିଯାନ ଚାଲୁଥିବାବେଳେ ସ୍ୱାକ୍ଷର କରିବାପାଇଁ ନାହିଁନଥିବା ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଏଠାରେ

# ଲୋକଙ୍କ ସମସ୍ୟାର ସମାଧାନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**ମାହାଙ୍ଗାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୨ ଶହ ଅଭିଯୋଗ**



**ମାହାଙ୍ଗା,୨୮।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟୋ ଭାଓ ସାହେବ ସିନ୍ଧେ ଏହି ଶିବିରରେ ଉପସ୍ଥିତ ରହି ଲୋକଙ୍କଠାରୁ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଗୁଡିକ ଗ୍ରହଣ କରିବା ସହିତ ସେସବୁର ତତ୍କାଳ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ବାର୍ଦ୍ଧକ୍ୟ ଏବଂ ଶାରୀରିକ ଭିନ୍ନକ୍ଷମ ମାନଙ୍କ ବର୍ଦ୍ଧିତ ଭତ୍ତା କିପରି ସେମାନଙ୍କୁ ମିଳିବ ସେ ଦିଗରେ ନିଷ୍ପତ୍ତି ନିଆଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ନୂଆ ହିତାଧିକାରୀଙ୍କୁ ସାମିଲ ପାଇଁ ଯୋଗାଣ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପାନୀୟ ଜଳ ସମସ୍ୟା, ହସ୍ପିଟାଲ ଗୁଡିକରେ ଦେଖା ଦେଇଥିବା ବିଭିନ୍ନ ଅବ୍ୟବସ୍ଥା, ଆୟୁଷ୍ମାନ କାର୍ଡ ବଣ୍ଟନ, ରାସ୍ତା ନିର୍ମାଣ ଏବଂ ବିଦ୍ୟୁତ କାଟ ଓ ଉପଭୋକ୍ତାଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ୧୯୦ରୁ ଅଧିକ ଅଭିଯୋଗ ଉପରେ ଜିଲ୍ଲାପାଳ ଶୁଣାଣି କରିବା ସହିତ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଦିବ୍ୟ ରଞ୍ଜନ ଦେଓ, ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ତହସିଲଦାର ଶୁଭାଶିଷ ପାଲଟା, ବିଡ଼ିଓ ସନ୍ତୋଷ ଜେନା, ଆଇଆଇସି ତପନ କୁମାର ନାୟକ ପ୍ରମୁଖ ଏହି ଜନଶୁଣାଣି ଶିବିରରେ ଉପସ୍ଥିତ ଥିଲେ । ସେହିପରି ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ଜଙ୍ଗଲ, ଅବକାରୀ, ଶିଶୁ ଓ ମହିଳା ବିକାଶ, କୃଷି, ବିଦ୍ୟୁତ, ଯୋଗାଣ ଭଳି ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଜିଲ୍ଲାପାଙ୍କ ଜନ ଶୁଣାଣି କାର୍ଯ୍ୟକ୍ରରେ ଲୋକଙ୍କ ସମସ୍ୟାର ଆଶୁ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ମେମ୍ବର, ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ଥିଲେ ।

## ଭାରତର ପ୍ରଥମ ସମବାୟବିତ୍ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ପଟ୍ଟାମୁଣ୍ଡାଇ ସଦର,୨୮।୪ (ସଂଚାର ବ୍ୟୁରୋ):** ସମବାୟର ଜନକ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ସମଗ୍ର ଓଡ଼ିଶାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୃତଜ୍ଞ ତଥା ସ୍ୱାଭିମାନୀ ଓଡ଼ିଆ ନିଜଜାତି ତଥା ଅସ୍ମିତାର ପ୍ରତୀକ ମଧୁବାବଙ୍କୁ ମନେ ପକାଇ ସହରଠୁ ଗାଁ ବିଶେଷକରି ସମଗ୍ର ଓଡ଼ିଶାରେଥିବା ହଜାର ହଜାର ସମବାୟ ସମିତିରେ ମଧୁ ଜୟନ୍ତୀ ପାଳିତ ହୋଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ପ୍ରାଥମିକ କୃଷି ସମବାୟ ସମିତି ଅଣ୍ଡରା ଠାରେ ଅନୁରୂପ ଭାବେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜୟନ୍ତୀ ଉତ୍ସବ ଆରମ୍ଭ କରାଯାଇଥିଲା। ବରିଷ୍ଠ ନିର୍ଦ୍ଦେଶକ ତଥା ପ୍ରାକ୍ତନ ସଭାପତି ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଗତ ୨୨ ତାରିଖରେ କାଶ୍ମୀର ପହଲଗାମର ବୈସରନ ଘାଟିରେ ଉଗ୍ରବାଦୀଙ୍କ ଦ୍ୱାରା ନିହତ ପର୍ଯ୍ୟଟକଙ୍କ ଉଦେଶ୍ୟରେ ୧ମିନିଟ ନିରବ ପ୍ରାଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସଭାପତି ବୃନ୍ଦାବନ ମଲ୍ଲିକ, ଉପସଭାପତି ସାବିତ୍ରୀ ମହାନ୍ତି, ନିର୍ଦ୍ଦେଶକ ତ୍ରିନାଥ ମଲ୍ଲିକ, ଉଲ୍ଲାସ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ନାୟକ, ମଳୟ ମଲିକ, ଗୋବିନ୍ଦ ମଲିକ, ଅଭିରାମ ସେଠି, ପ୍ରଭାତ ସେଠି, ଗୀତାଞ୍ଜଳି ସେଠି, ପ୍ରାକ୍ତନ ନିର୍ଦ୍ଦେଶକ ଉମେଶ ମହାନ୍ତି, ପ୍ରଭାତ ରାଉତ, ନିରଞ୍ଜନ ସୁନ୍ଦରାୟ, ସମୀର ମଲ୍ଲିକ, ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ବିଶେଷଗୁଣାବଳୀକୁ ମନେପକାଇଥିଲେ। ଶେଷରେ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।




## ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ ସେଲେଷ୍ଟିଆ-୨୦୨୫

**ସାଲେପୁର,୨୮।୪ (ସଂଚାର ବ୍ୟୁରୋ):** ସାଲେପୁର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍ନୋଲୋଜିର ୪୨ତମ ବାର୍ଷିକ ଉତ୍ସବ 'ସେଲେଷ୍ଟିଆ-୨୦୨୫'ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ଡଃ ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଏସନ୍ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚ ଅନୁଷ୍ଠାନ ଓଲଟପୁରର ନିର୍ଦ୍ଦେଶକ ଡଃ ପତିତପାବନ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଫାର୍ମାସିଷ୍ଟମାନେ ସମାଜ ପ୍ରତି ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡଃ ସଂଘମିତ୍ରା ଭଞ୍ଜ ଯୋଗଦେଇ ସେବା ଓ କର୍ମ ହିଁ ମାନବ ଜୀବନର ପରମଧର୍ମ ବୋଲି କହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟି ସଭ୍ୟ ଡଃ ମହେନ୍ଦ୍ର କୁମାର ମହାନ୍ତି, ପୃଥିବୀବଲ୍ଲଭ ପଟ୍ଟନାୟକ, ସତ୍ୟନାରାୟଣ ଦାଶ, ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭିତ୍ତିଭୂମି ଓ ବିକାଶ ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କୁ ବଧାଇ ଜଣାଇଥିଲେ। ପରିଚାଳନା କମିଟିର ସଭାପତି ପ୍ରଫେସର ଦେବୀପ୍ରସାଦ ଦାଶ ଅତିଥିମାନଙ୍କ ସହିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରତିଷ୍ଠାତା ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଆଲ୍ମେନ୍ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ାରେ ପାରଦର୍ଶୀତା ଲାଭ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



# ବିଧାନସଭା ପରିସରରେ ମଧୁବାବୁ ଜୟନ୍ତୀ

**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଜୀବନ ଥିଲା ସଂଘର୍ଷମୟ। ସେ ସାରା ଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି। ଆଜି ବିଧାନସଭା ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରୋଜାଲିନ୍ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ୨ ତାରିଖ ଯାଏଁ କାଳବୈଶାଖୀ ବର୍ଷା

**ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ):** ୫ ଦିନ କାଳବୈଶାଖୀ ବର୍ଷା । ରାଜ୍ୟର ପ୍ରାୟ ସବୁ ଜିଲ୍ଲାକୁ ଆଲର୍ଟ । ଆଜି ଠାରୁ ମେ ୨ ତାରିଖ ଯାଏଁ ରାଜ୍ୟରେ କାଳବୈଶାଖୀ ବର୍ଷା। ଆଜିଠାରୁ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପାଇଁ ୫ଜିଲ୍ଲା ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ ଓ ଝାରସୁଗୁଡା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ସେହିଭଳି ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଏସବୁ ଜିଲ୍ଲାରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ନେଇ ପୂର୍ବାନୁମାନ ଜାରି କରାଯାଇଛି । ସେହିଭଳି ଆସନ୍ତାକାଲି ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଘଡଘଡି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତାକାଲି ପାଇଁ କେନ୍ଦ୍ରାପଡା, ଜଗତସିଂପୁର, କଟକ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଏସବୁ ଜିଲ୍ଲାରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଏପ୍ରିଲ ୩୦ ତାରିଖ ଦିନ ୨୦ରୁ ଅଧିକ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ମେ ୧ ତାରିଖରେ ୭ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବା ବେଳେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମେ ୨ ତାରିଖରେ ମଧ ବର୍ଷା ସମ୍ଭାବନା ରହିଛି। ୬ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

# ବିକଶିତ ଭାରତ ପାଇଁ ସମୟୋପଯୋଗୀ ଢାଞ୍ଚା ତିଆରି ଦରକାର:ଧର୍ମେନ୍ଦ୍ର




- 'ଲକ୍ଷ୍ୟ ୟୁପିଏସସି: ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକ ଉନ୍ମୋଚିତ
- ପୁସ୍ତକର ଲେଖକ ଡଃ ସଜ୍ଜନ ଯାଦବଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ
- ସମୟ ଅନୁସାରେ ନିଜକୁ ବିକଶିତ କରିବା ଦରକାର
- ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ପାଳନ କଲେ ହିଁ ୧୪୦ କୋଟି ଦେଶବାସୀଙ୍କର ଅଧିକାର ସୁରକ୍ଷିତ ଓ ସଶକ୍ତ ହେବ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଡଃ ସଜ୍ଜନ ଯାଦବଙ୍କ ଦ୍ୱାରା ଲିଖିତ 'ଲକ୍ଷ୍ୟ ୟୁପିଏସସି : ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି ।

ଶ୍ରୀ ପ୍ରଧାନ ଲେଖକ ଡଃ ଯାଦବଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ଅଭ୍ୟର୍ଥୀମାନଙ୍କର ଅଥକ ପରିଶ୍ରମ, ପୁରୁଷାର୍ଥ ଓ ସଂକଳ୍ପଶକ୍ତିକୁ ଦର୍ଶାଉଥିବା ଏହି ପୁସ୍ତକ, ପ୍ରଶାସନିକ ସେବା କରିବାକୁ ଚାହୁଁଥିବା ଅଗଣିତ ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା ସ୍ରୋତ ହେବ । ଏହି ପୁସ୍ତକ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଉପଯୋଗୀ ଓ ପ୍ରେରଣାଦାୟୀ ପଦକ୍ଷେପ । ସେ କହିଛନ୍ତି ଯେ ଗଣତନ୍ତ୍ରରେ ଅଧିକାରଗୁଡିକର ଯେତିକି ଦାୟିତ୍ୱ ଅଛି, କର୍ତ୍ତବ୍ୟର ମଧ୍ୟ ସେତିକି ମହତ୍ତ୍ୱ ଅଛି। ବଦଳୁଥିବା ସମୟ ସହିତ, ଆମର କର୍ତ୍ତବ୍ୟ ଏବଂ ଆକାଂକ୍ଷାଗୁଡ଼ିକର ସ୍ୱରୂପ ମଧ୍ୟ ବଦଳୁଛି । ସର୍ଦ୍ଦାର ପଟେଲ ସିଭିଲ ସେବାକୁ ଭାରତର 'ଷ୍ଟିଲ୍ ଫ୍ରେମ୍' ବୋଲି ଅଭିହିତ କରିଥିଲେ । ଆଜି ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଯେତେବେଳେ ଷ୍ଟିଲକୁ ଅଧିକ ଶକ୍ତିଶାଳୀ କରାଯାଉଛି, ଆମକୁ ସମୟ ଅନୁସାରେ ନିଜକୁ ବିକଶିତ କରିବା ଦରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିର୍ଦ୍ଧାରିତ ବିକଶିତ ଭାରତ- ୨୦୪୭ର ସଂକଳ୍ପକୁ ପୂରା କରିବା ପାଇଁ ଆମକୁ ସମୟୋପଯୋଗୀ ଢାଞ୍ଚା ତିଆରି କରିବା ଦରକାର । ସମସ୍ତଙ୍କୁ ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠାରେ ନିର୍ବାହ କରିବାକୁ ପଡ଼ିବ । ଯେତେବେଳେ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ପାଳନ କରିବେ, ସେତେବେଳେ ୧୪୦ କୋଟି ଦେଶବାସୀଙ୍କର ଅଧିକାର ସୁରକ୍ଷିତ ଓ ସଶକ୍ତ ରହିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

# ଯୋବ୍ରା ୟୁନାଇଟେଡ୍ ଗ୍ରୁପ ପକ୍ଷରୁ ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୨୮।୪(ସଂଚାର ବ୍ୟୁରୋ):** କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ହୋଇଥିବା ବିଭିନ୍ନ ରାଜ୍ୟର ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଯୋବ୍ରା ୟୁନାଇଟେଡ୍ ଗ୍ରୁପ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ବେହେରା ଓ ସଙ୍ଗଠନ ସମ୍ପାଦକ ଇଂ ସମରେଶ ଭୂୟାଁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଯୋବ୍ରା ଆଇ ଲଭ୍ କଟକ ପାର୍କ ନିକଟରୁ ବାହାରି ଯୋବ୍ରା ବ୍ୟାରେଜ ନିକଟରେ ଶେଷ ହୋଇଥିଲା। ଦଳମତ ନିର୍ବିଶେଷରେ ଅନେକ ନେତା, ଛାତ୍ରନେତା, କର୍ପୋରେଟର, ଆଇନଜୀବୀ, ସ୍ଥାନୀୟ ମୁରବୀମାନେ ଯୋଗଦାନ କରି ପାକିସ୍ତାନ ବିରୋଧୀ ନାରା ଦେବା ସହ ଏପରି ଏକ ଅମାନୁଷିକ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ପର୍ଯ୍ୟଟନସ୍ଥଳୀରେ ରକ୍ତ ବୁହାଇଥିବା ଆତଙ୍କୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ପରିଶେଷରେ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ପାଇଁ ନିରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଜ୍ୟୋତି ରଞ୍ଜନ ରାୟ, ଶୁଭାଶିଷ ମଙ୍ଗଲ, ସଂଗ୍ରାମ ରାଉତରାୟ, ଶ୍ରୀନିବାସ ରାଓ, ପ୍ରଶାନ୍ତ ନାୟକ, ଅଭିମନ୍ୟୁ ଦାସ, ଝିଲ୍ଲୀ ବେହାରୀ, କାମେଶ୍ୱର ରାଓ, ନିକୁଞ୍ଜ ପଶାୟତ, ଜୟଦେବ ଜେନା, ପ୍ରଫୁଲ୍ଲ ଜେନା, ରତ୍ନାକର ସାମଲ, ସୁବ୍ରତ ବେଉରା, ପ୍ରଭାତ ତ୍ରିପାଠୀ, ଅଂଶୁମାନ ରାଉତରାୟ, ଜ୍ଞାନ ରାୟ, ହରଦେବ ସିଂ, ଗାୟତ୍ରୀ ମଲ୍ଲ, ଅନନ୍ତ ସାମଲ, ସୁରେଶ ମହାନ୍ତି, ଆଶୁତୋଷ ଦାସ, ସଦାନନ୍ଦ ଦାସ, କୁନୁ ପୃଷ୍ଟି, ମିଥୁନ ସାମଲ, ତୁଷାରକାନ୍ତି ବେହେରା, ଜିତେନ୍ଦ୍ର ସାମଲ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାପାକୁ ପିଟିପିଟି ମାରିଦେଲେ ୨ ପୁଅ

**ପୁରୁଷୋତ୍ତମପୁର ,୨୮।୪ (ସଂଚାର ବ୍ୟୁରୋ) :** ପାରିବାରିକ କଳହର କରୁଣ ପରିଣତି। ବାପକୁ ପିଟିପିଟି ହତ୍ୟାକଲେ ଦୁଇ ପୁଅ । ଏଭଳି ଏକ ଅଭାବନୀୟ ଘଟଣା ପୁରୁଷୋତ୍ତମପୁର ଥାନା କୁଶପୁର ଗାଁରେ ଘଟିଛି। ମୃତକ ଜଣକ ହେଲେ ଗୋପାଳକୃଷ୍ଣ ସାହୁ। କୁଶପୁର ଗାଁର ଗୋପାଳକୃଷ୍ଣ ସବୁବେଳେ ତାଙ୍କ ସ୍ତ୍ରୀକୁ ମାରଧର କରୁଥିଲେ। ଏହାକୁ ୨ ପୁଅ ବାରଣ କରିଥିଲେ। ମା'କୁ କାହିଁକି ମାରପିଟ କରୁଛ ବୋଲି ୨ ପୁଅ କହିଥିଲେ। ସୋମବାର ପୁଣି ଗୋପାଳ ନିଜ ସ୍ତ୍ରୀକୁ ମାରପିଟ କରିଥିଲେ।ଏଥିରେ ଉତ୍ତ୍ୟକ୍ତ ହୋଇ ୨ ପୁଅ ନିଜ ବାପାକୁ ପିଟି ପିଟି ମାରି ଦେଇଥିଲେ। ଖବର ପାଇଁ ପୁରୁଷୋତ୍ତମପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇବା ସହ ୨ ପୁଅକୁ ଅଟକ ରଖିଛି।

# ୬ ମାମଲାରେ ୮ ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ୍



**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଆଜି ରାଜ୍ୟ କ୍ରାଇମବ୍ରାଞ୍ଚ ପୃଥକ୍ ମାମଲାରେ ୬ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ପୁରୀର ନୀଳାଦ୍ରୀ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଭକ୍ତମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ଠକେଇ ଅଭିଯୋଗରେ ଆଜି ଅଷ୍ଟମ ଅଭିଯୁକ୍ତକୁ ଗିରଫ କରାଯାଇଛି ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର।

ସେ ଦେଇଥିବା ସୂଚନାନୁସାରେ, ନୀଳାଦ୍ରୀ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ମାମଲାରେ ଆଗ୍ରାର ଅଂଶୁମାନ ଶର୍ମା ଓ ତାଙ୍କ ସହଯୋଗୀ ପ୍ରୟାଗରାଜର ଅରବିନ୍ଦ କୁମାରଙ୍କୁ ଗିରଫ କରାଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକଙ୍କ ଅଭିଯୋଗ ଆଧାରରେ ଠକେଇ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ ଅଭିଯୁକ୍ତମାନେ ଏକ ନକଲି ୱେବସାଇଟ୍ ଖୋଲି ଭକ୍ତମାନଙ୍କୁ ମୋବାଇଲ୍ ନମ୍ବର ଓ ହ୍ୱାଟସଆପ୍ ଜରିଆରେ ଯୋଗାଯୋଗ କରି ନୀଳାଦ୍ରୀ ଭକ୍ତ ନିବାସରେ ରହଣି ସୁନିଶ୍ଚିତ କରିବାକୁ ଅନଲାଇନ୍‌ରେ ଟଙ୍କା ଜମା କରିବାକୁ କହୁଥିଲେ। ଏଥିପାଇଁ ସେମାନେ କାନାରା ବ୍ୟାଙ୍କର ଏକ ସେଭିଙ୍ଗସ୍ ଆକାଉଣ୍ଟ ବ୍ୟବହାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ଲାପଟପ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ନୀଳାଦ୍ରୀ ଭକ୍ତ ନିବାସ ୱେବସାଇଟ୍‌ର ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଏବଂ ଗୋ-ଡାଡି ହୋଷ୍ଟିଂ ବିବରଣୀ ଜବତ କରାଯାଇଛି।

**ତୁଷାରକାନ୍ତିଙ୍କୁ ଠକେଇ ମାମଲାରେ ଅଷ୍ଟମ ଗିରଫଦାରୀ**

ସେହିପରି ତୁଷାରକାନ୍ତିଙ୍କଠାରୁ ହୋଇଥିବା ସାଇବର ଠକେଇ ମାମଲାରେ ଆଜି ଆକାଶ କେଶରୱାନୀ ନାମକ ଯୁବକଙ୍କୁ ପ୍ରୟାଗରାଜରୁ ଗିରଫ କରାଯାଇଛି। ସାଇବର ଠକମାନେ ତାଙ୍କଠାରୁ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ଠକିନେଇଥିଲେ। ଏହି ଅର୍ଥରୁ ୩ ଲକ୍ଷ ୭୦ ହଜାର ଟଙ୍କା ଆକାଶଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଏହାଛଡ଼ା କ୍ରାଇମବ୍ରାଞ୍ଚ ପକ୍ଷରୁ ୫୦/୨୦୨୪ ନମ୍ବରରେ ରୁଜୁ ମାମଲାରେ ପୁଲିସ ଗୁଜରାଟର ସୁରଟ ଅଞ୍ଚଳରୁ ହିତେଶଭାଇ ପାତ୍ର (୩୯ ବର୍ଷ) ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ବାଲେଶ୍ୱର ଜିଲ୍ଲାର ମୂଳ ବାସିନ୍ଦା ହୋଇଥିଲେ ହେଁ ସୁରଟରେ ୱେବସାଇଟ୍ ଡେଭଲପର୍ ଭାବେ କାର୍ଯ୍ୟ କରୁଥିଲେ। ପୁଞ୍ଜି ନିବେଶ ନାଁରେ ସେ ତା'ର କେତେକ ସହଯୋଗୀଙ୍କ ସହାୟତାରେ ପ୍ରାୟ ୧ କୋଟି ୨୮ ଲକ୍ଷ ଟଙ୍କା ଠକିନେଇଥିଲେ। ସେଥିରୁ ହିତେଶଙ୍କ ଆକାଉଣ୍ଟରେ ୨୭ ଲକ୍ଷ ଟଙ୍କା ଜମା ହୋଇଥିଲା। ତାଙ୍କ ନିକଟରୁ ୬ଟି ବ୍ୟାଙ୍କ ଚେକ୍‌ବୁକ୍, ୩୧ଟି ଡେବିଟ୍/କ୍ରେଡିଟ୍ କାର୍ଡ, ବିଭିନ୍ନ ନକଲି କମ୍ପାନୀର ୧୩ଟି ରବର ଷ୍ଟାମ୍ପ, ୧୨ ନମ୍ବର ମୋବାଇଲ୍ ହ୍ୟାଣ୍ଡସେଟ୍, ସିମ୍ କାର୍ଡ, ୪ ନମ୍ବର ପେନ୍ ଡ୍ରାଇଭ୍ ଏବଂ ବିଭିନ୍ନ ବେସରକାରୀ ପରିଚୟପତ୍ର ସାମଗ୍ରୀ ଜବତ କରାଯାଇଛି। ସେହିପରି ୬୦/୨୪ ନମ୍ବର ମାମଲାରେ ଅହମ୍ମଦାବାଦ ସର୍ଦ୍ଦାର ପଟେଲ ରିଙ୍ଗରୋଡ ଅଞ୍ଚଳରୁ ପାର୍ଥ ପରମାର (୨୫)ଙ୍କୁ ଗିରଫ କରାଯାଇଛି। ସେ ପୁଞ୍ଜି ନିବେଶ ନାଁରେ ସାଢ଼େ ୭ କୋଟି ଟଙ୍କା ଠକିନେଇଥିଲେ। ପୁଲିସ୍ ତାଙ୍କଠାରୁ ମୋବାଇଲ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ କରିଛି। ଆହୁରି ୫୭/୨୦୨୪ ନମ୍ବର ମାମଲାରେ ଗୁଜରାଟ, ବେମ୍ବାର୍ଡି, ବୋଲୋଧାମ ଅଞ୍ଚଳରେ ରହୁଥିବା ଠକ୍କର କରସାନଜୀ ସୋଭାଜୀ (୪୮) ଓ ଗୁଜରାଟ, ଖେଡା ଜିଲ୍ଲା, କପାଡଭଞ୍ଜ ଅଞ୍ଚଳର ବାସିନ୍ଦା କୁରେଶି ମହମ୍ମଦ ଅସଲମ୍ (୩୧ ବର୍ଷ)ଙ୍କୁ ଗିରଫ କରାଯାଇଛି। ଉଭୟ ୮୭.୮ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଥିଲା। ସେମାନଙ୍କଠାରୁ ମୋବାଇଲ୍, ଆଧାର କାର୍ଡ, ପାନ କାର୍ଡ ଆଦି ଜବତ କରାଯାଇଛି।

ସେହିପରି ୩/୨୫ ନମ୍ବର ମାମଲାରେ ଉତ୍ତରପ୍ରଦେଶ ପ୍ରୟାଗରାଜର ଆକାଶ କେଶରୱାନି (୩୩)ଙ୍କୁ ଗିରଫ କରାଯାଇଛି। ସେ ପୁଞ୍ଜି ନିବେଶ ନାଁରେ ୧.୪ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଛି। ତାଙ୍କ ନିକଟରୁ ମୋବାଇଲ୍, ଆଧାର କାର୍ଡ, ପାନ କାର୍ଡ ସାମଗ୍ରୀ ଜବତ କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ୍ ଆଇଜି ସାର୍ଥକ ଷଡଙ୍ଗୀ ଓ ଡିଆଇଜି ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ ।

# ବାଙ୍ଗିରିପୋଷି ଷ୍ଟେସନ୍‌ରୁ ରୂପାନ୍ତରିତ ଟ୍ରେନ୍ ସେବା ଆରମ୍ଭ



**ଭୁବନେଶ୍ୱର, ୨୮। ୪(ସଂଚାର ବ୍ୟୁରୋ):** ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସକୁ ଆଧୁନିକ ଲିଙ୍କେ ହଫମାନ ବୁଶ (ଏଲ୍ଏଚ୍‌ବି) କୋଚ ଚଳାଚଳ କରାଯିବା ପାଇଁ ରୂପାନ୍ତରିତ କରାଯାଇଛି। ଏହା ଯାତ୍ରୀମାନଙ୍କୁ ଉନ୍ନତ ନିରାପତ୍ତା ଓ ଆରାମ ପ୍ରଦାନ କରିବ। ଆଜି ପୂର୍ବାହ୍ନରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ଏହି ରୂପାନ୍ତରିତ ଟ୍ରେନ ସେବା ଆରମ୍ଭ ହୋଇଛି। ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହ ନିୟମିତ ସେବା ଆସନ୍ତାକାଲିଠାରୁ ପୁରୀରୁ ଓ ଆସନ୍ତା ୩୦ରୁ ବାଙ୍ଗିରିପୋଷିରୁ ଆରମ୍ଭ ହେବ। ପୂର୍ବରୁ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ କୋଚ ସହିତ ଚଳାଚଳ କରୁଥିଲା। ରୂପାନ୍ତରିତ ଟ୍ରେନ୍ ସଂରଚନାରେ ଗୋଟିଏ ଏସି ଚେୟାର କାର, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଓ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ଆଜି ବାଙ୍ଗିରିପୋଷିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଓ ସାରସକଣା ବିଧାୟକ ଭାଦବ ହାଁସଦା ଉପସ୍ଥିତ ଥିଲେ। ଏଲଏଚବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍ ପାଇଁ ଯାତ୍ରୀ ସୁବିଧା ଓ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଭୁବନେଶ୍ୱରରେ ରାଜ୍ୟ ରାଜଧାନୀ ମଧ୍ୟଦେଇ ଓଡ଼ିଶାର ଉପକୂଳ ଓ ଉତ୍ତର ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଛି।

# ହଜାରେ ଟଙ୍କା ଭତ୍ତା ପାଇଁ ଖର୍ଚ୍ଚ ୫ ଶହ

**୭୦ କିମି ଦୌଡ଼ୁଛନ୍ତି ୭୦ ବର୍ଷୀୟା ବୃଦ୍ଧା**

**ଗଜପତି,୨୮।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବୃଦ୍ଧବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦରେ ହଜାରେ ଟଙ୍କା ଦେଉଛନ୍ତି। ଏହି ଟଙ୍କାରେ ନିଜର ଖର୍ଚ୍ଚ ଚଳାଇ କୌଣସି ବୃଦ୍ଧବୃଦ୍ଧା ଅନ୍ୟ କାହା ଉପରେ ବିଶେଷ ବୋଝ ହେବେ ବୋଲି ସରକାର ଆଶା ରଖିଛନ୍ତି। ସେହିପରି ବିଧବା ଭତ୍ତା ମଧ୍ୟ ସ୍ୱାମୀଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ ମହିଳାଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବା ଦିଗରେ ସହାୟକ ହୋଇଥାଏ। କିନ୍ତୁ ଗଜପତି ଜିଲ୍ଲାର ୭୦ ବର୍ଷୀୟା ବୃଦ୍ଧା ମାସକୁ ଯଦିଓ ସରକାର ହଜାରେ ଟଙ୍କାର ଭତ୍ତା ଦେଉଛନ୍ତି, କିନ୍ତୁ ତାଙ୍କୁ ଏଥିରୁ ୫ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କାରଣ ଭତ୍ତା ଗଣ୍ଡାକ ପାଇବା ପାଇଁ ତାଙ୍କୁ ୬୦ କିମି ଦୂର ପର୍ଯ୍ୟନ୍ତ ଯିବାକୁ ପଡୁଛି। ଏପରି ଦୁଃସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି ଗଜପତି ଜିଲ୍ଲା ମୋହନା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ବଗି ଶବର। ଗୋବିନ୍ଦପୁର ପଞ୍ଚାୟତ କଇଠପଦା ଗାଁର ବଗିଙ୍କ ବୟସ ପାଖାପାଖି ୭୦। ୧୦ ବର୍ଷ ପୂର୍ବରୁ ସ୍ୱାମୀ ସୁରତନାଙ୍କ ସହ ଆର.ଉଦୟଗିରି ବ୍ଲକ୍ ଛେଲାଗଡ ପଞ୍ଚାୟତରେ ରହୁଥିଲେ ସେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେଠାରେ ବିଧବା ଭତ୍ତା ପାଉଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ବଗି ନିଜ ପୁଅମାନଙ୍କ ପାଖରେ ଆଶ୍ରୟ ନେବାକୁ ଗାଁକୁ ଆସିଲେ। କିନ୍ତୁ ପୁଅମାନେ ତାଙ୍କୁ ପଚାରୁନାହାନ୍ତି। ଦୀର୍ଘ ୮ ବର୍ଷ ହେଲାଣି ବଗି ନିଜ ଗାଁରେ ରହିଆସୁଛନ୍ତି। ସେ ଗୋବିନ୍ଦପୁର ପଞ୍ଚାୟତରେ ଚାଉଳ ପାଉଥିବା ବେଳେ ଭତ୍ତା ପାଇଁ ୬୦ କିମି ଦୂର ଆର. ଉଦୟଗିରି ବ୍ଲକ୍ ଛେଲାଗଡ ପଞ୍ଚାୟତକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିରେ ତାଙ୍କର ପାଖାପାଖି ୫୦୦ ଟଙ୍କା ଖର୍ଚ୍ଚ ହେଉଛି। ଏ ସମ୍ପର୍କରେ ମୋହନା ବିଡିଓ ରାଜୀବ ଦାସଙ୍କୁ ପଚରାଯିବାରେ ସେ କହିଛନ୍ତି ଯେ ଦରଖାସ୍ତ କଲେ ଆସନ୍ତା ମାସରୁ ବଗି ଗୋବିନ୍ଦପୁର ପଞ୍ଚାୟତରୁ ଭତ୍ତା ପାଇବେ। ସେହିପରି ବଗି କହିଛନ୍ତି ଯେ ତାଙ୍କୁ ଦୀର୍ଘ ପଥ ଯିବାକୁ ପଡୁଥିବାରୁ ଏ ବାବଦରେ ତାଙ୍କୁ ମାସିକ ୫ରୁ ୬ ଶହ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଗାଁ ପାଖରେ ଭତ୍ତା ଗଣ୍ଡାକ ମିଳିଲେ, ତାଙ୍କୁ ଆଉ ଖର୍ଚ୍ଚାନ୍ତ ହେବାକୁ ପଡ଼ନ୍ତା ନାହିଁ। ତା'ଛଡ଼ା ପରିଣତ ବୟସରେ ଗାଡ଼ି ମଟରରେ ଯିବାଆସିବା କରିବା ମଧ୍ୟ ତାଙ୍କ ପାଇଁ ଢେର୍ ସମସ୍ୟା ସୃଷ୍ଟି କରୁଛି। ତେଣୁ ତାଙ୍କୁ ଭତ୍ତା ଗଣ୍ଡାକ କିପରି ଗାଁ ପାଖରେ ମିଳିପାରିବ, ସେଦିଗରେ ସ୍ଥାନୀୟ ଜନପ୍ରତିନିଧି ତାଙ୍କୁ ସହଯୋଗ କରିବାକୁ ବଗି ନିବେଦନ କରିଛନ୍ତି।

## ମୁଖ୍ୟ ସଚିବଙ୍କୁ ଭେଟିଲେ ଆଇଏଏସ୍ ପ୍ରୋବେସନର୍ ଅଧିକାରୀ

**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଆଜି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଓଡ଼ିଶା କ୍ୟାଡରର ପ୍ରୋବେସନର ଅଧିକାରୀମାନେ ସାକ୍ଷାତ କରିଛନ୍ତି। ଲୋକସେବା ଭବନ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ୨୦୨୪ ବ୍ୟାଚ୍‌ର ଏହି ଅଧିକାରୀମାନେ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ ଢାଞ୍ଚା, କାର୍ଯ୍ୟକାରୀ ହେଉଥିବା ଯୋଜନା, କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ ସଂପର୍କରେ ଶ୍ରୀ ଆହୁଜା ସେମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟର କଳା, ସଂସ୍କୃତି, ଭାଷା-ସାହିତ୍ୟ, ଭାସ୍କର୍ଯ୍ୟ ଆଦି ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ।ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ସଚେତନ ରହି ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟପରାୟଣତାର ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। ତୃଣମୂଳ ସ୍ତରକୁ ଅଧିକାରୀ ଭାବେ ନୁହେଁ ବରଂ ସାଧାରଣ ଲୋକ ଭାବେ ଅଙ୍ଗନବାଡ଼ି କେନ୍ଦ୍ର, ବିଭିନ୍ନ ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସର୍ବସାଧାରଣ ବ୍ୟବହାର କରୁଥିବା ସେବା ସ୍ଥାନକୁ ଯାଇ ଲୋକଙ୍କ ସମସ୍ୟା ଓ ସାମାଜିକ ବିଧିବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇପାରିଲେ ନିଜ କର୍ମକ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାରେ ସହାୟକ ହେବ । ଓଡ଼ିଶା ଆଜି ଶିଳ୍ପ, ବୟନ, କୃଷି, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଅଗ୍ରସର ହେଉଥିବାରୁ ଏହି ଧାରାରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ । ଏହା ପୂର୍ବରୁ ଉକ୍ତ ଅଧିକାରୀମାନେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ରାଜ୍ୟରେ ଗରିବୀ ହାରରେ ଦ୍ରୁତ ହ୍ରାସ ହେବା ସହ ବର୍ତ୍ତମାନ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ର ପାଇଁ ବଜେଟରେ ଅଧିକ ଆର୍ଥିକ ବ୍ୟୟବରାଦ କରାଯାଉଥିବା ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ। ଏହି ଅବସରରେ ଗୋପବନ୍ଧୁ ଏକାଡେମୀର ଏଡିଜି ମନୀଷ ଅଗ୍ରୱାଲ ଉପସ୍ଥିତ ଥିଲେ।



## ଗୋଟିଏ ନମ୍ବର ପ୍ଲେଟରେ ୨ ବସ୍, ଜବତ କଲା ପୁଲିସ୍

**ଭବାନୀପାଟଣା,୨୮।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ସମାନ ନମ୍ବର ପ୍ଲେଟ ଥାଇ ୨ଟି ଘରୋଇ ବସ୍ ଚାଲୁଥିବାବେଳେ ପରିବହନ ଓ ପୋଲିସ ବିଭାଗ ହାତରେ ଧରାପଡିଛି। ମାଣିକେଶ୍ୱରୀ ଟ୍ରାଭେଲ୍ସର ଏହି ୨ଟି ଏକ୍ସପ୍ରେସ ବସ୍ କଳାହାଣ୍ଡିରୁ କଟକ, ଭୁବନେଶ୍ୱରକୁ ଯାଉଥିଲା। ଏହି ୨ଟି ବସ୍‌ର ନମ୍ବର ଓଡି୦୮ଜି- ୩୧୮୮ ରହିଛି। ପରିବହନ ବିଭାଗ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ୨ ବସ୍‌କୁ ଜବତ କରାଯାଇଛି ବୋଲି କହିଛନ୍ତି।

# ବହୁ ସୁବିଧା ନେଇଛନ୍ତି ବିଦେଶୀ ନାଗରିକ

**ଭୁବନେଶ୍ୱର,୨୮।୪:** ଓଡ଼ିଶାରୁ ଏବେ ବିଭିନ୍ନ ଜିଲ୍ଲାରେ ବହୁ ସଂଖ୍ୟକ ବିଦେଶୀ ନାଗରିକ ଭୋଟର କାର୍ଡ ହାତେଇବା ସହ ଆଧାରକାର୍ଡ ଓ ରାସନକାର୍ଡର ସୁବିଧା ବି ପାଉଛନ୍ତି । କେବଳ ସେତିକି ନୁହେଁ, କେତେକ ବିଦେଶୀ ନାଗରିକ ମଧ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ସହିତ ଆବାସ ଯୋଜନାରେ ଘର ମଧ୍ୟ ପାଇଛନ୍ତି।

ବିଭିନ୍ନ ଅଞ୍ଚଳରୁ ଏଭଳି ଅଭିଯୋଗମାନ ଆସିବାପରେ କ୍ଷେତ୍ର ସ୍ତରରେ ସ୍ଥିତି ଅନୁଧ୍ୟାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନୀ ନାଗରିକମାନେ ଭାରତ ଛାଡି ଚାଲିଯିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ୧୨ଜଣ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବିତାଡନ ପ୍ରକ୍ରିୟା ଚାଲିଛି। ରାଜଧାନୀ ଭୁବନେଶ୍ୱରଠାରୁ ବଲାଙ୍ଗିର, ବାଲେଶ୍ୱର, କେନ୍ଦ୍ରାପଡା ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଅନେକ ବିଦେଶୀ ନାଗରିକ ବେଆଇନ୍ ଭାବେ ଭାରତରେ ରହିଥିବା ଜଣାପଡିଛି ।

ଇତି ମଧ୍ୟରେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଯେଉଁଠି ବିଦେଶୀମାନେ ରାସନ କାର୍ଡ ହାତେଇଛନ୍ତି ତୁରନ୍ତ ସେହି ରାସନକାର୍ଡଗୁଡିକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବହୁ ସ୍ଥାନରେ ଅବୈଧ ଭାବେ ରହିଥିବା ଅନେକ ବିଦେଶୀ ନାଗରିକ କୌଣସି ପ୍ରକାରେ ଭୋଟର ତାଲିକାରେ ସେମାନଙ୍କର ନାମ ଦରଜ କରାଇ ଭୋଟର ପରିଚୟପତ୍ର ଓ ଆଧାରକାର୍ଡ ହାତେଇବା ସହ ପଞ୍ଚାୟତ, ପୌର, ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟ ଦେଇ ଆସୁଥିବା ଘେନି ଅଭିଯୋଗମାନ ହେଉଛି। ଏହି ପରିପ୍ରେକ୍ଷୀରେ ବୁଥ୍ ସ୍ତରରେ ତଦନ୍ତ କରାଯାଇ ବିଦେଶୀ ନାଗରିକମାନଙ୍କର ନାମ ଭୋଟର ତାଲିକାରୁ ହଟାଇବା ଏବଂ ସେମାନଙ୍କ ଭୋଟର ପରିଚୟପତ୍ର ଆଧାର, କାର୍ଡ ଆଦିକୁ ବାତିଲ କରିବା ସଙ୍ଗେ ସଙ୍ଗେ କେଉଁମାନେ କେତେ ପରିମାଣର ଫାଇଦା ସରକାରଙ୍କ ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା ଓ ଅନ୍ୟ ଯୋଜନାରୁ ହାତେଇଛନ୍ତି, ତା'ର ବି ତଦନ୍ତ କରାଯିବ ବୋଲି ଶୁଣାଯାଉଛି । ଏ ପରିପ୍ରେକ୍ଷୀରେ ଶାସକ ଓ ବିରୋଧିଦଳର କେତେକ ନେତା ଗଣମାଧ୍ୟମରେ ଏହି ଘଟଣା ଘେନି ପରସ୍ପର ପ୍ରତି କାଦୁଅଫିଙ୍ଗା ରାଜନୀତି ଆରମ୍ଭ କରିଛନ୍ତି । ଅଭିଯୋଗ ହେଉଛି ଯେ ରାଜନୈତିକ ପୃଷ୍ଠପୋଷକତାରେ ବିଦେଶୀ ନାଗରିକମାନଙ୍କୁ ଆମ ରାଜ୍ୟର କେତେକ ଅଞ୍ଚଳରେ ବେଆଇନ୍ ଭାବେ ରଖାଯିବା ସହିତ ସେମାନଙ୍କ ନାମ ବି ଭୋଟର ତାଲିକାରେ ଯୋଡିବା ସଂଗେ ସଂଗେ ଅନ୍ୟାନ୍ୟ ସରକାରୀ ସୁବିଧା ବାବଦରେ ବିପୁଳ ଅର୍ଥ ରାଜକୋଷରୁ ବରବାଦ କରାଯାଇଛି ।

କେବଳ ପାକିସ୍ତାନୀ ନୁହନ୍ତି, ଓଡ଼ିଶାରେ ବେଆଇନ୍ ଭାବେ ବହୁ ବଙ୍ଗଳାଦେଶୀ ନାଗରିକ ଓ ରୋହିଙ୍ଗ୍ୟା ଶରଣାର୍ଥୀ ମଧ୍ୟ ରହିଥିବା ଜଣାପଡିଛି। ବିଶେଷକରି ଜଳପଥରେ ବେଆଇନ୍ ଭାବେ ବଙ୍ଗଳାଦେଶରୁ ଅନୁପ୍ରବେଶକାରୀମାନେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ ଆଦି ଜିଲ୍ଲାକୁ ଆସିଥିବା ଘେନି ବର୍ଷ ବର୍ଷ ଧରି ଚର୍ଚ୍ଚା ହେଉଛି। ଏମିତିକି ଅତୀତରେ ସେମାନେ ଏଠାରେ ସ୍ଥାପନ କରିଥିବା ବେଆଇନ୍ ରେଡିଓକେନ୍ଦ୍ର ମଧ୍ୟ ଧରାପଡିଥିଲା। (ତଥ୍ୟ)

**ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତେଜ ବାହାଦୁର ଲାଲ ଜଣେ ଋଣ ଖିଲାପକାରୀ ଅଟନ୍ତି (OPDR Case No. 37/2018) । ଯଦି କୌଣସି ବ୍ୟକ୍ତି ତାଙ୍କର ଉତ୍ତରାଧିକାରୀ ଅଟନ୍ତି ତେବେ ସବିଶେଷ ତଥ୍ୟ ସହିତ ଇସ୍ତାହାର ପ୍ରକାଶନର ୭ ଦିନ ମଧ୍ୟରେ ତହସିଲଦାର, ଭୁବନେଶ୍ୱରଙ୍କ ଇଜଲାସରେ ଉପସ୍ଥିତ ରହି ନିଜ ପକ୍ଷ ରଖନ୍ତୁ। ନଚେତ୍ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ତହସିଲଦାର, ଭୁବନେଶ୍ୱର**

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଯାଇ ପାରିନୁ ଯାଇ ନାହାନ୍ତି। ଯାହା କେଉଁଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆଉ ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର

୪ ମଙ୍ଗଳବାର ୨୯ ଏପ୍ରିଲ ୨୦୨୫, ଭୁବନେଶ୍ୱର
Tuesday 29 April 2025 Bhubaneswar

# ପାକିସ୍ତାନର ଆଶଙ୍କା

ପହଲଗାମ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୀମାରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଉଭୟ ପକ୍ଷ ଏବେ ସମ୍ଭାବ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସମ୍ମୁଖ ଯୁଦ୍ଧ ହେଲେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେବ। କିନ୍ତୁ ଭାରତ ଆଭିମୁଖ୍ୟ ଯୁଦ୍ଧ ଘୋର ନୁହେଁ। ବାଧ୍ୟ ହୋଇ ଏହା ପାକିସ୍ତାନ ବିରୋଧରେ ଯୁଦ୍ଧ ପ୍ରସ୍ତୁତି କରୁଛି। ଦୁଇମାସ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ବେଳେ ଦୁଇ ଦେଶ ମଧ୍ୟ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମହତ୍ତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଭାରତକୁ ଆମେରିକା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଲଢ଼ୁଆ ବିମାନ ପ୍ରଦାନ କରିବ। ଚୀନର ମୁକାବିଲା ପାଇଁ ଆମେରିକା ଭାରତକୁ ଏହି ସହାୟତା ପ୍ରଦାନ କରୁଛି। ଏଥିରେ ଚୀନ ଅପେକ୍ଷା ପାକିସ୍ତାନ ଅଧିକ ବ୍ୟସ୍ତ ବିବ୍ରତ ହୋଇପଡ଼ିଛି। ଭାରତକୁ ଆମେରିକାର ଏହି ସାମରିକ ସହାୟତା ଦକ୍ଷିଣ ଏସିଆରେ ଉତ୍ତେଜନା ଏବଂ ଅଶାନ୍ତି ସୃଷ୍ଟି କରିବ। ସମଗ୍ର ଅଞ୍ଚଳରେ ଏହା ଦ୍ୱାରା ଅସ୍ତ୍ର ପ୍ରତିଯୋଗିତା ସୃଷ୍ଟି ହେବ ବୋଲି ପାକିସ୍ତାନ କହିଛି। ଏହାର ଯଥାର୍ଥତା ନାହିଁ। ସାମରିକ ଦୃଷ୍ଟିରୁ ଭାରତ କେବଳ ଚୀନ ସହ ସମକକ୍ଷ ହେବାକୁ ଉଦ୍ୟମ କରୁଛି। ପାକିସ୍ତାନ ସହ ଭାରତର ମୁକାବିଲା ହେଉନି। ପାକିସ୍ତାନର ଆର୍ଥିକ ସ୍ଥିତି ଯାହା ସେଥିରେ ଏହା ଅସ୍ତ୍ରଶସ୍ତ୍ର କ୍ରୟ କରିବା ସମ୍ଭବ ନୁହେଁ। ଚୀନ ଏବଂ ଋଷିଆରୁ ଏହା ସାମରିକ ସହାୟତା ପାଉଛି। କିନ୍ତୁ ଏହା ଦ୍ୱାରା ପାକିସ୍ତାନ ଭାରତର ସମକକ୍ଷ ହୋଇପାରିବ ନାହିଁ। କାରଣ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଧିରେ ଧିରେ ଆତ୍ମନିର୍ଭରଶୀଳ ହେଉଛି। ଭାରତରେ ନିଜସ୍ୱ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କେବଳ ଆମେରିକା ନୁହେଁ, ଫ୍ରାନ୍ସରୁ ମଧ୍ୟ ଭାରତ ଲଢ଼ୁଆ ବିମାନ ଖରିଦ କରୁଛି। ଭାରତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଅର୍ଥନୀତିରେ ମେମ ଦେଶର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରା ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ଋଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌ:ସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌ:ସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌ:ଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌ:ଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌ:ଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌ:ମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା। ଏହାକୁ ନେଇ ସଂକୀର୍ଣ୍ଣ ରାଜନୀତି ସ୍ପୃହଣୀୟ ନୁହେଁ। ପାକିସ୍ତାନ ଏଥିରେ ବିଚଳିତ ହେବାର କାରଣ ନାହିଁ। କାରଣ ଭାରତର ଏହି ସାମରିକ ପ୍ରସ୍ତୁତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ଭାରତ କେଉଁଣସି ଦେଶକୁ କେବେ ଆକ୍ରମଣ କରିବ ନାହିଁ ଯେ ପର୍ଯ୍ୟନ୍ତ ଏହାର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହୋଇନାହିଁ। ତେଣୁ ପାକିସ୍ତାନ ଅଯଥାରେ ଅସ୍ତ୍ରଶସ୍ତ୍ର ବାବଦରେ ବିପୁଳ ଅର୍ଥ ବ୍ୟୟ କରୁଛି। ଏହା ପରିବର୍ତ୍ତେ ଆର୍ôଥକ ଦୃଷ୍ଟିରୁ ପାକିସ୍ତାନ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ କରିବା ଉଚିତ। ଦେଶରେ ଘୋର ଖାଦ୍ୟାଭାବ ଦେଖାଦେଇଛି। ତେଣୁ ପାକିସ୍ତାନ ସରକାର ଖାଦ୍ୟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉଚିତ। ଭାରତ ସହ ଉତ୍ତମ ସମ୍ପର୍କ ରକ୍ଷା କଲେ ବରଂ ଭାରତ ଏହାକୁ ସାମରିକ ସହାୟତା ପ୍ରଦାନ କରିବ ଏବଂ ବିପଦ ବେଳେ ସହଯୋଗର ହାତ ବଢ଼ାଇବ। ସେହିପରି ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶ ମଧ୍ୟ ଅଯଥା ଭାରତ ସହ କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଛି। ଭାରତ ସହ କୌ:ଣସି ଦୃଷ୍ଟିରୁ ପାକିସ୍ତାନ ସମକକ୍ଷ ନୁହେଁ। ଭାରତ ସର୍ବଦା ବାଂଲାଦେଶକୁ ନିଜର ଏକ ବନ୍ଧୁ ରାଷ୍ଟ୍ର ବୋଲି ବିବେଚନା କରେ। ତେଣୁ ବାଂଲାଦେଶ ଭାରତକୁ ନିଜର ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱି ବୋଲି ବିଚାର କରିବାର ଯଥାର୍ଥତା ନାହିଁ।

# ତୃଷାର୍ତ୍ତଙ୍କୁ ଜଳଦାନ କରନ୍ତୁ ଅକ୍ଷୟ ତୃତୀୟାରେ



## ପୁଷ୍ପମିତ୍ର ମହାପାତ୍ର

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ। ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧ୍ୟାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ। ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ। ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ। ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ। ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ-ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ। ଏହାକୁ ଅକ୍ଷିମୁଠି କହନ୍ତି। ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି। ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ। କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ-'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ'। ତେଣୁ ଏହାର ନାମ ଅକ୍ଷୟ ତୃତୀୟା।

ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀ ପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ



ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବି ପରିବାର ଉକ୍ତି ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ।

ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି। ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି। ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱେତ ବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି। ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସ୍ୱର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ। କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖୀ ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ। କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ôଚ ବସୁଧା ମାତାର ପୂଜନ କରାଯାଏ। ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ। ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକ୍ରମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଐଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ। ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରି ଗୃହିଣୀ କୃଷକ ଘରକୁ ଫେରିଲେ ଅପେକ୍ଷାରତ କୃଷକର ସାଦକୁ ସମସ୍ତ ପଦାର୍ଥ ସଜାଡ଼ି ରଖି ଆନୀତ ମୁଠି ଅନୁକୂଳ ପିଠାପଣା ଗ୍ରାମର ଶିଶୁମାନଙ୍କୁ ବିତରଣ ପୂର୍ବକ ପ୍ରସ୍ତୁତ ପିମ୍ପେଦଙ୍କୁ ପ୍ରଦାନ କରନ୍ତି। ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ। ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# ଭ୍ରଷ୍ଟାଚାର



## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହି ଶବ୍ଦଟି ଅନେକ କ୍ଷେତ୍ରରେ ଲାଗିପାରେ। ଗ୍ରହଟି କକ୍ଷଚ୍ୟୁତ ହେଲେ ତାର ପାଇଁ ଧାର୍ଯ୍ୟ ଗତିର ସମୟ ସୀମା ତାର ଅନୁକୂଳ ଫଳ ପ୍ରତିକୂଳ ଫଳ ଯାହା ନିୟମାକ ମାନେ ଧାର୍ଯ୍ୟ ରଖିଛନ୍ତି ତାହା ଗଣ୍ଡଗୋଳ ହୋଇଥାଏ। ସେ ପରି ଭ୍ରଷ୍ଟାଚାରୀକୁ କୌଣସି ପ୍ରକୃତର ନିମୟରେ ରହିବାରେ ଚଳିବା ଦେଖାଯାଏ ନାହିଁ। ଅଭାବରୁ ସ୍ୱଭାବ ନଷ୍ଟ। ଅଭାବ କାହିଁକି ହୁଏ? ଗୃହୀଜନରେ ଥିଲାବାଲା ଅଛନ୍ତି ନଥିଲାବାଲା ଅଛନ୍ତି। ନଥିଲାବାଲା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଚାଲୁଥିଲେ କଷ୍ଟରେ ନିଜର ଜୀବନ ନିର୍ବାହ କରୁଥିବେ। ଖାଦ୍ୟ ମୁଠିକ ପାଇଁ କୁଟୁମ୍ବ ଚଳାଇବା ପାଇଁ ଅତି ପରିଶ୍ରମ କରୁଥିବେ। ମାତ୍ର ସେମାନେ ଏହି ପର୍ଯ୍ୟାୟରୁ ମୁକ୍ତି ପାଇଁ ଯଦି ଚୋରୀ ତସ୍କରୀ ନଷ୍ଟ ଚରିତ୍ର ହୁଅନ୍ତି ତେବେ ଭ୍ରଷ୍ଟ ହୋଇ ଥିଲାବାଲା ହୋଇପାରନ୍ତି ମାତ୍ର ସାମାଜିକ ବାଛନ୍ଦରେ ଧରାପଡ଼ି ହୋଇଥାନ୍ତି ଏହାପରେ ଦୁଃଖ ଆହୁରି ବଢ଼େ। ଥିଲାବାଲା ଆହୁରି ଦ୍ରୁତ ଅର୍ଜନ ପାଇଁ ଅନ୍ୟାୟ ପଥ ଧରି ପାରନ୍ତି। ବାଣିଜ୍ୟ କରୁଥିଲେ ଯେଉଁ ବିଶ୍ୱାସ ସେ ପ୍ରଥମେ ଅର୍ଜନ କରିଥାନ୍ତି ତାହା ବଣିକ ଦ୍ରବ୍ୟରେ ମିଶ୍ରଣ କରି ରାତି ରାତି ବଡ଼ଲୋକର ସ୍ୱପ୍ନ ତାଙ୍କୁ ଭ୍ରଷ୍ଟ କରାଏ। ଓଜନରେ କାମ ଦେଇ ଦ୍ରବ୍ୟର ମୂଲ୍ୟ ଚଢ଼ା ନେଲେ ସେ ଭ୍ରଷ୍ଟ ହୋଇଥାନ୍ତି। ଅନେକ ଥିଲାବାଲା ଉଚିତ ମାର୍ଗରେ ଚଳୁଥିଲେ ବି କରଜ ଧାର ଲୋଭରେ ପଡ଼ି ଅଧିକ ଅର୍ଜନ ଚିନ୍ତାରେ ଯାଇ ନିଜର ଋଣଶୋଧ ଚିନ୍ତା ନକରି ଋଣ ଟଙ୍କାରେ ଅୟସ କରି ଲୋକଙ୍କୁ ଦେଖାଇ ହେବା ସ୍ତରକୁ ଆସିଥାନ୍ତି। ଋଣ ଅନାଦେୟରେ କେବେ ଘର ନିଲାମ, ଜମି ନିଲାମ ଗାଡ଼ି ଟଣା ହେଲାଣି ବାଣିଜ୍ୟ କାରଖାନା ନିଲାମ ହେଲେ ସେ ହେବେ ଭ୍ରଷ୍ଟ। ଧନ ଅଛି ଦେଖାଇ ହୋଇ ବନ୍ଧୁଙ୍କୁ ନଚିହ୍ନି ଧାର ଦେଇ ତାକୁ ଆଦାୟକ କରିବା ଦୁରୂହ ହେଲେ ସମ୍ପର୍କତିକ୍ତ। ଥାନା କୋର୍ଟ ଗୁଣ୍ଡାପାର୍ଟି ଷଣ୍ଢା ଖର୍ଚ୍ଚ ପାଇଁ ଧାବିତ ହେଲେ ଭ୍ରଷ୍ଟା ହେବାକୁ ହୁଏ। ଦରିଦ୍ର ଦିଗ ଖୋଲିଯାଏ। ଶସ୍ତାଲୋକ ପ୍ରିୟତା ପାଇଁ ପଣ୍ୟ ଦ୍ରବ୍ୟ ବିକ୍ରେତା ହୋଇ ବାକି ଦେଲେ ଦିନେ ଭ୍ରଷ୍ଟ ହେବାକୁ ମହାଜନଙ୍କ ପାଖରେ ବ୍ୟାଙ୍କର ପାଖରେ ହେବାକୁ ହୁଏ। ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି। ତରିବାକୁ ଏହି ସଂସାର ବାରିଧି। ଧର୍ମ କହିଲେ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଧର୍ମ କେବଳ ନୁହେଁ, ପ୍ରକୃତରେ ସବୁସ୍ତରରେ ସବୁ ବୟସରେ ସବୁ ଆଚରଣରେ ସବୁ ମୌଳିକରେ ସବୁ ଯୌଗିକରେ ଧର୍ମ ଅଛି। ଶିଶୁ ଅବୋଧ ଏହାକୁ ବାପମାଆ ଗୁରୁଜନ ବହୁ କ୍ଷେତ୍ରରେ କ୍ଷମା କରନ୍ତି। ଏଠାରେ କ୍ଷମା ଧର୍ମ ଶିଶୁପାଇଁ ଯାହା ଲାଗୁଛି ଜଣେ ବୟସ୍କ ଲୋକର ଗୁରୁତର ଭୁଲ ପାଇଁ ତାକୁ କେହି କ୍ଷମା କରନ୍ତି ନାହିଁ। ଏଠାରେ ଭୁଲକାମ ଯେ କରିଛି ସେ ଭ୍ରଷ୍ଟ ଓ ତାକୁ ଯେ କ୍ଷମା କରୁଛି ସେ ବି ଭ୍ରଷ୍ଟ। ମାତ୍ର ସୁଧାର ପାଇଁ ପ୍ରାୟଶ୍ଚିତ ଯେ କରିପାରୁଛି କରାଇ ପାରୁଛି ସେ ଭ୍ରଷ୍ଟ ହୋଇନପାରେ। ସେ ପୁନଃ ଜୀବନ ଧାରାରେ ପ୍ରବେଶ କରିପାରନ୍ତି।

ମାଇପଙ୍କ ଆଗରେ ପାଇକ ପଣିଆଁ ଅନେକ ଦେଖାନ୍ତି। ଦୁଇ ମଲ୍ଲଙ୍କ କୁସ୍ତୀ ଦେଖନ୍ତୁ ଏଥିରେ ଜଣେ ଜିତେ ଜଣେ ହାରେ। ଏଠାରେ ମଲ୍ଲଙ୍କର ପାଇକ ପଣ ଜଣାପଡ଼େ ମାତ୍ର ଜଣେ ମଲ୍ଲ ଦୁର୍ବଳ ଲୋକଙ୍କ ଉପରେ ପାଇକପଣ ଦେଖାଇଲେ କଣ ତାଙ୍କୁ ମଲ୍ଲବୀର କୁହାଯିବ କି? ଗୁଣ୍ଡାଗିରି ଏପରି ଧନ୍ଦା, ନିରୀହ ଲୋକ ଉପରେ ଅତ୍ୟାଚାର। କାନୁନ ଅଛି ଅଦାଲତ ଅଛି ଥାନା ଅଛି ଏ ସବୁ ବାଦ ଗୁଣ୍ଡାଗିରିରେ ଲୋକଙ୍କୁ ତାପିତ କରି କିଛି କାର୍ଯ୍ୟ ହାସଲ ଏବେ କରାଯାଉଛି। ଏସବୁ ଭ୍ରଷ୍ଟବୃତ୍ତି ଏମାନଙ୍କୁ ନମସ୍କାର ପ୍ରକୃତରେ ନିଚପ୍ରୀତିର ନମସ୍କାର। ରାଜନୀତିରେ ଭ୍ରଷ୍ଟାଚାର ଏବେ ପୁରି ରହିଲାଣି। ସମ୍ବିଧାନର ଧାରାରେ



କୌଣସି କାର୍ଯ୍ୟ ଓଲଟ ଭାବରେ ସାଧିତ କରିବାକୁ ଏବେ ଭ୍ରଷ୍ଟପଥ ଅବଲମ୍ବନ କରାଯାଉଛି। ସାର୍ବଜନୀନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାୟକୁ ମୁଷ୍ଟିମେୟ କେମିତି ହାସଲ କରିବେ ଏ ବୁଦ୍ଧି ଏବେ ରାଜନୀତିରେ ଆସି ପଶିଗଲାଣି ବ୍ୟାଙ୍କ ଜାତୀୟ କରଣରୁ ପୁଣି ପ୍ରାଇଭେଟ ସ୍ତର ଆସିବା ମୂଳରେ ଏପରି ମୁଷ୍ଟିମେୟ ତୋଷ ନିତି ରହିଛି।

ଚାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ରହିଛି। ମାତ୍ର ଏଥିରେ କୋଟା ଲଗାଯାଇଛି। ଜିତିଲେ ବି ଚାକିରୀ ହୋଇନପାରେ। ପ୍ରତି ଚାକିରୀ ପଥକୁ ବହୁ ତୀର୍ଯ୍ୟକ କରାଯାଇଛି। ସ୍ୱାସ୍ଥ୍ୟ, ବୟସ, ବିଦ୍ୟାର ସ୍ତର, ଜାତି ଭଳି ଦିଗର ଗୁଡ଼ିକ ଦଲେ ଚାକିରୀ ମିଳିପାରିବା ସ୍ତରକୁ ଆସିପାରେ ପୁଣି ଏହାମଧ୍ୟରେ ଅନ୍ୟାୟ ପଥ ଡାକ୍ତରୀ ମାୟନାରେ ଲଗାଯାଇ ବାତିଲ କରାଯାଇପାରେ। ବୟସ ଦୃଷ୍ଟେ ବି ବାଧା ଉଠିପାରେ, ବିଦ୍ୟାରେ କ୍ୟାରିଅର ଦେଖି ପ୍ରତିବନ୍ଧକ କରାଯାଇପାରେ। ଉଚ୍ଚତାରେ ଶଣୀରର ଦକ୍ଷତାରେ ଚାକିରୀ କଟିପାରେ। ଜାତି କଥା ଉଠିଲେ ଏବି କୋଟାରେ କଟୁଛି। ଜାତି ସାର୍ଟିଫିକେଟ ପାଇଁ ସରକାରୀ ଦପ୍ତରକୁ ଦୌଡ଼ି ଦୌଡ଼ି ଥକତ କରାଯାଉଛି। ଏମିତି ଚାକିରୀ ପାଇଁ ଲୋକ ଜାଲିଆତି ସ୍ତରରେ ବି ଆସୁଛନ୍ତି ଲାଞ୍ଚ ଦେଇଛନ୍ତି। ଭୁଲକଥାରେ ପଶୁଛନ୍ତି ଏସବୁ ଭ୍ରଷ୍ଟାପଥ। ଏହି ପଥଚାରୀ ପରେ ଲାଞ୍ଚ ଦେଇଛନ୍ତି ବୋଲି ଲାଞ୍ଚ ଖାଇବେ ଏଇ ମାର୍ଗରେ ରହୁଛନ୍ତି ଏହା ବି ଜଟିଳ ଭ୍ରଷ୍ଟପଥ। ରାଜନୀତିରେ ହାଇକମାଣ୍ଡ ନିଷ୍ଟେ ଅଛନ୍ତି ଏହା ପ୍ରକୃତରେ ଦଳପତି। ଦଳପତିଙ୍କ ରାୟ ନିୟମକୁ ନମାନି ଅନେକ ଦଳକୁ ଯାଇ କିଛି ଫାଇଦା ପାଉଛନ୍ତି। ପ୍ରକୃତରେ ଏହା ଠିକ ପଥ ନୁହେଁ। ଆଜି ଭାରତ ବର୍ଷରେ ଅନେକ ରାଜନୈତିକ ଦଳ କିନ୍ତୁ ଭାରତ ସ୍ୱାଧୀନତା ବେଳେ ଏକ ଦଳ ହିଁ ପ୍ରାଧାନ୍ୟ ରହିଥିଲା ସେହି ଏକ ଦଳ ଆଜି ବହୁଦଳରେ ପରିବର୍ତ୍ତନ ଏଇ ହାଇକମାଣ୍ଡଙ୍କ କଥା ନମାନି ହୋଇଛି। ପ୍ରକୃତରେ ସ୍ୱାର୍ଥ ପାଇଁ ଭ୍ରଷ୍ଟପଥ। କରଛଡ଼ା ନେତାମାନେ ଅବହେଳିତ ମନେ କରି ବୃତ୍ତି ବଞ୍ଚାଇବାକୁ ସ୍ୱାଧୀନ କିଛି କରିବା ଚେଷ୍ଟାରେ ଯିବା କଷ୍ଟ ଯୋଗୁ ଅନ୍ୟଦଳକୁ ଆଉଜି ଯାଉଛନ୍ତି। ଏଠାରେ ଯେ ତାଙ୍କୁ ଛାଡୁଛନ୍ତି ସେମାନେ ବି ଭ୍ରଷ୍ଟାପଥରେ ଅର୍ଥାତ୍ ଯୋଗ୍ୟତା ବିଚାର ତାଙ୍କର ଠିକ ହେଉନାହିଁ। ହାଇକମାଣ୍ଡଙ୍କ ମନ ମାନି ବି ଭ୍ରଷ୍ଟପଥ। ସାତକଥାରେ ସତୀ ଭୁଲେ। ଯେଉଁ ନାରୀ କୌଣସି ସୀମାରେ ରହିବା ମନସ୍ଥ ନୁହଁନ୍ତି ସେ ଭ୍ରଷ୍ଟ ହୁଅନ୍ତି। ଏକ ପତିବ୍ରତ ପାଇଁ ତାଙ୍କର ମନ ରହିନଥାଏ। ଅଭାବ ସୃଷ୍ଟିକଲେ ଅନ୍ୟତ୍ର ଅନ୍ୟ ଦ୍ୱାରା ଭାବ ହୋଇଯିବ ଏ ମାନସ ହିଁ ଭ୍ରଷ୍ଟ ପଥ। ଯେଉଁ ନାରୀମାନେ ସତ୍ୟପଥରେ ରହି ବଡ଼ ପଦବୀରେ ଅଛନ୍ତି ପ୍ରକୃତରେ ସେମାନେ ଲୋକମାତା ସେମାନେ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀଙ୍କ ପରି ସମ୍ମାନନୀୟା। ମାତ୍ର ଭ୍ରଷ୍ଟ ପଥରେ ଯାଇ ଯେଉଁମାନେ ବଡ଼ ହୋଇଛନ୍ତି ମୋନେ ଯେତେ ଚନ୍ଦନ ଲିପିଲେ ବି ତାଙ୍କର କାରନାମାର ପାଶ୍ଚାତରେ ମୃଦୁ ଗୁଞ୍ଜନ ଉଠିଥାଏ।

ଜଣେ ନାରୀର ଭ୍ରଷ୍ଟ ପଥ ଆଶୁ ହୋଇପାରେ ଏ ପାଇଁ ମୂଳରୁ ନିୟନ୍ତ୍ରିତ ଜୀବନ ଧାରାରେ ଚାଲୁ ରଖିବା ଦରକାର। ସଂସାରରେ ସବୁ ନାରୀ କେବେ ସମାନ ହୋଇନପାରନ୍ତି। ଏପରି ଦାବୀ କରିବା ବି ଅଯୋକ୍ତିକ। କେତେକ ଦ୍ରବ୍ୟ ଅଛି ତାର ପ୍ୟାକେଟରେ ଲେବୁଲରେ ଏକ୍ସପ୍ୟାରୀ ତାରିଖ ଲେଖାଅଛି। ଏହି ଲେଖା ଦର୍ଶାଏ ସେ ଦ୍ରବ୍ୟ ସେହି ତାରିଖ ଯାଏ କାର୍ଯ୍ୟକାରୀ। ତାପରେ ଭ୍ରଷ୍ଟ। ମୂଳ ବୋତଲ ବା ପ୍ୟାକେଟର ଲେବଲ ଚିରି ତହିଁରେ ନୂତନ ଲେବଲ ମାରି କେହି ଏହାକୁ ବିକ୍ରୟ କଲେ କିଏ ଏହାକୁ ଦେଖୁଛି। ଭ୍ରଷ୍ଟ ଦ୍ରବ୍ୟକୁ ବିକ୍ରେତା ଏବେ ଅନେକ କ୍ରେତା ନିରୁପାୟ ଭ୍ରଷ୍ଟ ଚିନ୍ତାଧାରାରୁ ଆୟ ଏହା ବଢ଼ିବାରେ ଲାଗିଛି। ଗ୍ରାମର କଷ୍ଟ ଘଣାର ସୋରିଷ ତେଲ ଯେ ଖାଇଥିବେ ବର୍ତ୍ତମାନର ସୋରିଷ ତେଲ ଖାଇଲେ ବୁଝିପାରିବେ। ବର୍ତ୍ତମାନ ନାମ ବିକ୍ରୀ ଦ୍ରବ୍ୟ ବିକ୍ରୀ ନୁହଁ। ଏମିତି ଦୁଗ୍ଧ, ଦହି, ଘିଅ, ମହୁ କେହି ଠିକ ନୁହଁ। ସୂତାଲୁଗା ବି ମିଲାବଟ ଏପରି ଭ୍ରଷ୍ଟବେଲୀ ଆହୁରି ଆଗକୁ ବଢୁଛି। ଏପରି ଭ୍ରଷ୍ଟାଚାର କେମିତି ଶାନ୍ତ ହେବ ସମସ୍ତେ ଭାବନ୍ତୁ। କେବଳ ଅବତାର ପୁରୁଷ ଏହାକୁ ଆସି ଠିକଣା କରିପାରନ୍ତି କୌଣସି ସାଧାରଣ ପ୍ରଶାସନ ବା ବ୍ୟକ୍ତି ଏହା ଆଉ କରାଇ ପାରିବେ ନାହିଁ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ହସର ପ୍ରକାରଭେଦ



## ଡ. ସୀତାକାନ୍ତ ତ୍ରିପାଠୀ

କାନ୍ଦିବା ହେଉଛି ମଣିଷର ସହଜାତ ପ୍ରବୃତ୍ତି। ଶିଶୁଟିଏ ଜନ୍ମ ହେଉହେଉ କାନ୍ଦିବା ଆରମ୍ଭ କରିଥାଏ ଆଉ ଯଦି କୌଣସି କାରଣରୁ ଶିଶୁଟି କାନ୍ଦି ନଥାଏ, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ କୁହାଯାଇଥାଏ। ଆଧାତ୍ମବାଦୀ ମାନଙ୍କ ମତରେ ସଂସାର ଦୁଃଖମୟ ତେଣୁ ଏହି ଦୁଃଖମୟ ସଂସାରରେ ଅବତରଣ କରୁକରୁ ଶିଶୁ କାନ୍ଦିଥାଏ। ଧିରେଧିରେ ଶିଶୁଟିର ଆତ୍ମଜ୍ଞାନ କମିକମି ସାଂସାରିକ ଜ୍ଞାନ ବଢ଼ି ବଢ଼ି ଚାଲେ। ମା', ବାପା, ପରିବାର, ଆତ୍ମୀୟ-ସ୍ୱଜନଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇଯାଇ ସେମାନଙ୍କୁ ଦେଖିଲେ କିମ୍ବା ସେମାନଙ୍କ କଥା ଶୁଣିଲେ ହସି ପକାଏ। ଅଧିକାଂଶ କ୍ଷେତ୍ରରେ ସେତେବେଳକୁ ଶିଶୁଟିର ଦାନ୍ତ ଉଠିନଥାଏ। ଶିଶୁର ଦରୋଟି ହସ ଦେଖିଲେ ସମସ୍ତଙ୍କର ପେଟ ପୁରିଯାଏ। ତାକୁ କୋଳାଗ୍ରତ କରି ତା' ମୁହଁରେ ହସ ଦେଖିବାକୁ ସଭିଏଁ ଚାହିଁ ଥାଆନ୍ତି। ତେବେ ନିଷ୍ପାପ ଶିଶୁର ହସ ଧିରେଧିରେ କାର୍ଯ୍ୟ-କାରଣ ସମ୍ପର୍କିତ ହୋଇଯାଏ। ଯାହା ବୟସ କ୍ରମେ ସ୍ଥାନ, କାଳ ଓ ପାତ୍ରର ହିସାବ କରାଯାଇ ମାପଚୁପ କରାଯାଏ। କେଉଁଠି ହସିବ, କେତେବେଳେ ଆଉ କେତେ ସମୟ ହସିବ, କେମିତି ହସିବ ତା'ର ବିଚାର କରାଯାଏ। ଯେଉଁମାନେ ଏହାର ଉପଯୁକ୍ତ ବିଚାର କରିପାରନ୍ତି ନାହିଁ ସେମାନଙ୍କୁ ଆମେ ପାଗଳ, ଅହଂକାରୀ, ମାୟାବୀ, ଚୁପ୍ ସଇତାନ ଆଦି ବିଭିନ୍ନ ନାମରେ ନାମିତ କରିଥାଉ। ହସର ସ୍ୱର-ଶବ୍ଦ ଶୁଣି ଆମେଏହାକୁ ବିଭିନ୍ନ ନାମ ଦେଇ ବର୍ଣ୍ଣନା କରିଥାଉ ଯଥା; ଅଟ୍ଟହାସ୍ୟ, ବିଦ୍ରୁପ ହସ, ଘୋଡାହସ, ସ୍ମିତହାସ୍ୟ, ଶୁଖିଲା ହସ, କୃତଜ୍ଞତା ର ହସ, ଦେଖାଣିଆ ହସ ଇତ୍ୟାଦି। ଦେଖା ହସର ଅର୍ଥ ହେଉଛି ଅନ୍ୟ ଜଣେ ହସୁଥିବାର ଦେଖି କିଛି ନ ବୁଝଶୁଝି ହସିଦେବା କିମ୍ବା ଅନ୍ୟଜଣେ କାଳେ ଖୁସି ହେବ ସେଥିପାଇଁ ମଧ ନିଜର ଅନ୍ତରର ଦୁଃଖ ଓ କୋହକୁ ଚାପି ଅନା ଆଗରେ ଖୁସି ହେବାର ଅଭିନୟ କରି ହସିବା। ତେବେ ଅନ୍ୟମାନଙ୍କର ହସ ଦେଖି ତା'ର ତାତ୍ପର୍ଯ୍ୟ ନ ବୁଝି ହସିବା ହିଁ ବୋକାମୀ। ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ଥରେ ମହାମାନୀ ଦୁର୍ଯ୍ୟୋଧନ ପରିଶ୍ରା କରିସାରି ଆସିବା ବେଳକୁ ହସିଲେ। ଯାହାକୁ ଦେଖି ତାଙ୍କର ଅମାତ୍ୟ ଜଣକ ମଧ୍ୟ ହସିଲା। ଏକଥା ଦେଖି ଦୁର୍ଯ୍ୟୋଧନ ରାଗିଯାଇ ହସର କାରଣ ପଚାରିଲେ। କିନ୍ତୁ ଅମାତ୍ୟ ଜଣକ ଏହାର ସଠିକ ଉତ୍ତର ଦେଇ ନପାରିବାରୁ ତାକୁ ସିଏ ଉତ୍ତର ଦେବାପାଇଁ ସାତ ଦିନର କଷ୍ଟ ଦେଇଥିଲେ। ତେବେ ବନ୍ଦୀ ଅବସ୍ଥାରେ ଥିବା ଶକୁନି ଉକ୍ତ ଅମାତ୍ୟକୁ ଡାକି ସଠିକ୍ ଉତ୍ତର ଦେଇ କହିଲେ 'ବରଗଛ ଏତେବଡ଼ ହୋଇଥିଲେ ମଧ ତା'ର ଫଳ ଆପଣଙ୍କ ପରିସ୍ରାରେ ଭାସିଯିବାର ଦେଖି ଆପଣ ହସୁଥିଲେ।' ଏକଥା ଶୁଣି ଦୁର୍ଯ୍ୟୋଧନ ତାଜୁବ ହେଲେ ଏବଂଏ ବୁଦ୍ଧି ଅମାତ୍ୟକୁ



କିଏ ଦେଲା ବୋଲି ଜାଣିବାକୁ ଚାହିଁଲେ। ଶେଷରେ ଉକ୍ତ ପ୍ରଶ୍ନର ସଠିକ ଉତ୍ତରଦାତା ଶକୁନି ବୋଲି ଜାଣିବା ପରେ ତାଙ୍କ ସିଏ ନିଜର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ ଯାହା ତାଙ୍କର ବଂଶ ବିନାଶର ମୁଖ୍ୟ କାରଣ ଥିଲା। କାରଣ ନଥାଇ ହସିବା କିମ୍ବା ହସର କାରଣ ଖୋଜିହେବା ଉଭୟ ମଣିଷ ପାଇଁ ଦୁଃଖଦାୟକ ହୋଇଥାଏ।

ତେବେ ଅନ୍ୟକୁ ବ୍ୟଙ୍ଗ କରି ହସିବା ଦ୍ୱାରା ତାହା ପ୍ରାଣଘାତକ ହୋଇଥାଏ। କାରଣ ଯାହାକୁ ଲକ୍ଷ୍ୟ କରି କିମ୍ବା ବିଦ୍ରୁପ କରି ମଣିଷ ହସିଥାଏ ସିଏ ପ୍ରତିହିଂସାର ବହ୍ନିରେ ହସିଥିବା ବ୍ୟକ୍ତିକୁ ଜାଳି ପୋଡି ଦେଇଥାଏ। ଥରେ ରାଜା ଦୁର୍ଯ୍ୟୋଧନ ରାଜପ୍ରାସାଦ ମଧ୍ୟରେ ଚାଲୁଚାଲୁ ତାଙ୍କ ପାଦ ଖସିଗଲା ଯାହାକୁ ଦେଖି ରାଣୀ ଦ୍ରୌପଦୀ ହସି ଦେଲେ ଆଉ ତାଙ୍କ ପାଟିରୁ ବାହାରି ଗଲା 'ଅନ୍ଧ ପୁତ୍ର ଅନ୍ଧ' ଯେଉଁଥିପାଇଁ ତାଙ୍କୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡ଼ିଥିଲା।

ଅନ୍ୟପକ୍ଷରେ ଅନେକ ସମୟରେ ଆମକୁ ଶୁଖିଲା ହସ ହସିବାକୁ ପଡ଼ିଥାଏ। କେଉଁଠି ନିଜର ଦୁଃଖକୁ ଚାପି ଅନ୍ୟ ଆଗରେ ନିଜକୁ ଖୁସି ପ୍ରମାଣିତ କରିବା ପାଇଁ ହେଉ କିମ୍ବା ନିଜର ଉପରିସ୍ଥ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷକୁ ଖୁସି କରିବା ପାଇଁ ତାଙ୍କ ହସରେ ତାଳ ଦେଇ ହସିବା ପାଇଁ ଅନେକ ଲୋକ ଉଚିତ ମଣିଥାଆନ୍ତି ଯାହାକୁ ନିଜ ଇଚ୍ଛା ବିରୁଦ୍ଧରେ ହସିବା ଭାବେ ଉଲ୍ଲେଖ କରାଯାଇ ଥାଏ। ସବୁଠୁ ବଡ କଷ୍ଟ ହେଉଛି ମାୟାବୀ ହସ। ଯାହାର ଅର୍ଥ ହେଉଛି ଅନ୍ୟମାନଙ୍କ ଖୁସିରେ ଖୁସିହୋଇ ହସି ଖେଳି ସେମାନଙ୍କ ପାଖରୁ ଉକ୍ତ ସୁଖର କାରଣ ଖୋଜିବା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଦୁଃଖି କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିବା। ଯାହାକୁ ସରଳ ଭାବରେ କୁହାଯାଏ ଉପରେ 'ହସି ଭିତରେ ଅସି' ଅର୍ଥାତ୍ ହସହସ ମୁହଁ ପ୍ରଚ୍ଛଦରେ ଥାଏ ଖଣ୍ଡା, ଯାହାଦ୍ୱାରା ଅନ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟକୁ ସିଏ ବିନଷ୍ଟ କରିବା ପାଇଁ ପ୍ରୟାସ କରୁଥାଏ। ତେଣୁ ହସ ଯଦି ନିଜର ଖୁସି ସହିତ ଅନ୍ୟମାନଙ୍କ ଖୁସିର ସନ୍ତକ ହୋଇ ପାରିବ ତାହେଲେ ଏହାର ମହତ୍ତ୍ୱ ବହୁଗୁଣିତ ହୋଇ ପାରିବ। ତେବେ ଅନ୍ୟ ଦୁଃଖରେ ହସିବା କିମ୍ବା ହସିବା ଛଳରେ ଅନ୍ୟକୁ ବିଦ୍ରୁପ କରିବା କିମ୍ବା ହସରେ ସାମିଲ ହୋଇ ପରଛିଦ୍ର ଖୋଜିବା ଶାସ୍ତ୍ରାନୁଯାୟୀ ବର୍ଜନୀୟ। ଯେମିତି କାନ୍ଦିଲେ ମଣିଷର ଅନେକ ଦୁଃଖ ଯନ୍ତ୍ରଣା ପରିପ୍ରକାଶ ହେବା ସହିତ ତାହା ଉପଶମ ହୋଇଯାଏ ସେହିଭଳି ହସିଲେ ମଣିଷର ଆୟୁ ବହୁଗୁଣିତ ହୋଇଯାଏ ବୋଲି ଚିକିତ୍ସାବିଜ୍ଞାନୀ ମାନଙ୍କର ମତ। ହସହସ ମୁହଁ ମଧ ଅନ୍ୟମାନଙ୍କୁ ଆକୃଷ୍ଟ କରିବାର ବଳିଷ୍ଠ ମାଧମ। କଂସର ଅଟ୍ଟହାସ୍ୟ ଆଗରେ ଶ୍ରୀକୃଷ୍ଣଙ୍କ ସ୍ମିତହାସ୍ୟ କାଳଜୟୀ ତଥା ଭୟକୁ ସାମ୍ନା କରିବାର ପ୍ରତୀକ ମାତ୍ର। ତେଣୁ ଶଠେଶାଠ୍ୟଂ ସମୁହ୍ୟତେ ନ୍ୟାୟରେ ଅପରର ହସକୁ ମଧ ନିଜର ହସ ମାଧମରେ ସାମ୍ନା କରିବା ବଳିଷ୍ଠ ବ୍ୟକ୍ତିର ନମୁନା ମାତ୍ର।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

## ଫ୍ରାନ୍ସ ସହ ୬୩ ହଜାର କୋଟି ଟଙ୍କାର ରାଫେଲ ଚୁକ୍ତି ସ୍ୱାକ୍ଷର କଲା ଭାରତ

# ଆହୁରି ଶକ୍ତିଶାଳୀ ହେବ ନୌସେନା



**ନୂଆଦିଲ୍ଲୀ,୨୮।୪:** ଭାରତୀୟ ନୌସେନାର ସାମୁଦ୍ରିକ ଯୁଦ୍ଧ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ୨୬ଟି ରାଫେଲ୍-ମେରିନ୍ (ଏମ୍) ଲଢୁଆ ବିମାନ ପାଇଁ ବହୁ ପ୍ରତୀକ୍ଷିତ ୬୩ ହଜାର କୋଟି ଟଙ୍କା (୭.୪ ବିଲିୟନ ଡଲାର) ଚୁକ୍ତି ସୋମବାର ଆନୁଷ୍ଠାନିକ ଭାବେ ଶେଷ ହୋଇଛି।
ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ଣ୍ଣୁଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ ସ୍ୱାକ୍ଷରିତ ହେବାକୁ ଥିବା ବେଳେ ବ୍ୟକ୍ତିଗତ କାରଣରୁ ତାଙ୍କ ଗସ୍ତ ସ୍ଥଗିତ ରହିବା କାରଣରୁ ଏହି ଚୁକ୍ତି କୁ ଚୂଡ଼ାନ୍ତ ରୂପ ଦିଆଯାଇନଥିଲା। ଭାରତୀୟ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏବଂ ଫ୍ରାନ୍ସ ରାଷ୍ଟ୍ରଦୂତ ଡ. ଥିଏରି ମାଥୋଙ୍କ ଉପସ୍ଥିତିରେ ଏହି ଚୁକ୍ତିକୁ ସରକାର-କୁ-ସରକାର (ଜି୨ଜି) ଚୁକ୍ତି ଭାବରେ ଆନୁଷ୍ଠାନିକ ଭାବେ ସ୍ୱାକ୍ଷରିତ କରାଯାଇଥିଲା, ଯାହାକୁ ଚଳିତ ମାସ ପ୍ରାରମ୍ଭରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍) ଅନୁମୋଦନ କରିଥିଲା।
ଏହି ସ୍ୱାକ୍ଷର ଉତ୍ସବରେ ନୌସେନାଉପମୁଖ୍ୟ, ଯୁଗ୍ମ ସଚିବ (ଏଏମ୍ ଆଣ୍ଡ ଏମ୍‌ଏସ୍), ନୌସେନା, ବୈଦେଶିକ ମନ୍ତ୍ରଣାଳୟ, ଫ୍ରାନ୍ସ ନୌସେନା, ଡାସଲ୍ଟ ଏବଂ ଏମବିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜି୨ଜି ହେଉଛି ପ୍ରତିରକ୍ଷା କ୍ରୟର ଏକ ମାଧ୍ୟମ ଯେଉଁଥିରେ ଆମଦାନୀକାରୀ ଦେଶର ସରକାରଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଥାଏ।
ମିଳିଥିବା ସୂଚନା ଅନୁଯାୟୀ, ଚୁକ୍ତି ସ୍ୱାକ୍ଷର ପରେ ଚୁକ୍ତି ଅନୁଯାୟୀ ରାଜି ହୋଇଥିବା ରାଶି ଫ୍ରାନ୍ସ ସରକାରଙ୍କୁ ପ୍ରଦାନ କରାଯିବ କାରଣ ଏହା ଏକ ଜି୨ଜି ଚୁକ୍ତି ଏବଂ ଏହା ପରେ ମାଇଲଖୁଣ୍ଟ ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବ।
ଚୁକ୍ତି ସମ୍ବନ୍ଧୀୟ କାର୍ଯ୍ୟ କଳାପ ଆରମ୍ଭ ହେବ, ଯେଉଁଥିରେ ଭାରତ ଭିତରେ ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହୋଲ (ଏମଆରଓ) ସୁବିଧା ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ଭାରତୀୟ ନୌସେନା ପାଇଲଟଙ୍କ ପ୍ରଶିକ୍ଷଣ ମଧ୍ୟ ପ୍ରଥମ ବିମାନ ଯୋଗାଣ ସହିତ ମେଳ ଖାଇବ ବୋଲି ସୂତ୍ରରୁ ପ୍ରକାଶ।
ଏହାବ୍ୟତୀତ ୨୦୨୮ ମେ' ସୁଦ୍ଧା (ଚୁକ୍ତି ସ୍ୱାକ୍ଷରିତ ହେବାର ୩୭ ମାସ ପରେ) ପ୍ରଥମ ରାଫେଲ୍ ଏମ୍ ବିମାନ ଯୋଗାଣ ହେବାର ସମ୍ଭାବନା ଥିବାରୁ ଭାରତ ଓ ଭାରତୀୟ ନୌସେନାର ନିର୍ଦ୍ଦିଷ୍ଟ ଉନ୍ନତିକୁ ଯାଞ୍ଚ କରାଯିବ।
ଭାରତୀୟ ନୌସେନାରେ ସାମିଲ ହୋଇଥିବା ରାଫେଲ ବିମାନକୁ ସ୍କି-ଜମ୍ପ ବିମାନବାହୀ ଜାହାଜ ଡେକ୍‌ରୁ ଉଡ଼ାଣ ଭରିବାକୁ ପଡ଼ିବ। ଉଭୟ ବିରାଟ ଏବଂ ବିକ୍ରମାଦିତ୍ୟରେ ଏହାର ଯୋଦ୍ଧାମାନଙ୍କ ପାଇଁ ଷ୍ଟୋବାର (ସର୍ଟ ଟେକ୍ ଅଫ୍ କିନ୍ତୁ ଗିରଫ ପୁନରୁଦ୍ଧାର) ବ୍ୟବସ୍ଥା ରହିଛି।
ଏପ୍ରିଲ ୯ତାରିଖରେ ଟିଏନଆଇଇ ରିପୋର୍ଟ କରିଥିଲା ଯେ ଏହି ଚୁକ୍ତିକୁ ସରକାରଙ୍କ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା କ୍ୟାବିନେଟ କମିଟି ଅନ ସିକ୍ୟୁରିଟି ଅନୁମୋଦନ କରିଛି। ଏଥିରେ ୨୨ଟି ସିଙ୍ଗଲ ସିଟର ଓ ୪ଟି ଟ୍ୱିନ୍ ସିଟର ଟ୍ରେନର ବିମାନ ରହିଛି। ନୌସେନାର ସ୍ୱଦେଶୀ ବିମାନବାହୀ ଜାହାଜ ଆଇଏନଏସ୍ ବିକ୍ରାନ୍ତରେ ଏହି ଯୁଦ୍ଧ ଜାହାଜ ମୁତୟନ କରାଯିବାର ଲକ୍ଷ୍ୟ ରଖାଯାଇଛି।
ଋଷୀୟ ବଂଶୋଦ୍ଭବ ମିଗ୍-୨୯କେ ଯୁଦ୍ଧ ଜାହାଜ ପରିଚାଳନାଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ସ୍ୱଦେଶୀ ଟ୍ୱିନ୍ ଇଞ୍ଜିନ୍ ଡେକ୍-ବେସ୍ଡ ଫାଇଟର (ଟିଡିବିଏଫ୍) ମୁତୟନ ପାଇଁ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ରାଫେଲ-ଏମ୍ ଜେଟ୍ ଏକ ସ୍ୱଳ୍ପକାଳୀନ ସମାଧାନ ଭାବେ କାର୍ଯ୍ୟ କରିବ।
କ୍ୟାରିୟର ଭିତ୍ତିକ ଯୁଦ୍ଧ ବିମାନର ଆବଶ୍ୟକତାର ଦୀର୍ଘମିଆଦୀ ସମାଧାନ ଭାବରେ ଭାରତ ନିଜର ଦୁଇ ଇଞ୍ଜିନ ବିଶିଷ୍ଟ ଡେକ୍-ଆଧାରିତ ଯୁଦ୍ଧ ବିମାନ ବିକଶିତ କରିବାକୁ କାର୍ଯ୍ୟ କରୁଛି। କିନ୍ତୁ ଏହି ବିମାନସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ହେବାକୁ ଆଉ କିଛି ବର୍ଷ ବାକି ଥିବାରୁ ନୌସେନା ଏହାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି।
ନୌସେନା ଅପରେସନ୍ ପାଇଁ ଡିଜାଇନ୍ କରାଯାଇଥିବା ରାଫେଲ-ଏମ୍ ଜେଟ୍ ଗୁଡ଼ିକ ରେ ଅଧିକ ଶକ୍ତିଶାଳୀ ଅଣ୍ଡରକାରିଜ୍ ରହିଛି ଏବଂ ଏହା ଭାରତୀୟ ନୌସେନାର ଷ୍ଟୋବାର୍ (ସର୍ଟ ଟେକ୍ ଅଫ୍ କିନ୍ତୁ ଗିରଫ ପୁନରୁଦ୍ଧାର) ପ୍ରଣାଳୀ ସହିତ ସୁସଙ୍ଗତ। ଏହି ଯୁଦ୍ଧ ଜାହାଜରୁ ଉତ୍ କ୍ଷେପଣ କରାଯାଇଥିବା ବିମାନ ସମୁଦ୍ର କୂଳଠାରୁ ବହୁ ଦୂରରେ କାର୍ଯ୍ୟ କରିପାରିବ, ଯାହା ଭାରତକୁ ଏହି ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଗ୍ରଣୀ ପ୍ରଦାନ କରିବ।

## ପହଲଗାମ ଆକ୍ରମଣ: ନିଜ ମୁଣ୍ଡକୁ ଦୋଷ ନେଲେ ଓମାର ଅବଦୁଲ୍ଲା

● ମୃତାହତଙ୍କ ପରିବାରକୁ କେଉଁ ଭାଷାରେ କ୍ଷମା ମାଗିବି ଭାଷା ପାଉନି



**ନୂଆଦିଲ୍ଲୀ,୨୮।୪:** ପହଲଗାମ ଆତଙ୍କୀ ହମଲା ପରେ ଆଜି ଜମ୍ମୁ, କାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆତଙ୍କୀ ହମଲାକୁ ଦୃଢ଼ ଭାଷାରେ ନିନ୍ଦା କରିଛନ୍ତି। ଏଥିସହ ଏପରି ସମୟରେ ସୋସିଆଲ ମିଡିଆରେ ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେଇଛନ୍ତି। ସୁଧୁରି ଯାଅ, ନଚେତ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଆହୁରି କହିଛନ୍ତି ଯେ, ଏବେ ଜାମ୍ମୁ-କାଶ୍ମୀର ପାଇଁ ରାଜ୍ୟ ମାନ୍ୟତା ଦାବି ସମୟ ନୁହେଁ। ଯଦି ମୁଁ ଶସ୍ତା ରାଜନୀତି କରିଥାନ୍ତି ତାହେଲେ ଏପରି ଦାବି କରିପାରନ୍ତି। ରାଜ୍ୟ ମାନ୍ୟତା ଫେରିବା ଦାବିରୁ ଓହରି ନାହୁଁ, ମାତ୍ର ଏବେ ନୁହେଁ। ପହଲଗାମ୍ ଘଟଣା ପରେ କେଉଁ ମୁହଁରେ ମୁଁ ରାଜ୍ୟ ମାନ୍ୟତା ମାଗିବି ? ମୃତାହତଙ୍କ ପରିବାରକୁ କେଉଁ ଭାଷାରେ କ୍ଷମା ମାଗିବି ଭାଷା ପାଉନି। ରାଜ୍ୟ ମୁଖିଆ ଭାବେ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଫେରାଇବା ଦାୟିତ୍ୱ ଥିଲା ମୋର। ଆଜି ବିଧାନସଭା ସ୍ୱତନ୍ତ୍ର ଅଧିବେଶନରେ ଏଭଳି କହିଛନ୍ତି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା। ଏପଟେ ପହଲଗାମ୍ ହମଲାର ଆତଙ୍କବାଦୀ ମାନେ ଏବେ ବି ଜଙ୍ଗଲରେ ଲୁଚି ରହିଛନ୍ତି। ଆତଙ୍କୀମାନେ କାଶ୍ମୀର ଜଙ୍ଗଲରେ ଲୁଚି ରହିଥିବା ଖବର ପାଇଛି ଫୋର୍ସ। ଏନେଇ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି ସୁରକ୍ଷାବାହିନୀ। ଆତଙ୍କୀମାନେ କାଶ୍ମୀର ଜଙ୍ଗଲରେ ଲୁଚି ରହିଥିବା ଖବର ଜଣାପଡ଼ିବା ପରେ ନିୟନ୍ତ୍ରଣ ରେଖା ଆଖପାଖରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ପହଲଗାମରେ ଆତଙ୍କୀ ହମଲା ପରେ ଜାଣିଶୁଣି ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ଉଲ୍ଲଘଂନ କରୁଛି ପାକିସ୍ତାନ। ଗୁଳିମାଡ଼ ଆଳରେ ଆତଙ୍କବାଦୀଙ୍କୁ ବଞ୍ଚାଇବାକୁ ପାକିସ୍ତାନ ଚେଷ୍ଟା କରୁଛି ବୋଲି ଜଣାଯାଇଛି। ଲଗାତାର ୪ ଦିନ ହେବ ସୀମାରେ ପାକିସ୍ତାନ ଗୁଳିମାଡ଼ କରୁଛି। ଗତକାଲି ଓ ଆଜି ପୁଞ୍ଛ ଓ କୁପୱାରା ସୀମାରେ ଫାୟାରିଂ କରୁଛି ପାକିସ୍ତାନ। ଭାରତୀୟ ସେନା ପକ୍ଷରୁ ଏହାର ମୁହଁତୋଡ଼ ଜବାବ ମଧ୍ୟ ଦିଆଯାଉଛି।

## ଅଜିତ କୁମାର, ଶେଖର କପୁର ଗ୍ରହଣ କଲେ ପଦ୍ମଭୂଷଣ



**ନୂଆଦିଲ୍ଲୀ, ୨୮।୪:** ନନ୍ଦମୁରୀ ବାଲକୃଷ୍ଣ, ଅଜିତ କୁମାର ଏବଂ ଅରିଜିତ ସିଂହଙ୍କ ସମେତ ମନୋରଞ୍ଜନ ଜଗତର କିଛି ଉଲ୍ଲେଖନୀୟ ନାମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଆଜି ପଦ୍ମ ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା କ୍ଷେତ୍ରରେ ଅବଦାନ ପାଇଁ ପ୍ରବୀଣ ଗାୟକ ପଙ୍କଜ ଉଧାସଙ୍କୁ ମରଣୋତ୍ତର ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା। ତାଙ୍କ ପତ୍ନୀ ଫରିଦା ପଙ୍କଜ ଉଦାସ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇଥିବା ମନୋରଞ୍ଜନ ଜଗତର ନାମ ଉପରେ ନଜର ପକାନ୍ତୁ। ଅଭିନେତା ନନ୍ଦମୁରୀ ବାଲକୃଷ୍ଣ- ପଦ୍ମଭୂଷଣ, କଣ୍ଠଶିଳ୍ପୀ ପଙ୍କଜ ଉଧାସ (ମରଣୋତ୍ତର)- ପଦ୍ମଭୂଷଣ,ଚଳଚ୍ଚିତ୍ର ନିର୍ମାତା ଶେଖର କପୁର-ପଦ୍ମଭୂଷଣ, ଅଭିନେତା ଅଶୋକ ଲକ୍ଷ୍ମଣ ସରାଫ- ପଦ୍ମଶ୍ରୀ, ଅଭିନୟ ପ୍ରଶିକ୍ଷକ, ଥିଏଟର ନିର୍ଦ୍ଦେଶକ ବ୍ୟାରି ଗଡଫ୍ରେ ଜନ୍-ପଦ୍ମଶ୍ରୀ, କଣ୍ଠଶିଳ୍ପୀ ଜସପିନ୍ଦର ନରୁଲା-ପଦ୍ମଶ୍ରୀ, କଣ୍ଠଶିଳ୍ପୀ ଅଶ୍ୱିନୀ ଭିଡେ-ଦେଶପାଣ୍ଡେ-ପଦ୍ମଶ୍ରୀ, ସଙ୍ଗୀତ ନିର୍ଦ୍ଦେଶକ ରିକି ଜ୍ଞାନ କେଜ-ପଦ୍ମଶ୍ରୀ, ଲୋକଗାୟକ ଭେରୁ ସିଂ ଚୌହାନ-ପଦ୍ମଶ୍ରୀ, ଭକ୍ତି ଗାୟକ ହରଜିନ୍ଦର ସିଂହ ଶ୍ରୀନଗର ୱାଲେ-ପଦ୍ମଶ୍ରୀ, ଲୋକସଂଗୀତ ଜୟନାଚରଣ ବାଥରୀ-ପଦ୍ମଶ୍ରୀ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ କେ ଓମାନକୁଟ୍ଟି ଆମ୍ମା-ପଦ୍ମଶ୍ରୀ, କଣ୍ଠଶିଳ୍ପୀ ମହାବୀର ନାୟକ - ପଦ୍ମଶ୍ରୀ, ଅଭିନେତ୍ରୀ ମମତା ଶଙ୍କର -ପଦ୍ମଶ୍ରୀ, ଅଭିନେତା ଅନନ୍ତ ନାଗ- ପଦ୍ମଭୂଷଣ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଏ ଏବଂ ଏହାକୁ ସାଧାରଣ ବ୍ୟାପାର, ବିଜ୍ଞାନ ଓ ଇଞ୍ଜିନିୟରିଂ, ସାମାଜିକ କାର୍ଯ୍ୟ, ଔଷଧ, ସାହିତ୍ୟ, କ୍ରୀଡ଼ା ଏବଂ ସିଭିଲ ସର୍ଭିସ ସମେତ ବିଭିନ୍ନ ବିଭାଗରେ ପ୍ରଦାନ କରାଯାଇଥାଏ।

## ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦାଦାଗିରି




**ବେଙ୍ଗାଲୁରୁ,୨୮।୪:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏକ ଜନସଭା ମଞ୍ଚରେ ଜଣେ ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବାକୁ ଇଙ୍ଗିତ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ରାଜ୍ୟ ରାଜନୀତିରେ ତୀବ୍ର ବିତର୍କ ସୃଷ୍ଟି କରିଛି ଏବଂ ବିରୋଧୀ ଦଳମାନେ ସିଦ୍ଧରମୈୟାଙ୍କ ଆଚରଣକୁ ନିନ୍ଦା କରିଛନ୍ତି। ୨୮ ଏପ୍ରିଲ ସୋମବାର ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ସିଦ୍ଧରମୈୟା ମଞ୍ଚ ଉପରେ ଉପସ୍ଥିତ ଥିବା ଜଣେ ପୋଲିସ ଅଧିକାରୀଙ୍କୁ ଡାକି କିଛି କହିବାକୁ ଚେଷ୍ଟା କରୁଥିବା ଦେଖାଯାଇଥିଲା। ଭିଡିଓରେ ସିଦ୍ଧରମୈୟା ତାଙ୍କ ହାତ ଉଠାଇ ଚାପୁଡ଼ା ମାରିବାର ଇଙ୍ଗିତ କରୁଥିବା ଦୃଶ୍ୟ ରେକର୍ଡ ହୋଇଛି। ଏହି ସମୟରେ କଂଗ୍ରେସ ନେତା ରଣଦୀପ ସୁରଜେୱାଲା ମଞ୍ଚ ଉପରେ ଉପସ୍ଥିତ ଥିଲେ, କିନ୍ତୁ ସିଦ୍ଧରମୈୟା ତାଙ୍କ କଥା ନ ଶୁଣି ତାଙ୍କ ଆଚରଣ ଜାରି ରଖିଥିଲେ। ଏହି ଭିଡିଓଟି ଏକ୍ସ (ପୂର୍ବରୁ ଟ୍ୱିଟର) ପ୍ଲାଟଫର୍ମରେ ଦ୍ରୁତ ଗତିରେ ପ୍ରଚାରିତ ହେବା ପରେ ଏହା ତୀବ୍ର ଆଲୋଚନାର ବିଷୟ ପାଲଟିଛି।

## ୮ଜଣଙ୍କୁ ଚାପିଦେଲା ଦ୍ରୁତଗାମୀ ଇନୋଭା କାର୍

ପାଟନା ବିହାରରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ୭ରୁ ୮ଜଣଙ୍କୁ ଧକ୍କା ଦେଇ ଓଲଟିପଡିଛି ଦ୍ରୁତଗାମୀ ଇନୋଭା କାର୍। ଏପରି ଦୁର୍ଘଟଣା ରବିବାର ରାତି ସମୟରେ ହୋଇଥିବାର ସୂଚନା ମିଳିଛି। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ଚାଳକଙ୍କୁ ଅଟକ ରଖିଛି। ସୂଚନାନୁଯାୟୀ, ରବିବାର ପ୍ରାୟ ରାତି ୯ଟା ସମୟରେ ବିହାର ପାଟନାର ତାରା ମଣ୍ଡଲ ଅଞ୍ଚଳରେ ଭୟଙ୍କର ସଡକ ଦୁର୍ଘଟଣା ଘଟିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏକ ଦ୍ରୁତଗାମୀ ଇନୋଭା କାର୍ ହଠାତ୍ ଆସି ଅନେକ ଗାଡିକୁ ଧକ୍କା ଦେଇଥିଲା। ପରେ ରାସ୍ତା କଡରେ ଠିଆ ହୋଇଥିବା ୭ ରୁ ୮ ଜଣ ଲୋକଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟି ସାରିବା ପରେ କାରଟି ମଧ୍ୟ ଓଲଟିପଡିଥିଲା। ଏହି ସମୟରେ ଗାଡି ଚାଳକ ଉପରେ ସ୍ଥାନୀୟ ଲୋକ ରାଗି ନିର୍ଦ୍ଧୁମ ପିଟିଥିଲେ। ଚିକିତ୍ସା ପାଇଁ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ୪ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ସୂଚନା ମିଳୁଛି। କାର୍ ଗାଡି ଚାଳକ ଶୁଭେଶଙ୍କୁ ମଧ୍ୟ ହସ୍ପଟାଲରେ ଭର୍ତ୍ତି କରାଯାଇଛି। ପୋଲିସ କହିଛି ଶୁଭେଶଙ୍କ ଚିକିତ୍ସା ପରେ

## ଅନ୍ଧାର ହୋଇଗଲା ଅଧା ୟୁରୋପ

ସ୍ପେନ,ପର୍ତ୍ତୁଗାଲ ଓ ବେଲଜିୟମ୍‌ରେ ବଡ଼ ଧରଣର ବିଦ୍ୟୁତ୍ ବିଚ୍ଛିନ୍ନ



**ବାର୍ସିଲୋନା,୨୮।୪:** ସ୍ପେନ୍, ପର୍ତ୍ତୁଗାଲ ଓ ବେଲଜିୟମ୍‌ରେ ସୋମବାର ବଡ଼ ଧରଣର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ମେଟ୍ରୋ ନେଟୱାର୍କ, ଫୋନ୍ ଲାଇନ୍, ଟ୍ରାଫିକ୍ ଲାଇଟ୍ ଓ ଏଟିଏମ୍ ମେସିନ୍ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଅଧା ୟୁରୋପ ଅନ୍ଧାର ହୋଇଯାଇଛି। ବିମାନ ଚଳାଚଳ, ଟ୍ରେନ ଚଳାଚଳ, ରେଷ୍ଟୁରାଣ୍ଟ, ସପିଙ୍ଗମଲ, ସିନେମା ହଲ ଆଦି ଗଭୀର ଭାବେ ପ୍ରଭାବିତ ହୋଇଛି। ସ୍ପେନର ଶକ୍ତି ବିତରକ ରେଡ୍ ଏଲେକ୍ଟ୍ରିକା କହିଛି ଯେ ସୋମବାର ପର୍ତ୍ତୁଗାଲରେ ବ୍ୟାପକ ଏବଂ ଅଭୂତପୂର୍ବ ବିଚ୍ଛିନ୍ନତା ପରେ ଦେଶର ବିଶାଳ ଅଞ୍ଚଳରେ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ ୬-୧୦ ଘଣ୍ଟା ସମୟ ଲାଗିପାରେ। ବ୍ଲାକ୍ ଆଉଟ୍ ର କାରଣ ସମ୍ପର୍କରେ କମ୍ପାନୀ ଆକଳନ କରିବାକୁ ମନା କରିଦେଇଛି। ପର୍ତ୍ତୁଗିଜ ନ୍ୟାସନାଲ ସାଇବର ସିକ୍ୟୁରିଟି ସେଣ୍ଟର ଏକ ବିବୃତି ଜାରି କରି କହିଛି ଯେ ସାଇବର ଆକ୍ରମଣ କାରଣରୁ ଏହି ବିଚ୍ଛିନ୍ନତା ଘଟିଥିବାର କୌଣସି ସଙ୍କେତ ନାହିଁ। ରେଡ୍ ଇଲେକ୍ଟ୍ରିକାର ଅପରେସନ୍ ମୁଖ୍ୟ ଏଡୁଆର୍ଡୋ ପ୍ରିଟୋ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଏହା ଅଭୂତପୂର୍ବ ଏବଂ ଅସାଧାରଣ। କର୍ତ୍ତୃପକ୍ଷ କହିଛନ୍ତି ଯେ ଏହାର କାରଣ ତୁରନ୍ତ ଜଣାପଡିନାହିଁ, ଯଦିଓ ଜଣେ ପର୍ତ୍ତୁଗିଜ ଅଧିକାରୀ କହିଛନ୍ତି ଯେ ସ୍ପେନରେ ବିଦ୍ୟୁତ ବିତରଣ ନେଟୱାର୍କରେ ସମସ୍ୟା ଥିବା ଜଣାପଡିଛି। ଏହି ଦେଶଗୁଡ଼ିକର ମିଳିତ ଜନସଂଖ୍ୟା ୫୦ ନିୟୁତରୁ ଅଧିକ। ତେବେ କେତେ ଜଣ ପ୍ରଭାବିତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସମଗ୍ର ଆଇବେରିଆ ଉପଦ୍ୱୀପରେ ଏତେ ବ୍ୟାପକ ବିଚ୍ଛିନ୍ନତା ଦେଖିବାକୁ ମିଳୁଛି। ଏହାର କିଛି ଘଣ୍ଟା ପରେ ସ୍ପେନର ବିଦ୍ୟୁତ୍ ନେଟୱାର୍କ ଅପରେଟର କହିଛି ଯେ ଉପଦ୍ୱୀପର ଉତ୍ତର ଏବଂ ଦକ୍ଷିଣରେ ବିଦ୍ୟୁତ୍ ପୁନରୁଦ୍ଧାର କରାଯାଉଛି, ଯାହା ଦେଶବ୍ୟାପୀ ବିଦ୍ୟୁତ୍ ଯୋଗାଣକୁ ଧୀରେ ଧୀରେ ପୁନରୁଦ୍ଧାର କରିବାରେ ସହାୟକ ହେବ। ପର୍ତ୍ତୁଗାଲ ସରକାର କହିଛନ୍ତି ଯେ ଦେଶ ବାହାରେ ସମସ୍ୟା ଯୋଗୁଁ ଏହି ବିଚ୍ଛିନ୍ନତା ଦେଖାଦେଇଛି ବୋଲି ଜଣେ ଅଧିକାରୀ ଜାତୀୟ ନ୍ୟୁଜ୍ ଏଜେନ୍ସି ଲୁସାକୁ କହିଛନ୍ତି। ସ୍ପେନରେ ବିତରଣ ନେଟୱାର୍କରେ ଏହା ଏକ ସମସ୍ୟା ବୋଲି ଜଣାପଡୁଛି। ଏହା ଏବେ ବି ସ୍ପଷ୍ଟ ହୋଇଛି ବୋଲି କ୍ୟାବିନେଟ୍ ମନ୍ତ୍ରୀ ଲିଟାଓ ଆମାରୋ କହିଛନ୍ତି। ପର୍ତ୍ତୁଗିଜ ଖବରକାଗଜ ଏକ୍ସପ୍ରେସୋ ଅନୁଯାୟୀ, ପର୍ତ୍ତୁଗିଜ ବିତରକ ଇ-ରେଡ୍ସ କହିଛନ୍ତି ଯେ ୟୁରୋପୀୟ ବିଦ୍ୟୁତ ବ୍ୟବସ୍ଥାରେ ସମସ୍ୟା କାରଣରୁ ଏହି ବିଚ୍ଛିନ୍ନତା ଘଟିଛି। ଏକ୍ସପ୍ରେସୋ ଅନୁଯାୟୀ, ନେଟୱାର୍କକୁ ସ୍ଥିର କରିବା ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଦ୍ୟୁତ୍ କାଟିବାକୁ ବାଧ୍ୟ ହୋଇଛି। ସ୍ପେନର ବିଦ୍ୟୁତ ନେଟୱାର୍କ ୱେବସାଇଟରେ ଥିବା ଏକ ଗ୍ରାଫ୍ ରେ ସାରା ଦେଶରେ ଚାହିଦା ଦର୍ଶାଉଥିବା ଏକ ଗ୍ରାଫ୍ ରୁ ଜଣାପଡିଛି ଯେ ଅପରାହ୍ନ ପ୍ରାୟ ୧୨ଟା ୧୫ ମିନିଟ୍ ରେ ୨୭,୫୦୦ ମେଗାୱାଟରୁ ପ୍ରାୟ ୧୫,୦୦୦ ମେଗାୱାଟକୁ ହ୍ରାସ ପାଇଛି।

● ଭାରତରେ ପାକ୍ ଯୁବତୀଙ୍କ ବିବାହ ପ୍ରସଙ୍ଗ

## ବିନା ନାଗରିକତାରେ ରହୁଛନ୍ତି ୫ ଲକ୍ଷରୁ ଊର୍ଦ୍ଧ୍ୱ

**ନୂଆଦିଲ୍ଲୀ,୨୮।୪:** ପହଲଗାମ୍ ନରସଂହାର ପରେ ଭାରତ ନେଇଛି କଡ଼ା ପଦକ୍ଷେପ। ପାକିସ୍ତାନକୁ ଜବତ କରିବା ପାଇଁ କଠୋର ହୋଇଛି ଭାରତ। ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରିଥିଲେ। ଏହାପରେ ତୁରନ୍ତ ଅଟାରୀ-ୱାଘା ସୀମା ବନ୍ଦ ଘୋଷଣା କରିଥିଲା ଭାରତ। ତେବେ ଏହାରି ଭିତରେ ଅନେକ ପାକିସ୍ତାନ ମହିଳା ଭାରତରେ ବିବାହ କରି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ବିନା ବୈଧ ଭିସାରେ ରହୁଥିବା ଘଟଣା ସାମ୍ନାକୁ ଆସିଥିଲା। ଏମିତିକି ଭାରତରେ ବିବାହ କରିଥିବା ପାକିସ୍ତାନୀ ମହିଳାମାନେ ଭାରତ ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଘଟଣା ସାମ୍ନାକୁ ଆସିବାରେ ଲାଗିଥିଲା। ଏହାରି ଭିତରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ସୋସିଆଲ ମିଡ଼ିଆ 'ଏକ୍ସ' ମାଧ୍ୟମରେ ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି। ନିଶିକାନ୍ତ ଦୁବେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ପାକିସ୍ତାନୀ ଆତଙ୍କବାଦର ଏକ ନୂତନ ଚେହେରା ଏବେ ସାମ୍ନାକୁ ଆସିଛି। ପାଞ୍ଚ ଲକ୍ଷରୁ ଅଧିକ ପାକିସ୍ତାନୀ ଝିଅ ବିବାହ କରିବା ପରେ ଭାରତରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଭାରତୀୟ ନାଗରିକତା ମିଳିନାହିଁ।' ଏହାସହ ଭିତରେ ପ୍ରବେଶ କରିଥିବା ଏହି ଶତ୍ରୁମାନଙ୍କ ସହିତ କିପରି ଲଢ଼ିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପାକିସ୍ତାନୀ ନାଗରିକଙ୍କ ଭାରତ ଛାଡିବା ପାଇଁ ଦିଆଯାଇଥିବା ସମୟ ଶେଷ ହେବା ପରେ ଦୁବେ ଏଭଳି ମନ୍ତବ୍ୟ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଏପ୍ରିଲ ୨୫ରୁ ୨୭ ମଧ୍ୟରେ ପ୍ରାୟ ୫୩୦ ଜଣ ପାକିସ୍ତାନୀ ନାଗରିକ ଅଟାରୀ ଚେକ୍ ପୋଷ୍ଟ ଦେଇ ପାକିସ୍ତାନ ଫେରିଛନ୍ତି। ଅପରପକ୍ଷେ ୭୪୪ ଜଣ ଭାରତୀୟ ନାଗରିକ ୱାଘା ଦେଇ ପାକିସ୍ତାନରୁ ଭାରତ ଫେରିଛନ୍ତି। ଜମ୍ମୁ-କଶ୍ମୀରର ପହଲଗାମରେ ସମ୍ପ୍ରତି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରିଛି ଏବଂ ଅନେକ କଠୋର ପଦକ୍ଷେପ ନେଇଛି।

'ବାଲାକୋଟ୍ ଭଳି କାର୍ଯ୍ୟାନୁଷ୍ଠାନ ନୁହେଁ,

## ପାକିସ୍ତାନ ବିରୋଧରେ ଫୁଲ୍ ଆଣ୍ଡ୍ ଫାଇନାଲ୍ ହିସାବ ଜରୁରୀ



**ନୂଆଦିଲ୍ଲୀ,୨୮।୪:** ପହଲଗାମ ବୈସରଣ ଭ୍ୟାଲି ଆତଙ୍କୀ ହମଲାକୁ ନେଇ କ୍ରୋଧରେ ଜଳୁଛି ସାରା ଦେଶ। ସବୁଠି ଶୋକର ମାହୋଲ। ଏହାରି ଭିତରେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫ୍ରେନସର ମୁଖ୍ୟ ଫାରୁକ୍ ଅବ୍‌ଦୁଲା ପାକିସ୍ତାନକୁ କଡ଼ା ନିନ୍ଦା କରିଛନ୍ତି। ପଡ଼ୋଶୀ ଦେଶ ସହିତ କୌଣସି ଆଲୋଚନାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। କାରଣ ପାକିସ୍ତାନ ମାନବତ୍ୱର ହତ୍ୟା କରିଛି। ଭାରତ ୧୯୪୭ରେ ହିଁ ଟୁ-ନେସନ ଥିଓରୀକୁ ଖାରଜ କରିଥିଲା ଏବଂ ଆଜି ସେମାନେ ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। କାରଣ ଭାରତରେ ହିନ୍ଦୁ, ମୁସଲମାନ, ଶିଖ୍ ଓ ଇସାଇ ସବୁ ଏକ ହୋଇ ଚଳୁଛନ୍ତି।

## ଭାରତ ବିରୋଧରେ ବିଷ ଉଗାରିଲେ ପାକିସ୍ତାନ ପୂର୍ବତନ କ୍ରିକେଟର

**ନୂଆଦିଲ୍ଲୀ,୨୮।୪:** ଶାହିଦ ଆଫ୍ରିଦିଙ୍କ ଭାରତ ଉପରେ ପୁଣି ଥରେ ବିବାଦୀୟ ବୟାନ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଦାୟୀ କରିବା ପୂର୍ବରୁ ଭାରତ ପ୍ରମାଣ ଦେଖାଉ ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି। ଆଫ୍ରିଦି କହିଛନ୍ତି, "ଭାରତ ପହଲଗାମ ଘଟଣା ପାଇଁ ପାକିସ୍ତାନକୁ ଦାୟୀ କଲା, କିନ୍ତୁ ସେମାନେ ପ୍ରମାଣ ଓ ସତ୍ୟ ଦେଖାଇବା ଉଚିତ। କୌଣସି ଧର୍ମ ଏଭଳି ଘଟଣାକୁ ସମର୍ଥନ କରେ ନାହିଁ। ଆଫ୍ରିଦି ଆହୁରି କହିଛନ୍ତି, ପାକିସ୍ତାନ ନିଜେ ଆତଙ୍କବାଦର ଶିକାର, ତେଣୁ ଏଭଳି ଅଭିଯୋଗ ଦୁଃଖଦ। ଆଫ୍ରିଦି ଭାରତୀୟ ସେନା ଓ ଗୁଇନ୍ଦା ସଂସ୍ଥାଙ୍କ ବିଫଳତାକୁ ଦାୟୀ କରି କହିଛନ୍ତି, କାଶ୍ମୀରରେ ୮ ଲକ୍ଷ ସୈନ୍ୟ ମୁତୟନ ଥାଇ ମଧ୍ୟ ଏଭଳି ଘଟଣା ଘଟିଛି, ଯାହା ଭାରତୀୟ ସୁରକ୍ଷା ବ୍ୟବସ୍ଥାର ଅପାରଗତାକୁ ଦର୍ଶାଏ।"

## ମୁମ୍ବାଇ ସ୍ଥିତ ଇଡି ଅଫିସରେ ଅଗ୍ନିକାଣ୍ଡ

**ମୁମ୍ବାଇ,୨୮।୪:** ମୁମ୍ବାଇରେ ଇଡି କାର୍ଯ୍ୟାଳୟରେ ନିଆଁ ଲାଗି କିଛି କାଗଜପତ୍ର ଓ ଫର୍ଣ୍ଣିଚର ଜଳିଯାଇଛି, ହେଲେ ତଦନ୍ତ ବା ବିଚାରରେ କୌଣସି ବାଧା ଉପୁଜିବାର ଆଶଙ୍କା ନାହିଁ ବୋଲି ସୋମବାର କହିଛି ଏହି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। କାରଣ ଫାଇଲ ସବୁ ଡିଜିଟାଲ ରୂପେ ସୁରକ୍ଷିତ ଅଛି। ସଂଘୀୟ ଏଜେନ୍ସି ରବିବାର ପାଖାପାଖି ୨ଟା୨୫ ସମୟରେ ବୈଲାର୍ଡ ଏଷ୍ଟେଟ୍‌ରେ କୈସର-ଏ-ହିନ୍ଦ ବିଲ୍ଡିଂ ସ୍ଥିତ ମୁମ୍ବାଇ ଜୋନଲ ଅଫିସ-୧ର ୪ର୍ଥ ମହଲାରେ ଲାଗିଥିବା ନିଆଁରେ ବୟାନ ଜାରି କରିଛି। ଏଜେନ୍ସି କହିଛି ଯେ, ପ୍ରାଥମିକ ଭାବେ ୪ର୍ଥ ମହଲାରେ ଥିବା ବୈଦ୍ୟୁତିକ ବାକ୍ସରେ ସର୍ଟ-ସର୍କିଟ ଯୋଗୁଁ ନିଆଁ ଲାଗିଛି। ଏଜେନ୍ସି କହିଛି ଯେ, ବାସ୍ତବିକ କ୍ଷତିର ଆକଳନ କରାଯାଉଛି। ପ୍ରାରମ୍ଭିକ ଭାବେ ଜଣାପଡ଼ିଛି ଯେ, ଅଗ୍ନିକାଣ୍ଡ ଘଟଣାରେ କିଛି କାଗଜପତ୍ର ଓ ଫର୍ନିଚର ଆଦି ଜଳି ଯାଇଛି।

### ରୋକି ପାରିନି ଆତଙ୍କୀ ବନ୍ଧୁକ

## ପୁଣି ପହଲଗାମ ଆକର୍ଷଣରେ ପର୍ଯ୍ୟଟକ




**ନୂଆଦିଲ୍ଲୀ,୨୮।୪:** ଧୀରେ ଧୀରେ ସ୍ୱାଭାବିକ ହେଉଛି ପହଲଗାମ। ଆତଙ୍କୀ ହମଲାର ୫ ଦିନ ପରେ ପହଲଗାମକୁ ଫେରିଲେଣି ପର୍ଯ୍ୟଟକ। ଦେଶୀ ଓ ବିଦେଶୀ ପର୍ଯ୍ୟଟକ ପ୍ରାକୃତିକ ଶୋଭାରାଜିର ମଜା ନେଉଛନ୍ତି। ପର୍ଯ୍ୟଟକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିଥିବାରୁ ନିଜ ଭ୍ରମଣ ଯୋଜନାରୁ ଜମ୍ମୁକଶ୍ମୀରକୁ ବାଦ ଦେଇନଥିବା କହିଛନ୍ତି ପର୍ଯ୍ୟଟକ। ମିନି ସୁଇଜରଲ୍ୟାଣ୍ଡ ଭାବେ ପରିଚିତ ପହଲଗାମରେ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ପୂର୍ବରୁ ପ୍ରତିଦିନ ଏଠାକୁ ୫ହଜାରରୁ ୭ ହଜାରର ପର୍ଯ୍ୟଟକ ଆସୁଥିଲେ। ତେବେ ଗତ ୨୨ ତାରିଖରେ ଆତଙ୍କବାଦୀ ହମଲା ପରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ଆଗଭଳି ଆଉ ଭିଡ଼ ନାହିଁ। ପ୍ରାକୃତିକ ଶୋଭାକୁ ଉପଭୋଗ କରିବା ପାଇଁ ପହଲଗାମରେ ପର୍ଯ୍ୟଟକମାନେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଏଠାରେ ସବୁକିଛି ସୁରକ୍ଷିତ ଥିବା କହିଛନ୍ତି କ୍ରୋଏସିଆରୁ ଆସିଥିବା ବିଦେଶୀ ପର୍ଯ୍ୟଟକ। ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁକଶ୍ମୀର ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଦୀର୍ଘବର୍ଷ ପରେ ଜମ୍ମକଶ୍ମୀରରେ ଶାନ୍ତି ଫେରିଥିଲା। ଜମ୍ମୁକଶ୍ମୀର ବିକାଶର ରାସ୍ତାରେ ଆଗେଇ ଯାଉଥିବା ବେଳେ ପହଲଗାଓଁ ଆତଙ୍କୀ ଆକ୍ରମଣ ସାରା ଦେଶକୁ ଥରାଇ ଦେଇଥିଲା।

## ଦେଶ ବିରୁଦ୍ଧରେ ପୋଷ୍ଟ କରିବା ପଡ଼ିଲା ମହଙ୍ଗା, ନେହାଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ,୨୮।୪:** ଲକ୍ଷ୍ନୌର ପୋଲିସ ଷ୍ଟେସନରେ ନେହା ସିଂହ ରାଠୋରଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଛି। ଏହି ଏଫଆଇଆର ସୋସିଆଲ ମିଡିଆରେ ତାଙ୍କର ପୋଷ୍ଟ ସମ୍ପର୍କରେ, ଯେଉଁଥିରେ ସେ ପହଲଗାମ ଆକ୍ରମଣ ଉପରେ ପ୍ରଶ୍ନ ଉଠାଇଥିଲେ। ଏହି ଏଫଆଇଆର କବି ଅଭୟ ପ୍ରତାପ ସିଂହ ଓରଫ ଅଭୟ ସିଂହ ନିର୍ଭିକ ଦାୟର କରିଛନ୍ତି। ଏଫଆଇଆରରେ କୁହାଯାଇଛି ଯେ ନେହା ସିଂହ ରାଠୋର ତାଙ୍କ ଟ୍ୱିଟର ହ୍ୟାଣ୍ଡେଲରେ ଅନେକ ଆପତ୍ତିଜନକ ପୋଷ୍ଟ କରିଥିଲେ।ଯେଉଁଥିରେ ଜାତୀୟ ଅଖଣ୍ଡତା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଏବଂ ଧର୍ମ ଓ ଜାତି ଆଧାରରେ ଅନ୍ୟ ସମ୍ପ୍ରଦାୟ ବିରୁଦ୍ଧରେ ଅପରାଧକୁ ପ୍ରୋତ୍ସାହିତ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଏହା ବ୍ୟତୀତ, ସେ ଅଭିଯୋଗ କରିଛନ୍ତି ଯେ ରାଠୋର ପହଲଗାମ ଆକ୍ରମଣରେ ନିହତ ନିରୀହ ଲୋକଙ୍କ ଉପରେ ପ୍ରଶ୍ନ ଉଠାଇ ସମାଜରେ ଅସ୍ଥିରତା ବିସ୍ତାର କରୁଛନ୍ତି। ବର୍ତ୍ତମାନ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ନେହା ସିଂହଙ୍କ ଟ୍ୱିଟ୍ ପାକିସ୍ତାନରେ ଭାଇରାଲ ଏଫଆଇଆରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ନେହା ସିଂହଙ୍କ ଟ୍ୱିଟ୍ ପାକିସ୍ତାନରେ ଭାଇରାଲ ହେଉଛି। ସେଠାକାର ଗଣମାଧ୍ୟମରେ ପ୍ରଚାର କରାଯାଉଛି। ତାଙ୍କ ବୟାନକୁ ଭାରତ ବିରୁଦ୍ଧରେ ବ୍ୟବହାର କରାଯାଉଛି। ନେହାଙ୍କ ବୟାନ ଏବଂ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଉଠାଯାଉଥିବା ପ୍ରଶ୍ନ ସାରା ଦେଶରେ ହଇଚଇ ସୃଷ୍ଟି କରିଛି।



SANCHAR ସଂଚାର

# ଋଷଭଙ୍କୁ ୨୪ ଲକ୍ଷର ଜରିମାନା ଲଗାଇଲା ବିସିସିଆଇ



ନୂଆଦିଲ୍ଲୀ, ୨୮।୪: ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ମୌ ସୁପରଜାଏଣ୍ଟସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଜବରଦସ୍ତ ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ହେଲେ ଲକ୍ଷ୍ମୌ ମ୍ୟାଚ ହାରିବା ସହ ଫାଇନ୍ ଗଣିଛି। ଅଧିନାୟକ ରିଷଭ ପନ୍ତଙ୍କୁ ୨୪ ଲକ୍ଷ ଟଙ୍କାର ଜରିମାନା ଲଗାଇଛି ବିସିସିଆଇ। ସ୍ଲୋ ଓଭର ବୋଲିଂ ପାଇଁ ଦଳକୁ ଅଧିନାୟକ ରିଷଭ ପନ୍ତଙ୍କୁ ଫାଇନ୍ ହୋଇଛି। ଏହା ଚଳିତ ସିଜନରେ ଦଳକୁ ଦ୍ୱିତୀୟ ଜରିମାନା। ଆଇପିଏଲ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛି କି, ଲକ୍ଷ୍ମୌ ସୁପରଜାଏଣ୍ଟସ ଓଭର-ରେଟ୍ ସମ୍ପର୍କିତ ନିୟମ ଉଲ୍ଲଘଂନ କରିଛି। ଏ ନେଇ ଅଧିନାୟକ ରିଷଭ ପନ୍ତଙ୍କ ଆଇପିଏଲ ନିୟମ ସହିଂତା ଅନୁଚ୍ଛେଦ ୨.୨୨ ଅଧୀନରେ ୨୪ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇଛି। ଏହା ସହିତ ଦଳର ଇମ୍ପାକ୍ଟ ପ୍ଲେୟାରଙ୍କ ଉପରେ ୬ ଲକ୍ଷ ଟଙ୍କା ଲେଖାଏଁ କିମ୍ବା ସେମାନଙ୍କ ମ୍ୟାଚ ଫିସ୍‌ରୁ ୨୫% ଫାଇନ୍ ହୋଇଛି। ୱାଙ୍ଖଡେ ଷ୍ଟାଡ଼ିୟମରେ ପୁଣି ଏକ ଚମକପ୍ରଦ ବିଜୟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି। ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ, ଯଶପ୍ରୀତ ବୁମରାଙ୍କ ବୋଲିଂ ବଳରେ ଲକ୍ଷ୍ମୌକୁ ୫୪ରନରେ ପରାସ୍ତ କରିଛି ମୁମ୍ବାଇ। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ମୌ ଆଗରେ ୨୧୫ରନ୍ କରିଥିଲା। ସୂର୍ଯ୍ୟକୁମାର ଯାଦବ ସିଜନର ୪୫ତମ ମ୍ୟାଚରେ ଲକ୍ଷ୍ମୌ ଟିମ୍ ବିପକ୍ଷରେ ୨୮ ବଲ୍‌ରେ ୫୪ ରନର ଇନିଂସ ଖେଳିଥିଲେ। ଏହି ସମୟରେ ସେ ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଜବାବରେ ଲକ୍ଷ୍ମୌ କେବଳ ୧୬୧ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଛି। ଦଳର କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି। ଯଶପ୍ରୀତ ବୁମରା ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ ଅକ୍ତିଆର କରିଛନ୍ତି। ଟେଣ୍ଟ ବୋଲ୍ଟଙ୍କୁ ୩ ୱିକେଟ୍ ମିଳିଛି। ଆଇପିଏଲ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଲଗାତାର ପଞ୍ଚମ ବିଜୟ ହାସଲ କରି ଆଇପିଏଲ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନ ହାସଲ କରିଛି।

## ଫିଲ୍ମ ଜଗତରେ ଏଣ୍ଟ୍ରି କଲେ ହରଭଜନ ସିଂହ
### ପତ୍ନୀ ଗୀତାଙ୍କ ସହ ଲଞ୍ଚ କଲେ ପ୍ରଡକ୍ସନ ହାଉସ୍



ମୁମ୍ବାଇ, ୨୮।୦୪: ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂହ। ବର୍ତ୍ତମାନ ସେ ତାଙ୍କ ପତ୍ନୀ ଗୀତା ବସରାଙ୍କ ସହିତ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ତା ହେଉଛି ନିଜର ପ୍ରଡକ୍ସନ ହାଉସ୍ । ଏନେଇ ଗୀତା ବସରା ସୋସିଆଲ ମିଡିଆରେ କିଛି ଫଟୋ ସେୟାର କରି କନଫର୍ମ କରିଛନ୍ତି । ଖୁବ୍ ଶୀଘ୍ର ତାଙ୍କର ପ୍ରଥମ ଫିଲ୍ମ ଘୋଷଣା କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହରଭଜନ ଓ ତାଙ୍କ ପତ୍ନୀଙ୍କ ସହିତ ପ୍ରଡକ୍ସନ ହାଉସ୍ ପର୍ପଲ ରୋଜ୍ ଏଣ୍ଟରଟେନମେଣ୍ଟ ଆରମ୍ଭ କରିଛନ୍ତି। ଏହି ଦମ୍ପତି ପ୍ରଯୋଜକ ଭାବରେ ନିଜର କ୍ୟାରିଅରରେ ପାଦ ଥାପିଛନ୍ତି। ଗୀତା ତାଙ୍କ ଇନଷ୍ଟାଗ୍ରାମରେ ହରଭଜନଙ୍କ ସହ ଅନେକ ଫଟୋ ସେୟାର ଲେଖିଛନ୍ତି, "ବଡ଼ ହସ, ବଡ଼ ସ୍ୱପ୍ନ... ଏବଂ ମୋ ପାଇଁ ଏକ ନୂତନ ଶୀର୍ଷକ।" ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପ୍ରଡକ୍ସନ୍ ବ୍ୟାନର ଏହାର ପ୍ରଥମ ପ୍ରୋଜେକ୍ଟ ପାଇସାରିଛି। 'ପର୍ପଲ୍ ରୋଜ୍ ଏଣ୍ଟରଟେନମେଣ୍ଟ' ଅଧୀନରେ ଆମର ପ୍ରଥମ ପ୍ରୋଜେକ୍ଟ ପାଇଁ ହରଭଜନ ଏବଂ ମୁଁ ଆନୁଷ୍ଠାନିକ ଭାବରେ କ୍ୟାମେରା ରୋଲ୍ କରିଛୁ ଏବଂ ମୁଁ ନିର୍ମାତା ଭାବରେ ପ୍ରଡକ୍ସନ ଜଗତରେ ପାଦ ଦେବାକୁ ଅତ୍ୟନ୍ତ ଉତ୍ସାହିତ।

## ଦ୍ରୁତତମ ୪୦୦୦ ରନ୍ ପୂରଣ କଲେ ସୂର୍ଯ୍ୟ କୁମାର ଯାଦବ

ନୂଆଦିଲ୍ଲୀ ୨୮।୦୪: ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବ। ଆଇପିଏଲ ୨୦୨୫ରେ ବହୁତ ଭଲ ଫର୍ମରେ ଅଛନ୍ତି। ସେ ଲକ୍ଷ୍ମୌ ବିପକ୍ଷରେ ଏକ ବିସ୍ଫୋରକ ଇନିଂସ ମଧ ଖେଳିଥିଲେ। ସୂର୍ଯ୍ୟକୁମାର ଯାଦବ ସିଜିନର ୪୫ତମ ମ୍ୟାଚ୍‌ରେ ଲକ୍ଷ୍ମୌ ଟିମ୍ ବିପକ୍ଷରେ ୨୮ ବଲ୍‌ରେ ୫୪ ରନ୍‌ର ଇନିଂସ ଖେଳିଥିଲେ। ଏହି ସମୟରେ ସେ ୪ଟି ଚୌକା



ଏବଂ ୪ଟି ଛକା ମାରିଥିଲେ। ଏହି ଇନିଂସ ମଧରେ ସୂର୍ଯ୍ୟକୁମାର ଯାଦବ ତାଙ୍କ ଆଇପିଏଲ କ୍ୟାରିୟରରେ ୪୦୦୦ ରନ ମଧ ପୂରଣ କରିଥିଲେ। ଏହା ସହିତ ସେ ଇତିହାସ ମଧ ସୃଷ୍ଟି କରିଥିଲେ। ବଲ୍ ଦୃଷ୍ଟିରୁ ସୂର୍ଯ୍ୟକୁମାର ଯାଦବ ଆଇପିଏଲରେ ଦ୍ରୁତତମ ୪୦୦୦ ରନ୍ ପୂରଣ କରିଥିବା ଭାରତୀୟ ବ୍ୟାଟର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ସୁରେଶ ରାଇନାଙ୍କ ନାଁରେ ରହିଥିଲା। ସୂର୍ଯ୍ୟକୁମାର ଯାଦବ ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ୨୭୧୪ ବଲ୍ ନେଇଥିଲେ। ସେହିପରି ସୁରେଶ ରାଇନା ୨୮୮୧ ବଲରେ ୪୦୦୦ ଆଇପିଏଲ ରନ ପୂରଣ କରିଥିଲେ। ସୂର୍ଯ୍ୟକୁମାର ଯାଦବ ଚଳିତ ସିଜିନରେ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିଛନ୍ତି ଏବଂ ସମସ୍ତ ମ୍ୟାଚ୍‌ରେ ୨୫ କିମ୍ବା ତା'ଠାରୁ ଅଧିକ ରନ୍ କରିଛନ୍ତି। ଏହା ପୂର୍ବରୁ କେବଳ ରବିନ ଉତ୍ଥାପା ଆଇପିଏଲରେ ଏହି କୃତିତ୍ୱ ହାସଲ କରିପାରିଥିଲେ। ସୂର୍ଯ୍ୟକୁମାର ଯାଦବ ଚଳିତ ସିଜିନରେ ୪୨୭ ରନ କରିଛନ୍ତି। ଏହା ସହିତ ସେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ମଧ ଆଗରେ ରହିଛନ୍ତି।

## ପାକିସ୍ତାନ ସୁପର ଲିଗରେ ସାମିଲ ଥିବା ୨୩ ଭାରତୀୟ ସ୍ୱଦେଶ ଫେରିଲେ

କରାଚୀ, ୨୭।୪: ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ୍)ର ପ୍ରଡକଶନ ଓ ବ୍ରଡକାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ରବିବାର ବ୍ୟବସ୍ଥା କରାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି।

ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍‌ଏଲ୍ ମ୍ୟାଚର ପ୍ରଡକ୍‌ଶନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ୨୩ ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତୀୟ କର୍ମଚାରୀମାନେ ଲାହୋରରୁ ୱାଘା ସୀମା ଦେଇ ସ୍ୱଦେଶ ଫେରିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ପିଏସ୍‌ଏଲ୍ ମ୍ୟାଚ୍‌ର ପ୍ରଡ୍ୟୁସିଂ ଓ ବ୍ରଡକାଷ୍ଟିଂ ଦାୟିତ୍ୱରେ ଥିବା କମ୍ପାନୀ ଭାରତୀୟ କ୍ୟାମେରାମ୍ୟାନ ଓ ଟେକ୍‌ନିସିଆନ୍ସଙ୍କୁ ନିଯୁକ୍ତ କରିଥିଲା। ଭାରତୀୟମାନେ ଫେରି ଯାଇଥିବାରୁ ସେମାନଙ୍କ ସ୍ଥାନରେ ବିଦେଶୀ ଓ ସ୍ଥାନୀୟ କ୍ୟାମେରାମ୍ୟାନ ଓ ଟେକ୍‌ନିସିଆନ୍ସଙ୍କୁ ନିଯୁକ୍ତ କରାଯାଇଛି।

## ମନୋରଞ୍ଜନର ସାମଗ୍ରୀ ନୁହେଁ ମୋ ପୁଅ: ସଞ୍ଜନା



ମୁମ୍ବାଇ, ୨୮।୪: ରାଗିଗଲେ ଜସ୍‌ପ୍ରୀତ ବୁମରା ପତ୍ନୀ ସଞ୍ଜନା। ମୁମ୍ବାଇ-ଲକ୍ଷ୍ମୌ ମ୍ୟାଚ ବେଳେ ତାଙ୍କ ପୁଅକୁ ନେଇ ମଜାକ ଉଡ଼ାଇବାକୁ ରାଗିଯାଇଛନ୍ତି ସଞ୍ଜନା। ନିଜ ପୁଅ ଅଙ୍ଗଦ ସହ ଷ୍ଟାଡିୟମରେ ବସି ମ୍ୟାଚ୍ର ମଜା ନେଉଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

ମ୍ୟାଚ ଦେଖୁଥିବା ସମୟରେ କିଛି ୟୁଜର୍ସ ବୁମରାଙ୍କ ପୁଅର ମୁହଁ ଦେଖି କିଛି କମେଣ୍ଟ ଦେଇଥିଲେ। ଯାହାକୁ ଦେଖିବା ପରେ ରାଗିଯାଇଥିଲେ ସଞ୍ଜନା। ସଞ୍ଜନା କହିଥିଲେ କି, ମୋ ପୁଅ ଅଙ୍ଗଦ ଆପଣଙ୍କ ମନୋରଞ୍ଜନର ପାର୍ଟ ନୁହେଁ କି, ତମେମାନେ ତାର ମଜାକ୍ ଉଡେଇବ। ସଞ୍ଜନାଙ୍କ କହିବା କଥା କ୍ୟାମେରା ଭର୍ତ୍ତି ଷ୍ଟାଡିୟମରେ ମୁଁ ପୁଅକୁ ଆଣିବାର ପରିଣାମ ବହୁତ ଭଲ ଭାବେ ବୁଝିସାରିଛି। ମୁଁ ଓ ମୋ ପୁଅ କେବଳ ସେଠାକୁ ଯାଇଥିଲି ଜସପ୍ରୀତଙ୍କୁ ଚିୟର ଅପ୍ କରିବାକୁ ଆଉ କିଛି ନୁହେଁ। ଜସପ୍ରୀତ ବୁମରା ଓ ତାଙ୍କ ପତ୍ନୀ ସୋସିଆଲ ମିଡିଆରେ ନିଜ ପୁଅକୁ ଦୂରେଇ ରଖନ୍ତି। ଦେଢ ବର୍ଷର ପିଲାକୁ ଟ୍ରମା ଏବଂ ଡିପ୍ରେସନ ଭଳି ଶବ୍ଦ ପ୍ରୟୋଗ କରିବା ଯଥାର୍ଥ ନୁହେଁ। ବାସ୍ତବରେ ଏହା ବହୁତ ଦୁଃଖଦ ଘଟଣା। ତାଙ୍କ କହିବା କଥା ତମେ ଆମ ପୁଅ ବିଷୟରେ କିଛି ଜାଣିନ, ଆମ ଜୀବନ ବିଷୟରେ ବି କିଛି ଜାଣିନ। ମୋର ଅନୁରୋଧ କି, ଆପଣମାନେ ସୋସିଆଲ ମିଡିଆରେ ରାୟ କିଛି ଦିଅନ୍ତୁ ନାହିଁ। ଆପଣ ଅନାବଶ୍ୟକ ରାୟ ଦିଅନ୍ତୁ ନାହିଁ। ସୂଚନାଯୋଗ୍ୟ, ଜସପ୍ରୀତ ବୁମରା ଏବଂ ସଞ୍ଜନା ୨୦୨୧ରେ ବିବାହ କରିଥିଲେ। ୨୦୨୩ରେ ସଞ୍ଜନା ପୁଅ ଅଙ୍ଗଦକୁ ଜନ୍ମ ଦେଇଥିଲେ।

## ଏସିଆନ ଭଲିବଲରୁ ଓହରିଲା ଭାରତ

ଲାହୋର, ୨୭।୪: ପହଲଗାମ୍‌ରେ ଏପ୍ରିଲ ୨୨ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ ପର୍ଯ୍ୟଟକ ନିହତ ହେବାପରେ ଆସନ୍ତା ମାସରେ ଭାରତ ଓ ପାକିସ୍ତାନ ଇସ୍‌ଲାମାବାଦରେ ଖେଳାଯିବାକୁଥିବା ସେଣ୍ଟ୍ରାଲ ଏସିଆନ ଭଲିବଲ୍ ଟୁର୍ନାମେଣ୍ଟରୁ ଭାରତ ଓହରିଯାଇଛି। ପାକିସ୍ତାନ ଭଲିବଲ୍ ଫେଡେରେଶନ (ପିଭିଏଫ୍) ତରଫରୁ ରବିବାର ଏବିଷୟରେ ସୂଚନା ଦିଆଯାଇଛି। ପିଭିଏସ୍ ଅଫିସିଆଲ ଅବ୍‌ଦୁଲ ଆହଦ କହିଛନ୍ତି, ଜିନ୍ନା କମ୍ପ୍ଲେକ୍ସରେ ମେ ୨୮ରୁ ଆରମ୍ଭ ହେବାକୁଥିବା ଏହି ଚାମ୍ପିୟନଶିପ୍ ଲାଗି ଭାରତ ୨୨ଜଣ ଖେଳାଳି ସମେତ ୩୦ ଜଣିଆ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ଭାରତୀୟ ଭଲିବଲ ଅଫିସିଆଲ ଖେଳର ଆଞ୍ଚଳିକ ପରିଷଦକୁ ସୂଚାଇ ଦେଇଛି ଯେ, ସରକାର ସେମାନଙ୍କୁ ଯେଉଁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେଇଥିଲେ ପହଲଗାମ୍ ଘଟଣା ପରେ ତାହାକୁ ବାତିଲ କରିଦେଇଛନ୍ତି। ପାକିସ୍ତାନ ଭଲିବଲ୍ ଫେଡେରେଶନର ଜଣେ ଅଫିସିଆଲ ଅବଦୁଲ ଆହଦ କହିଛନ୍ତି, ଭାରତ ଟୁର୍ନାମେଣ୍ଟରୁ ଓହରିଯିବା ଦୁଃଖର ବିଷୟ। ଭାରତ ସ୍ଥାନରେ ଆଫଗାନିସ୍ତାନ କିମ୍ବା ଶ୍ରୀଲଙ୍କାକୁ ଟୁର୍ନାମେଣ୍ଟରେ ସାମିଲ କରାଯିବ। ଇଭେଣ୍ଟରେ ଆୟୋଜକ ଦେଶକୁ ଛାଡ଼ି ଇରାନ, ତୁର୍କମେନିସ୍ତାନ, କିର୍‌ଗିଜସ୍ତାନ, ତାଜିକ୍‌ସ୍ତାନ ଓ ଉଜ୍‌ବେକିସ୍ତାନ ଆଦି ଦେଶ ଭାଗ ନେଉଛନ୍ତି।

### ୧୨ତମ ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଶିବାଜୀ ଟାଇଟନ୍ସକୁ ହରାଇ ଡେକାନ ୱାରିୟର ଚାମ୍ପିଅନ



ନୂଆଦିଲ୍ଲୀ, ୨୮।୪: ବାଲେଶ୍ୱର ୨୮।୦୪ : ୧୨ତମ ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ। ସ୍ଥାନୀୟ ପରମିଟ୍ ପଡିଆରେ ଅନନ୍ତ ଅନଙ୍ଗ ଓ ରିଲାଏନ୍ସ ଟ୍ରେଣ୍ଡସ ପ୍ରାୟୋଜିତ ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଶିବାଜୀ ଟାଇଟନ୍ସ ଓ ଡେକାନ ଓ୍ୱାରିୟର ମଧରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଡେକାନ ଓ୍ୱାରିୟର ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ସହ ଶିବାଜୀ ଟାଇଟନ୍ସକୁ ବୋଲି ପାଇଁ ଆମନ୍ତ୍ରଣ କରିଥିଲା। ତେବେ ଡେକାନ ଓ୍ୱାରିୟର ନିର୍ଦ୍ଧାରିତ ୨୦ ଓଭରରୁ ୧୯.୫ଟି ବଲ୍ ଖେଳି ସମସ୍ତ ଓ୍ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ଏବଂ ଅଭିଷେକ ଯାଦବ ୪ ଲେଖାଏଁ କରିଥିବା ବେଳେ ଶିବାଜୀ ଟାଇଟନ୍ସର ଅଧିନାୟକ ପ୍ରକାଶ ବାରିକ ୪ ଓଭର ବୋଲି କରି ୨୫ରନ୍ ଦେଇ ୩ଟି ଓ୍ୱିକେଟ୍ ନେଇଥିଲେ। ୧୮୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶିବାଜୀ ଟାଇଟନ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀ ହୋଇଥିଲା। ମଧକ୍ରମରେ ବ୍ୟାଟର ଗୁରୁଦିପନ ଜେନା ଓ ତାଜ୍ ଖାନ୍ ଶିବାଜୀ ଟାଇଟନ୍ସର ବିଜୟ ଆଶାକୁ ଉଜ୍ଜୀବିତ୍ କରିଥିଲେ। ମାତ୍ର ଡେକାନ ଓ୍ୱାରିୟରର ବୋଲର ସର୍ବେଶ୍ୱର ମହାନ୍ତିଙ୍କ ଘାତକ ବୋଲିଂକୁ ସମ୍ମୁଖୀ ହୋଇନପାରି ଶିବାଜୀ ଟାଇଟନ୍ସ ୧୬୭ ରନ୍‌ରେ ସମସ୍ତ ଓ୍ୱିକେଟ ହରାଇ ୧୪ ରନ୍‌ର ପରାଜୟବରଣ କରିଥିଲା। ଡେକାନ ଓ୍ୱାରିୟର ୧୨ ତମ ବାଲେଶ୍ୱର ପ୍ରିମିୟର ଲିଗର ଚମ୍ପିଆନ୍ ହୋଇଛି। ସର୍ବେଶ୍ୱର ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ର ପୁରସ୍କାରରେ ବିବେଚିତ କରାଯାଇଥିବା ବେଳେ କ୍ଷମାସାଗର ବଳ ମ୍ୟାନ୍ ଅଫ୍ ଦି ସିରିଜ୍‌ରେ ବିବେଚିତ ହୋଇଛନ୍ତି।

ଶିବାଜୀ ଟାଇଟନ୍ସର ଉଦୀୟମାନ ଖେଳାଳୀ ରାକେଶ ଦାସ ମହାପାତ୍ରଙ୍କୁ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବୋଲ ଭାବେ ଅହିତୋଷ ଦାସଙ୍କୁ ପୁରସ୍କାର ମିଳିଥିବା ବେଳେ ଶ୍ରେଷ୍ଠ ବ୍ୟାଟର ଭାବେ କ୍ଷମାସାଗର ବଳ ପୁରସ୍କାର ହାତେଇଛନ୍ତି।ଓସିଏ ଅମ୍ପାୟର ପ୍ରତାପ କୁମାର ପାତ୍ର ଏବଂ ଅଶ୍ୱିନୀ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରୀ ଭାବରେ ରାଜୀବ ସେନାପତି ଦାୟିତ୍ୱ ତୁଲାଇଥିଲେ। ବିପିଏଲ୍ କମିଟିର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ-ବିଜେତାଙ୍କ ଟ୍ରଫି ଏବଂ ଅର୍ଥରାସି ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ସପନ ଖିଲାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଟୁର୍ଣ୍ଣାମେଣ୍ଟର ସଫଳ କରିଥିବାରୁ କମିଟିର ଚେୟାରମ୍ୟାନ୍ ରାଜେକ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକ୍...

ନେବାକୁ କୂଟନୈତିକ ରଣନୀତି ଆରମ୍ଭ କରିଦେଇଥିବା ବେଳେ ସେନାକୁ ମଧ୍ୟ ପ୍ରସ୍ତୁତ କରି ରଖିଛନ୍ତି। ସୀମାରେ ଭାରର ଯୁଦ୍ଧ ବିମାନ ଆକ୍ରମଣ ଇଙ୍ଗିତକୁ ଅପେକ୍ଷା କରି ପଇଁତରା ମାରୁଥିବା ବେଳେ ଆରବ ସାଗରରେ ମଧ୍ୟ ଆଇଏନଏସ ବିରାଟ କମର କଷି ସାରିଛି। ସେପଟେ ପଦାତିକ ବାହିନୀ ମଧ୍ୟ ବଙ୍କର ଧ୍ୱଂସ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଯୁଦ୍ଧ ଏକପ୍ରକାର ନିଶ୍ଚିତ। ଯୁଦ୍ଧ ଭୟରେ ପାକିସ୍ତାନରେ ଏକକାଳୀନ ବହୁ ସଂଖ୍ୟାରେ ସୈନିକ ଇସ୍ତଫା ଦେଉଛନ୍ତି। ଆଉ ମେଜର ଜେନେରାଲ ଫୈସାଲ ମେହେମୁଦ ମଲିକ ସେନାବାହିନୀକୁ ଧୈର୍ଯ୍ୟ ଧରିବାକୁ ଅପିଲ କରିଛନ୍ତି। ଏଥିସହ ଦେଶ ସହ କେହି ବି ବିଶ୍ୱାସଘାତକତା ନକରିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିର ଭାରତ ସହ ଯୁଦ୍ଧ ଆଶଙ୍କା ମଧ୍ୟରେ ଗାଏବ ହୋଇଯାଇଥିବା ଚର୍ଚ୍ଚା ହେଉଛି। ସୋସିଆଲ୍ ମିଡିଆରେ ଅସିମ ମୁନିର ଦେଶ ଛାଡି ଚାଲି ଯାଇଥିବା ନେଇ ଜୋରଦାର ଚର୍ଚ୍ଚା ହେଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରଠୁ ଭାରତ ପାକିସ୍ତାନ ବିରୋଧରେ ବଡ ଆକ୍ସନ୍ ନେଇପାରେ ବୋଲି ଆଶଙ୍କା କରାଯାଉଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଶାନ୍ତି ଚରମରେ ରହିଛି । ଭାରତର କୁଟନୈତିକ କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନୀ ରାଜନେତା ଯୁଦ୍ଧକୁ ନେଇ ବୟାନବାଜି କରୁଛନ୍ତି । ଏହା ମଧ୍ୟରେ ମୁନିର ଦେଶ ଛାଡି ଚାଲି ଯାଇଥିବା ଚର୍ଚ୍ଚା ହେଉଛି । ଜେନେରାଲ ମୁନିର ଏମଆଇଏ ବା ମିସିଂ ଇନ୍ ଆକ୍ସନ୍ ଥିବା ଚର୍ଚ୍ଚା ହେଉଛି । ଅନ୍ୟ ଏକ ରିପୋର୍ଟରେ କୁହାଯାଉଛି, ରାଓଲପିଣ୍ଡିର ଏକ ବଙ୍କରରେ ମୁନିର ଲୁଚିଛନ୍ତି । ଚର୍ଚ୍ଚା ଜୋରଦାର ହେବା ପରେ ପାକିସ୍ତାନ ସରକାର ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କ ସହ ଏବୋଟାବାଦରେ ମୁନିର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାର ଫଟୋ ପୋଷ୍ଟ କରିଛନ୍ତି। ଏହାଦ୍ୱାରା ମୁନିର ଦେଶ ଛାଡି ଚାଲି ଯାଇଥିବା ଚର୍ଚ୍ଚାରେ ବ୍ରେକ୍ ଦେବାକୁ ଉଦ୍ୟମ କରିଛନ୍ତି ପାକ୍ ସରକାର । ଫଟୋ ଏପ୍ରିଲ ୨୬ତାରିଖର ବୋଲି ଦର୍ଶାଯାଇଛି।

### ରାତି ଅଧରେ...

ଜିପିଏସ୍ କ୍ୟାମେରାରେ ସବୁକିଛି ରେକର୍ଡ ହୋଇଥିଲା।

ଆରଏମସି କର୍ମଚାରୀଙ୍କ ଜୁଲୁମ ବଢ଼ିବାରୁ କୁକୁଡା ପରିବହନ ଗାଡି ପକ୍ଷରୁ ଓଡିଶା କୁକୁଡା ବ୍ୟବସାୟ ସଂଘର ସମ୍ପାଦକ ଜ୍ୟୋତିକାନ୍ତ ମହାପାତ୍ରଙ୍କୁ ସୂଚନା ଦିଆଯାଇଥିଲା। ଶ୍ରୀ ମହାପାତ୍ର ଗାଡି ଅଟକାଇଥିବା ଆରଏମସି କର୍ମଚାରୀଙ୍କୁ ଟେଲିଫୋନ୍‌ରେ ହାଇକୋର୍ଟ ରାୟ ସଂକ୍ରାନ୍ତରେ ଅବଗତ କରିଥିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶ୍ରୀ ମହାପାତ୍ର ତୁରନ୍ତ ଏ ସଂକ୍ରାନ୍ତରେ ବାସୁଦେବପୁର ଥାନାକୁ ଜଣାଇବା ସହିତ ସଂଘର ସ୍ଥାନୀୟ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ବାସୁଦେବପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ହାଇକୋର୍ଟଙ୍କ ରାୟର କାଗଜପତ୍ର ଦେଖିବା ପରେ ପଶ୍ଚିମବଙ୍ଗର କୁକୁଡା ପରିବହନ ଗାଡିକୁ ଛାଡିବାରେ ସହାୟତା କରିଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆରଏମସି କର୍ମଚାରୀ ବିନା କାରଣରେ କୁକୁଡା ଗାଡିରୁ ଅର୍ଥ ଆଦାୟ ନେଇ ସଂଘର ସମ୍ପାଦକ ଶ୍ରୀ ମହାପାତ୍ର ବାସୁଦେବପୁର ଥାନାରେ ମାମଲା ରୁଜୁ କରିଛନ୍ତି। ଏଥିରେ ଆରଏମସି କର୍ମଚାରୀ ମିର୍ଜା ଗୁଲଫାନ୍ ବେଗ୍‌ଙ୍କ ସହିତ ପରିଚୟପତ୍ର ନ ଥାଇ ତାଙ୍କୁ ସହଯୋଗ କରୁଥିବା ଆଉ ଦୁଇ ଜଣ ସାମିଲ୍ ଥିବା ସେ ଦର୍ଶାଇଛନ୍ତି। ଥାନାରେ ଦେଇଥିବା ଏତଲାରେ ସଂଘ ପକ୍ଷରୁ ଦର୍ଶାଯାଇଛି ଯେ ବିନା ସେବା ଯୋଗାଣରେ ରାସ୍ତାଘାଟରୁ କୁକୁଡା ପରିବହନ ଯାନ ଉପରୁ ଆରଏମସି କର୍ତ୍ତୃପକ୍ଷ ଟିକସ ଆଦାୟ କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଗତ ମାର୍ଚ୍ଚ ମାସରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ଓସମା ବୋର୍ଡ ଏବଂ ସମସ୍ତ ଆରଏମସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏହାପରେ ଆରଏମସି କର୍ତ୍ତୃପକ୍ଷ ରାସ୍ତାଘାଟରେ କୁକୁଡା ପରିବହନ ଗାଡିଗୁଡିକୁ ବେଆଇନ୍ ଭାବେ ଅଟକାଇ ଟଙ୍କା ଆଦାୟ କରୁଛନ୍ତି। ଏହାଦ୍ୱାରା ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଓଡିଶାରୁ କୁକୁଡା ନେବା ନେଇ ଚିନ୍ତା କରିବେ ବୋଲି ଜଣାଇଦେଲେଣି। ଆରଏମସିର ଏଭଳି ବେଆଇନ୍ ଅର୍ଥ ଆଦାୟର ପ୍ରଭାବ ଧିରେ ଧିରେ ଓଡିଶାର କୁକୁଡା ବ୍ୟବସାୟ ଉପରେ ପଡୁଥିବା ବେଳେ ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମହାପାତ୍ର ନିବେଦନ କରିଛନ୍ତି। ବାସୁଦେବପୁର ଥାନାରେ ବିସ୍ତୃତ ଭାବେ ଦିଆଯାଇଥିବା ଏତଲାରେ ଓଡିଶା ହାଇକୋର୍ଟଙ୍କ ରାୟର ନକଲ, ଓସମା ବୋର୍ଡ ପରିଚାଳନା ନିର୍ଦ୍ଦେଶକଙ୍କୁ ହୋଇଥିବା ଚିଠି, ସମସ୍ତ ଜିଲ୍ଲାପାଳଙ୍କୁ ହୋଇଥିବା ଚିଠି ସହିତ ଧରାପଡିଥିବା ଆରଏମସି କର୍ମଚାରୀଙ୍କ ଜିପିଏସ୍ ସଂଲଗ୍ନ ଫଟୋ ଦିଆଯାଇଛି। ଥାନା ପକ୍ଷରୁ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି, ତାହା ଉପରେ ଏବେ ସଂଘର କର୍ମକର୍ତ୍ତାମାନେ ନଜର ରଖିଛନ୍ତି।

### ୨୦୨୫...

ଗତକାଲି ଝାଡ଼ଖଣ୍ଡର ଦେଓଘର ଜିଲ୍ଲାରେ ମହେଶମାରା ରେଳ ହଲ୍ଟ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି ନିଶିକାନ୍ତ ଦୁବେ। ଆହୁରି କହିଛନ୍ତି ଯେ ପାକିସ୍ତାନ ଶେଷ ହୋଇଯିବ, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ଏହି ଆତ୍ମବିଶ୍ୱାସ ଯୋଗୁଁ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଆଜି ଦେଶର ନେତୃତ୍ୱ ଏମିତି ଜଣେ ପ୍ରଧାନମନ୍ତ୍ରୀଙ୍କ ହାତରେ ଅଛି ଯିଏ ଦେଶ ଏବଂ ବିଶ୍ୱରେ ତାଙ୍କ ଦକ୍ଷତା ଏବଂ ଶକ୍ତି ପାଇଁ ଜଣାଶୁଣା। ପ୍ରଧାନମନ୍ତ୍ରୀ ବିହାର ମାଟିରୁ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କ ମୂଳପୋଛ କରାଯିବ।

### ଆକ୍ସନ...

ଜେନେରାଲ୍ ଅନୀଲ ଚୌହାନଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ପ୍ରତିରକ୍ଷା ମନ୍ତ୍ରୀ। କୁହାଯାଉଛି ଯେ ପହଲଗାମର କାଉଣ୍ଟର ଆଟାକ୍ ପାଇଁ ରଣନୀତି ପ୍ରସ୍ତୁତି ଚାଲିଛି। ସେପଟେ ପାକିସ୍ତାନ ଉପରେ ବର୍ଷିଛନ୍ତି ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା। କହିଛନ୍ତି ବାଲାକୋଟ ଭଳି କାର୍ଯ୍ୟାନୁଷ୍ଠାନ ନୁହେଁ ଫୁଲ୍ ଏଣ୍ଡ ଫାଇନାଲ୍ ହିସାବ ଜରୁରୀ। ଏପଟେ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ପାକିସ୍ତାନକୁ ପାନେ ଦେବା ପାଇଁ ଏହା ହିଁ ଉପଯୁକ୍ତ ସମୟ।

୨୨ ଏପ୍ରିଲ୍ ଘଟଣା ପରଠାରୁ ହିଁ ଆତଙ୍କବାଦୀ ଓ ଆତଙ୍କିସ୍ତାନ ବିରୋଧରେ କଡ଼ା ଆକ୍ସନ୍ ନେବା ଆରମ୍ଭ କରିଛନ୍ତି ମୋଦି ସରକାର। ଏଲଓସିରେ ପାକ୍ ସେନା ଲଗାତାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ବେଳେ ଏହାର କଡ଼ା ଜବାବ ଦେଉଛି ଭାରତୀୟ ସେନା। ୨୭ ଓ ୨୮ ତାରିଖ ରାତିରେ, କୁପୱାରା, ପୁଞ୍ଚ, ତୁତମାରି ଗଳି, ରାମପୁର ସେକ୍ଟରରେ ପାକ୍ ସେନା ଫାୟାରିଂ କରିଥିବା ବେଳେ ସେହି ଭାଷାରେ କାଉଣ୍ଟର କରିଛନ୍ତି ଭାରତୀୟ ଯବାନ। ସେପଟେ ସିନ୍ଧୁ ଜଳ ସନ୍ଧି ରଦ୍ଦ କରି ଭାରତ ସରକାର ପାକିସ୍ତାନକୁ ପାନେ ଦେବାକୁ ଉଦ୍ୟମ କରିଥିବାବେଳେ ସିନ୍ଧୁ ନଦୀର ଉପନଦୀ ଝେଲମରେ ଆସିଥିବା ବନ୍ୟା ଫଳରେ ମୁଜାଫରାବାଦରେ ସୃଷ୍ଟି ହୋଇଛି ଅଣାୟତ୍ତ ସ୍ଥିତି। ସେଠାରେ ପାକ୍ ସରକାର ଜରୁରୀ ସ୍ଥିତି ଘୋଷଣା କରିଛନ୍ତି।

### ୧୬ ପାକ୍ ...

କରାଯାଇଥିଲା। ଫଳରେ ପାଣି ଟୋପେ ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ପାକିସ୍ତାନୀ। ତା'ଛଡ଼ା ଗତ ଶନିବାର ବିନା କୌଣସି ସୂଚନାରେ ଭାରତ ଅଚାନକ ଝେଲମ ନଦୀ ପାଣି ଛାଡ଼ିବା ଫଳରେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ମୁଜାଫରାବାଦ ନିକଟରେ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ପାକିସ୍ତାନର ୬ ଗୋଟି ବର୍ଡରରୁ ମୁଜାଫରାବାଦ ପର୍ଯ୍ୟନ୍ତ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। କିଛି ଗାଁ ପୂରା ପାଣି ଘେରରେ ରହିଛି। ଲୋକଙ୍କୁ ଉଦ୍ଧାର କରିବାକୁ ଅପରେସନ ଜାରି ରହିଛି। ମୁଜାଫରାବାଦ୍ ଅଞ୍ଚଳରେ ୨୦ ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଛି। ପାକିସ୍ତାନର ହାଟିଆନ୍‌ବାଲା ଜିଲ୍ଲାରେ ଜରୁରୀକାଳୀନ ଆଲର୍ଟ ମଧ୍ୟ ଜାରି ହୋଇଛି।

### ସମବାୟ...

ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ। ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପ୍ୟାକ୍ସ/ଲ୍ୟାମ୍ପ୍ସ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି। ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ କରାଯାଇ ଅମିତ ଶାହାଜୀଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଗୁଜରାଟ ହେଉଛି ସମବାୟର ଅନ୍ତୁଡ଼ିଶାଳ। ମୋଦୀଜୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି ପ୍ୟାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପ୍ୟାକ୍ସ ଗଠନ କରାଯାଇଛି। ଏଇ ନୂଆ ପ୍ୟାକ୍ସ ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ସିଡ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇର୍‌ମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୋ-ଅପରେଟିଭ ସୋସାଇଟିସର ରେଜିଷ୍ଟ୍ରାର ସିଦ୍ଧାର୍ଥ ଦାସ ଏବଂ ଇର୍‌ମା ସ୍କୁଲର ନିର୍ଦ୍ଦେଶକ ଉମାକାନ୍ତ ଦାଶ ଏମଓୟୁ ସ୍ୱାକ୍ଷର କରିଥିଲେ। ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଭାରତୀୟ ସଂସ୍କୃତିର ଚିନ୍ତାଧାରା 'ବହୁଜନ ହିତାୟ, ବହୁଜନ ସୁଖାୟ' ର ମୌଳିକ ଆଦର୍ଶରେ ସମବାୟ ଗୁଡ଼ିକ ଗଠନ କରାଯାଇଛି। ପୂର୍ବ ସରକାର ଜମାକାରୀଙ୍କ ଦୁଃଖ ବୁଝିବାକୁ ଚେଷ୍ଟା କରିନଥିଲେ। ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଏକ ଦରଦୀ ହୃଦୟର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆଜି ସେହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

ବୈଠକରେ ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ରାଜ୍ୟରେ...

ମେଡିକାଲ କଲେଜ ରହିଛି। ଏହି ସରକାରୀ ତାଲିକାରେ ଭୁବନେଶ୍ୱର ଏମ୍‌ସ ରହିଛି। ସେହିଭଳି ରାଜ୍ୟରେ ମୋଟ୍ ୨୫୨୫ଟି ଏମବିବିଏସ୍ ଆସନ ଥିବା ବେଳେ ସରକାରୀ କଲେଜରେ ଆସନ ସଂଖ୍ୟା ୧୭୨୫। ତେବେ ଜାତୀୟସ୍ତରରେ ୫୩ ହଜାରରୁ ଅଧିକ ଡାକ୍ତରୀ ସିଟ୍ ରହିଛି। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ପୁଡୁଚେରୀ, ତାମିଲନାଡୁ, ଦିଲ୍ଲୀ ଆଦି ରାଜ୍ୟରେ ମାଳମାଳ ମେଡିକାଲ କଲେଜ ଥିବାରୁ ସେଠାରେ ଛାତ୍ରଛାତ୍ରୀଙ୍କ ନାମଲେଖା କ୍ଷେତ୍ରରେ ମୂଲଚାଲ ହୋଇ ଫି' ହ୍ରାସ କରାଯାଉଛି। ତେଣୁ ନିଜ ନିଜ ପିଲାଙ୍କୁ ଡାକ୍ତରୀ ପଢାଇବାକୁ ଚାହୁଁଥିବା ଅଭିଭାବକମାନେ ରାଜ୍ୟ ବାହାରେ ପଢାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ତେବେ କାଉନସେଲିଂ ନାଁରେ ଏଭଳି ଦଲାଲ ଦପ୍ତର ଖୋଲିଥିବା ସଂସ୍ଥା ଓ ଲୋକଙ୍କ ଉପରେ ସରକାର କଡ଼ା ନଜର ରଖିବାକୁ ମତ ପ୍ରକାଶ ପାଉଛି। କାରଣ ଯଦିଓ ଏମାନେ ନିଜକୁ ବିଭିନ୍ନ ମେଡିକାଲ କଲେଜର ପାଖ ଲୋକ ଓ ନିଜ ଲୋକ ବୋଲି କହୁଛନ୍ତି, ବାସ୍ତବରେ ଏମାନେ କିନ୍ତୁ ସମସ୍ତେ ଦଲାଲି ହିଁ କରୁଛନ୍ତି। ଯଦି କୌଣସି ବ୍ୟକ୍ତି ଏମାନଙ୍କ କଥାରେ ଭାସିଯାଇ ଲକ୍ଷାଧିକ ଟଙ୍କା ପ୍ରଦାନ କରନ୍ତି ଓ ଏମାନେ ନେଇ ଛୁ' ମାରନ୍ତି, ପରବର୍ତ୍ତୀ ସମୟରେ ଏମାନଙ୍କଠାରୁ ଟଙ୍କା ଆଦାୟ କରିବା ଏତେ ସହଜ ନୁହେଁ। ତେଣୁ ସରକାର ଏମାନଙ୍କ ଉପରେ କଡ଼ା ନଜର ରଖିବା ସହ ଅଭିଭାବକମାନେ ମଧ୍ୟ ସତର୍କ ରହିବା ଆବଶ୍ୟକ। ନହେଲେ ନାମଲେଖା ଋତୁରେ ରାଜ୍ୟରେ ଡିଜିଟାଲ ଠକେଇ ଭଳି ନାମଲେଖା ଠକେଇ ଯେ ନହେବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ମତ ପ୍ରକାଶ ପାଇଲାଣି।

### ତଦନ୍ତ ଜୋର୍‌ଦାର...

ମଧ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି କ୍ରାଇମ ବ୍ରାଞ୍ଚ ଡିଜି। ସେପଟେ ପୂର୍ବରୁ ହେଇଥିବା ଅଭିଯୋଗ ଓ ପ୍ରାଥମିକ ତଦନ୍ତକୁ ଆଧାର କରି ମୋଟ ୧୮୫ କୋଟି ଟଙ୍କାର ଆର୍ଥିକ ଅନିୟମିତା ହୋଇଥିବା କୁହାଯାଉଥିଲା। ଏହାରି ଭିତରେ ଏହି ମହାଦୁର୍ନୀତିର ଖୋଳତାଡ଼ ଆରମ୍ଭ କରିଥିବା କ୍ରାଇମବ୍ରାଞ୍ଚକୁ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଛି। ଫଳସ୍ୱରୂପ ଏବେ ଏହି ଅନିୟମିତତାର ପରିମାଣ ୫୦୦ କୋଟି ଟଙ୍କାକୁ ଟପିଯାଇପାରେ ବୋଲି ଆଶଙ୍କା କରୁଛି ତଦନ୍ତକାରୀ ସଂସ୍ଥା ।

### କୋଟିଏ...

ଏହି ଗଞ୍ଜେଇ ଫୁଲବାଣୀରୁ ହିମାଚଳ ପ୍ରଦେଶ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ କମିଶନରେଟ୍ ପୁଲିସ୍‌ର ସ୍ପେଶାଲ୍ ଅପରାଧ ଶାଖା ଖବର ପାଇଥିଲା। ଚଢ଼ାଉ ସମୟରେ ଉକ୍ତ ଗାଡ଼ିକୁ ଅଟକାଯିବା ପରେ ସେଥିରୁ ୫ କ୍ୱିଣ୍ଟାଲ୍ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ଉକ୍ତ ଗଞ୍ଜେଇ ପ୍ୟାକେଟ୍‌ଗୁଡ଼ିକ କର୍ପୂର ପ୍ୟାକେଟ୍ ଭିତରେ ଲୁଚାଇ ଚାଲାଣ କରାଯାଉଥିଲା। ଏନେଇ ପୁଲିସ୍ ଅଧିକ ଖୋଳତାଡ଼ କରୁଛି। ଏହି ଚୋରା ଚାଲାଣକାରୀ ରାକେଟ୍‌ର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଓ ଏଥିରେ ଆଉ କେଉଁମାନଙ୍କର ଭୂମିକା ରହିଛି, ତାହା ଜାଣିବା ସକାଶେ ପୁଲିସ୍ ତନାଘନା ଚଳାଇଛି।

### ଫେରିଗଲେ...

ଗିରଫ କରାଯିବ। ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ। ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ସର୍ବାଧିକ ୩ ଲକ୍ଷ ଟଙ୍କା ଜୋରିମାନା କିମ୍ବା ଉଭୟ ହୋଇପାରେ। ରବିବାର ସକାଳ ୧୦ଟାରୁ କଷ୍ଟମ୍ସ କାଉଣ୍ଟର ଖୋଲିବାଠାରୁ ବନ୍ଦ ହେବା ମଧ୍ୟରେ ୨୩୭ ଜଣ ପାକିସ୍ତାନୀ ନାଗରିକ ଭାରତରୁ ପାକିସ୍ତାନ ଯାଇଛନ୍ତି। ୧୧୬ ଜଣ ଭାରତୀୟ ନାଗରିକ ପାକିସ୍ତାନରୁ ଫେରି ଆସିଛନ୍ତି। ମେଡିକାଲ ଭିସାରେ ଥିବା ପାକିସ୍ତାନୀ ନାଗରିକଙ୍କ ପାଇଁ ଭାରତରୁ ପାକିସ୍ତାନ ଫେରିବା ପାଇଁ ଶେଷ ତାରିଖ ଏପ୍ରିଲ ୨୯ ରହିଛି। ପାକିସ୍ତାନ ପକ୍ଷରୁ ମଧ୍ୟ ସମାନ ନିୟମ ରହିଛି। କିଛି ପାକିସ୍ତାନୀ ଆକାଶ ମାର୍ଗ ଦେଇ ଭାରତ ଛାଡିଥିବା ଅନୁମାନ କରାଯାଉଛି। ଭାରତ ଓ ପାକିସ୍ତାନ ମଧ୍ୟରେ ସିଧାସଳଖ ବିମାନ ସେବା ନଥିବାରୁ ଅନ୍ୟ ଦେଶ ହୋଇ ଭାରତରୁ ପକିସ୍ତାନ ଯାଇଥିବା ଜଣାପଡ଼ିଛି।

### ଆସୁଛି ଅକ୍ଷୟ ତୃତୀୟା

# ଚାଷୀ ଖୋଜୁଛି ଦେଶୀ ବିହନ



**କାକଟପୁର/ଅସ୍ତରଙ୍ଗ, ୨୮।୪ (ସଂଚାର ବ୍ୟୁରୋ) :** ପାଖେଇ ଆସୁଛି ଅକ୍ଷୟ ତୃତୀୟା। ଆଉ ଗୋଟେ ଦିନ ପରେ କୃଷି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମହାସମାରୋହରେ ହେବାକୁ ଯାଉଛି ଅଖିମୁଠି ଅନୁକୂଳ। ଏହି ଦିନ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିବ। ହେଲେ ଅଧିକ ଅମଳ ସହ ଦେଶୀ ବିହନ ବୁଣିବାକୁ ଚାଷୀ ଆଶା କରିଥିଲେ ସୁଦ୍ଧା ଦେଶୀ ବିହନ ମିଳିପାରୁନାହିଁ। ଫଳରେ ପାରମ୍ପରିକ ଚାଷ ଏବେ ହଜିବାକୁ ବସିଛି। ଦିନଥିଲା, ଯେତେବେଳେ ପର୍ଯ୍ୟାପ୍ତ ପରିମାଣରେ ଦେଶୀ ବିହନ ଭାବେ ଗୋପାଳଭୋଗ, ମୟୁରକଣ୍ଠ, ପଦ୍ମକେଶରୀ, ବାଂକୋଇ, କଳା କାଇଁଚ, ରତନଚୁଡ଼ି ଆଦି ଦେଶୀ ଧାନ ଚାଷ କରାଯାଉଥିଲା। ଏହି ସବୁ ଧାନରୁ ଉତ୍ପନ୍ନ ଚାଉଳ ପଖାଳ, ଚୁଡ଼ା ଆଦି ପାଇଁ ସୁଆଦିଆ ଥିଲା। ବନ୍ୟା, ବାତ୍ୟା, ମରୁଡ଼ି, ସ୍ୱଳ୍ପବୃଷ୍ଟି ଓ ପରିବର୍ତ୍ତିତ ଜଳବାୟୁରେ ଧାନ ବିହନରୁ ଭଲ ଅମଳ ହେଉଥିଲା।

ତେବେ ସମ୍ପ୍ରତି କୃଷି ବିଜ୍ଞାନୀ ମାନଙ୍କ ଦ୍ୱାରା ଉତ୍ପାଦିତ ଶଙ୍କର ଜାତୀୟ ଚାଷ ଯୋଗୁଁ ଅମଳ ଭଲ ହେଉଛି। ମାତ୍ର ଏହା ପୂର୍ବ ପରି ଆଉ ସ୍ୱାଦିଷ୍ଟ ହୋଇପାରୁନି। ବରଂ ଏଥିରେ ପ୍ରୟୋଗ କରାଯାଉଥିବା

**ହଜିଯିବାକୁ ବସିଲାଣି ପାରମ୍ପରିକ ଧାନ ଚାଷ**

ଉତ୍କଟ କୀଟନାଶକ ଓ ବ୍ୟାପକ ରାସାୟନିକ ସାର ଯୋଗୁଁ ଜମିରେ ଉର୍ବରତା ନଷ୍ଟ ହେବା ସହ ଜମିରୁ ଦରକାରୀ କୀଟ ପତଙ୍ଗ ଲୋପ ପାଇଯାଉଛି।ଶଙ୍କର ଜାତୀୟ ଧାନ ସବୁ କୃଷି ବିଭାଗ ପକ୍ଷରୁ ଯୋଗାଣ ହେଉଥିବାରୁ ସ୍ଥାନୀୟ କିଛି ପୁରୁଣା ଚାଷୀ ଏବେ ଏହା ବଦଳରେ ଦେଶୀ ଧାନ ବିହନ ଯୋଗାଡ଼ରେ ଲାଗି ପଡିଛନ୍ତି। ଅଖି ମୁଠି ଅନୁକୂଳ (ଅକ୍ଷୟ ତୃତୀୟା )ଦିବସ ଏବେ ପାଖେଇ ଆସୁଥିବାରୁ ଏ ନେଇ ଚାଷୀ ମାନଙ୍କ ଚିନ୍ତା ବଢୁଛି।



## ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଶାଶୂଘରକୁ ଫେରିଲେ ମା' ବୁଢ଼ୀ ଠାକୁରାଣୀ

**ବ୍ରହ୍ମପୁର, ୨୮।୪ (ସଂଚାର ବ୍ୟୁରୋ):** ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଶେଷ ହୋଇଛି। ସୋମବାର ମଧ ରାତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ମା ସାନ୍ତାଣୀ ବାପ ଘରୁ ବାହାରି ଶାଶୁ ଘର ବା ମୁଖ୍ୟ ମନ୍ଦିରକୁ ଫେରିଛନ୍ତି। ସୋମବାର ରାତିରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଅସ୍ଥାୟୀ ମଣ୍ଡପରୁ ମା' ବିରାଟ ପଟୁଆରରେ ବାହାରିଥିଲେ। ପରେ ବିଭିନ୍ନ ସାହି ପରିକ୍ରମା କରି ମାଉସୀ ଘରକୁ ଯାଇ ସ୍ଥାୟୀ ମନ୍ଦିରକୁ ଫେରିଛନ୍ତି। ପୌରାଣିକ ପରମ୍ପରା ଅନୁସାରେ ମା'ଙ୍କୁ ବିଦାୟ ଦେବା ବେଳେ ସାଥିରେ ଲକ୍ଷ ଲକ୍ଷ ଘଟ ଯାଇଥିଲା। ବାଜବଜଣା ସହ ହୁଳହୁଳିରେ କମ୍ପି ଉଠିଥିଲା ରେଶମ ସହର। ସାହି ସାହିରେ ମାନସିକଧାରୀ ମାନେ ମା'ଙ୍କ ସହ ଘଟ ଧରି ମୁଖ୍ୟ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମଙ୍ଗଳବାର ଭୋରୁ ମା' ବୁଢ଼ୀ ଠାକୁରାଣୀ ସ୍ଥାୟୀ ମନ୍ଦିରରେ ପହଞ୍ଚିଛନ୍ତି।

## ନୀରିହ ବ୍ୟକ୍ତିଙ୍କ ସ୍ଥିତିବାନ ଜମି ହଡ଼ପ ପାଇଁ ଷଡ଼ଯନ୍ତ୍ର

**କୋଣାର୍କ, ୨୮।୪ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ତାଳସୁଆଁ ଗ୍ରାମର ନଟବର ଜେନାଙ୍କ ପୈତୃକ ସ୍ଥିତିବାନ ଜମିକୁ ହଡପ କରିବା ପାଇଁ କୁରୁମ ଗ୍ରାମର ଜୈନିକ ବ୍ୟକ୍ତି ଷଡଯନ୍ତ୍ର କରୁଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଥିବାରୁ ନ୍ୟାୟ ପାଇଁ ନଟବର ଜେନାଙ୍କ ପୁଅ ସୁନିଲ କୁମାର ଜେନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ତାଳସୁଆଁ ଗ୍ରାମର ନଟବର ଜେନାଙ୍କ ପଡୋଶୀ ଗ୍ରାମ କୁରୁମ ଠାରେ ପ୍ଲଟ ନଂ ୧୪,ପ୍ଲଟ ନଂ-୨୦, ପ୍ଲଟନଂ-୭୦, ପ୍ଲଟ ନଂ-୮୨ ଓ ପ୍ଲଟନଂ-୧୦୧ରେ ମୋଟ ୫୬ ଡିସିମିଲ ସ୍ଥିତିବାନ ସମ୍ପତ୍ତି ରହିଛି। ନଟବର ଜେନାଙ୍କ କୁରୁମ ଗ୍ରାମ ଠାରେ ଥିବା ପୈତୃକ ସମ୍ପତ୍ତିକୁ କୁରୁମ ଗ୍ରାମର ଭାସ୍କର ପ୍ରଧାନ ଦୀର୍ଘଦିନ ଧରି ଜବରଦଖଲ କରି ଚାଷ କରି ଆସୁଛନ୍ତି ବୋଲି ଗତ ଏପ୍ରିଲ ୨୨ ତାରିଖରେ ନଟବର ଜେନା କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ନଟବର ଦର୍ଶାଇଛନ୍ତି ଯେ ବେଆଇନ ଦଖଲ କରାଯାଇଥିବା ଜମିରେ ଚାଷ ନ କରିବା ପାଇଁ ମୋର ପୁଅ ସୁନିଲ ଜେନା ବାରଣ କରିବାରେ ଏଥିରେ ରାଗିଯାଇ ଭାସ୍କର ମୋ ପୁଅକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆମ ପରିବାର ସଦସ୍ୟଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ପ୍ରତି କୋଣାର୍କ ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ନ୍ୟାୟ ପାଇଁ ନଟବର ଜେନାଙ୍କ ପୁଅ ସୁନିଲ କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ନଟବର ଜେନା ଜଣେ ହୃଦରୋଗୀ ହୋଇଥିବାରୁ ଜମି ଜବରଦଖଲ କରିଥିବା ଭାସ୍କର ପ୍ରଧାନଙ୍କ ଧମକ ଚମକ ଯୋଗୁଁ ହୃଦରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ପୁଅ ସୁନିଲ ଜେନା କହିଛନ୍ତି। ଉକ୍ତ ପରିବାର ସଦସ୍ୟଙ୍କ ସୁରକ୍ଷା ପ୍ରଦାନ କରିବା ସହିତ ଜବରଦଖଲ ହୋଇଥିବା ସ୍ଥିତିବାନ ଜମିକୁ ଫେରାଇବାକୁ ନଟବର ଜେନାଙ୍କ ପୁଅ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଆଇଜି କଟକ, ପୁରୀ ଏସପି, ପୁରୀ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି।

**ଅଭିଯୋଗ ସତ୍ତ୍ୱେ ପୁଲିସ ନୀରବଦ୍ରଷ୍ଟା**

**ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ**

## ଗଛ ଭାଙ୍ଗିଲା, ବଜ୍ରାଘାତରେ ମନ୍ଦିର କ୍ଷତିଗ୍ରସ୍ତ



**ରାଇଘର, ୨୮।୪ (ସଂଚାର ବ୍ୟୁରୋ):** କାଳବୈଶାଖୀର ତାଣ୍ଡବ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରରେ ଦେଖିବାକୁ ମିଳିଛି। ବଜ୍ରପାତରେ ରାଇଘର ସ୍ଥିତ ରାମମନ୍ଦିର କ୍ଷତିଗ୍ରସ୍ତ ହେବା ସହ ବହୁ ଗଛ ଭାଙ୍ଗି ଯାଇଛି।ଏବଂ ହାତୀ ଗାଁ ର ବିଷ୍ଣୁନ ଗଣ୍ଡଙ୍କ ଘରର ଟିଣ ଛାତ ଉଡ଼ି ଯାଇ ବ୍ୟାପକ କ୍ଷତି ଗ୍ରସ୍ତ ହୋଇଥିବା ଜଣାପଡିଛି। ଆଜି ଅପରାହ୍ନରେ କାଳବୈଶାଖୀ ଯୋଗୁଁ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବିଜୁଳି ମନ୍ଦିର ଉପରେ ପଡ଼ିବା ଫଳରେ ମନ୍ଦିରର ଅନେକ ଅଂଶ ଫାଟି ଭାଙ୍ଗି ଯାଇଥିବାରୁ କମିଟି ଚିନ୍ତାରେ ପଡିଛନ୍ତି। ସେହିଭଳି ଡୁଗୁଲି ପାରା ଗାଁରେ ବଡ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ବେଳେ ବିଷ୍ଣୁନ ଗଣ୍ଡଙ୍କ ଘରର ଟିଣ ଉଡିଯାଇଛି। ଫଳରେ ଘରେ ସଞ୍ଚିତ ରଖିଥିବା ଧାନ, ଚାଉଳ, ମକା ଓ ଆସବାବପତ୍ର ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି ।

## ବରସାହିରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି




**ଖୋର୍ଦ୍ଧା, ୨୮।୪ (ସଂଚାର ବ୍ୟୁରୋ):** ଆଜି ସକାଳ ୭ ଘଟିକା ସମୟରୁ ପୂର୍ବାହ୍ନ ୧୦ ଘଟିକା ପର୍ଯ୍ୟନ୍ତ ଖୋର୍ଦ୍ଧା ସଦର ବ୍ଲକ ଅନ୍ତର୍ଗତ, ବରସାହି ଗ୍ରାମ ପଂଚାୟତ ସଭାଗୃହ ଠାରେ ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରକୁ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ପ୍ରଦାନ କରି ଉଦ୍ଘାଟନ କରିଥିଲେ । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା,ବି ଡି ଓ ,ଖୋର୍ଦ୍ଧା, ଶ୍ରୀମତୀ ଖିରାବ୍ଧି ତନୟା ସାହୁ ତହସିଲଦାର, ବିଭାଷ ପାଣିଗ୍ରାହୀ ଯୋଗଦେଇ ଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୯୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୮ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୦୮ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜାଗୁଲେଇ ପାଟଣାର ଅକ୍ଷୟ ବେହେରାଙ୍କୁ ୫ ହଜାର, କୁମ୍ଭିଲୋ କେରଙ୍ଗର ନକୁଳ ବଡ଼ଜେନାଙ୍କୁ ୧୦ ହଜାର ଏବଂ ବରସାହିର ଯୋଗେନ୍ଦ୍ର ବେହେରାଙ୍କୁ ୧୫ ହଜାର ଲେଖାଏଁ ମୋଟ ୩ ଜଣ ଅଭିଯୋଗ କାରିଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧ ଜଣ ଅଭିଯୋଗ କାରି ବରସାହିର ମିଲୀ ବେହେରାଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଯୋଗାଇ ଦେଇଥିଲେ। ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ ।

## ପଞ୍ଚାୟତ ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ



**କେନ୍ଦ୍ରାପଡା, ୨୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଓ ପଟ୍ଟାମୁଣ୍ଡାଇ ଥାନା ଅଧିନ ଅରୁଆ ଗ୍ରାମରେ ଥିବା ପଂଚାୟତ ପେପାଖରୀରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ଲକ୍ଷାଧିକ ଟଙ୍କାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି । ଏନେଇ ମାଛଚାଷ କରିଥିବା ମା ଦୁର୍ଗାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଂଚାୟତ ପୋଖରୀରେ ମାଛ ଚାଷ କରିବା ପାଇଁ ଲକ୍ଷାଧିକ ଟଙ୍କା ଋଣ କରିଛନ୍ତି । ଏହି ପୋଖରୀରେ ଥିବା ପ୍ରାୟ ୧୨ କ୍ୱିଣ୍ଟାଲରୁ ଅଧିକ ମାଛ ହଠାତ୍ ମରି ଭାସିବାରୁ ଗୋଷ୍ଠୀ ପକ୍ଷରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରି ଏହି କ୍ଷୟକ୍ଷତି କଣ ପାଇଁ ଘଟିଲା ସେ ବିଷୟରେ ନିଶ୍ଚିନ୍ତ ନହୋଇ କେହି ବିଷ ପ୍ରୟୋଗ କରିଥିବା ଅଭିଯୋଗ କରିଛନ୍ତି । ତେବେ ଏହି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ ସହ କ୍ଷତିପୂରଣ ଦେବାକୁ ସଦସ୍ୟମାନେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଥାନା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବି କରିଥିବା ଜଣାପଡିଛି ।

### ବସୁନ୍ଧରା ଯୋଜନାରେ ଜମି ନ ମିଳିବାରୁ ମା' ଓ ପୁଅଙ୍କ ଅନଶନ

## ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




**ନାଉଗାଁ, ୨୮।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ନାଉଗାଁ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ଖାତା ନମ୍ବର-୧୦୨୫ ବାସନ୍ତୀ ମହାରଣା ଦୀର୍ଘ ୩୦ ବର୍ଷ ହେବ ବସବାସ କରି ଆସୁଛନ୍ତି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସ୍ଥାନୀୟ ତହସିଲଦାର ତାଙ୍କୁ ଜମିପଟ୍ଟା ନ ଦେବାରୁ ବାସନ୍ତୀ ଓ ତାଙ୍କ ପୁଅ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଦ୍ୱିତୀୟ ଥର ପାଇଁ ଅନଶନରେ ବସି ରହିଥିଲେ। ଘଟଣାସ୍ଥଳରେ ଭାରପ୍ରାପ୍ତ ତହସିଲଦାର ଅଜୟ ମହାନ୍ତି ପହଁଚି ଯଥାଶୀଘ୍ର ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବାସନ୍ତୀ ଓ ତାଙ୍କ ପୁଅ ଅନଶନରୁ ଓହରିଥିବା ଜଣାଯାଇଛି।

ଅଭିଯୋଗ ମୁତାବକ ବାସନ୍ତୀଙ୍କ ବାପଘର ଗଂଜାମ ଜିଲ୍ଲାରେ। ତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ଯାଜପୁର ଜିଲ୍ଲା ଯାଜପୁର ରୋଡସ୍ଥିତ ପଲାସିଆ ଗ୍ରାମର ଯୁବକ ସୁରେନ୍ଦ୍ର ମହାରଣାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଶାଶୁ ଘର କିମ୍ବା ବାପଘର ଲୋକ ତାଙ୍କୁ ଘରେ ରଖି ନଥିଲେ। ତେଣୁ ସେ ତାଙ୍କ ସ୍ୱାମୀଙ୍କ ସହ ନାଉଗାଁ ଆସିଥିଲେ। ଏଠାରେ ସ୍ୱାମୀ କାମ ଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀଙ୍କ ସହ କିଛି ବର୍ଷ ରହିବା ପରେ ସୁରେନ୍ଦ୍ର ତାଙ୍କୁ ଛାଡି କେଉଁଆଡେ ପଳାଇ ଗଲେ। ଖୋଜା ଖୋଜି କରିବା ପରେ ସେ ତାଙ୍କୁ ପାଇ ନଥିଲେ। ବାଧ ହୋଇ ବାସନ୍ତୀ ମୂଲ ମଜୁରୀ ଲାଗି ଏଠାରେ ପଡ଼ି ରହିଛନ୍ତି। ବାସନ୍ତୀଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଉକ୍ତ ବ୍ଲକରେ ତାଙ୍କର ରାସନ କାର୍ଡ, ଭୋଟର ପରିଚୟ ପତ୍ର, ଆଧାରକାର୍ଡ ଆଦି ରହିଛି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ବାରମ୍ବାର ଆବେଦନ କଲେ ମଧ ତାଙ୍କୁ ଜମିପଟା ଯୋଗାଇ ଦିଆଯାଉନାହିଁ। ଏସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହି।

ଶାଶୁଘରକୁ ଆଦୌ ଯାଇ ନଥିବାରୁ ଶାଶୁଘର କେଉଁଠି ସେ ଦେଖିନାହାନ୍ତି। ପୁଅ, ଝିଅ ବଡ ହେବା ପରେ ତାଙ୍କୁ କେଉଁ ଠାରେ ରଖିବି ଓ ସେମାନଙ୍କର ଭବିଷ୍ୟତ କ'ଣ ହେବ ତାହା ପାଇଁ ସେ ଚିନ୍ତିତ ଅଛନ୍ତି। ଗତ ମାର୍ଚ୍ଚ ୨ରେ ଜମିପଟ୍ଟାର ସମାଧାନ ନ ହେଲେ ଅନଶନରେ ବସିବା ପାଇଁ ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହାର କୌଣସି ସମାଧାନ ନ ହେବାରୁ ଗତ ଅପ୍ରେଲ ୨ରେ ସେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ସହ ଏସଂକ୍ରାନ୍ତରେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜଗତସିଂହପୁର, ତହସିଲଦାର, ମାନବାଧିକାର କମିଶନ ଆଦିଙ୍କୁ ଜଣାଇଥିଲେ।

## ୭ମାସ ହେଲା ଭତ୍ତା ନପାଇ ବିଡିଓଙ୍କ ଦ୍ୱାରସ୍ଥ ହେଲେ ମୃତ ଘୋଷିତ ମହିଳା

**ନୟାଗଡ଼, ୨୮।୪ (ସଂଚାର ବ୍ୟୁରୋ):** ନୟାଗଡ଼ ସଦର ବ୍ଲକ୍ ରେ ଘଟିଛି ଅଭାବନୀୟ ଘଟଣା । ଜୀବିତ ବୟସ୍କା ମହିଳାଙ୍କୁ କାଗଜ କଲମରେ ମାରି ଦେଇଛନ୍ତି ତତ୍‌କାଳୀନ ପିଇଓ । ଯାହାଫଳରେ ଉକ୍ତ ବୟସ୍କା ବିଧବା ମହିଳା ଜଣଙ୍କ ମାସେ ନୁହେଁ କି ଦୁଇ ମାସ ନୁହେଁ ଦୀର୍ଘ ୭ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇ କାଳତିପାତ କରିଆସୁଛନ୍ତି । ବାରମ୍ବାର ଗୁହାରି କରିବା ସତ୍ତ୍ୱେ କର୍ଣ୍ଣପାତ ନକରିବାରୁ ବାଧ ହୋଇ ଆଜି ନୟାଗଡ଼ ବିଡ଼ିଓଙ୍କ ପାଖରେ ଫେରାଦ ହୋଇଥିବା ଜଣାପଡିଛି। ନୟାଗଡ଼ ବ୍ଲକରେ ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା ତଥା ତାଳମେଳ ରହୁନଥିବା ଦେଖାଯାଇଛି। ଅନେକ ୮୦ବର୍ଷିୟ ହିତାଧିକାରୀ ଆଜି ବି ସରକାରଙ୍କ ୩୫ ଶହ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଅନେକ ହିତାଧିକାରୀଙ୍କୁ ମୃତ ଦର୍ଶାଇ ହଇରାଣ କରାଯାଉଛି। ୭ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଜଣେ ହିତାଧିକାରୀ ଏଭଳି ଅଭିଯୋଗ ଆଣିଛନ୍ତି । ଏହି ହିତାଧିକାରୀ ହେଲେ ନାଟୁଗାଁ ଗ୍ରାମ ପଞ୍ଚାୟତ ସାଲୁଣି ଗ୍ରାମର ସ୍ୱର୍ଗତ ଦାଶରଥି ପ୍ରଧାନଙ୍କ ବିଧବା ପତ୍ନୀ ନହଲୀ ପ୍ରଧାନ। ସେ ୨୦୧୧ ମସିହାରୁ ଭତ୍ତା ପାଇ ଆସୁଥିଲେ । ୨୦୨୩ ମସିହାଠାରୁ ସେ ତାଙ୍କ ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଉଥିଲେ । ୨୦୨୪ ଅକ୍ଟୋବର ମାସ ତାଙ୍କ ବ୍ୟାଙ୍କ ଖାତାକୁ ଆଉ ଭତ୍ତା ଟଙ୍କା ଆସୁନଥିବା ଜାଣିବା ପରେ ସେ ଏହାର ଖୋଳତାଡ଼ କରିଥିଲେ । ବ୍ଲକରେ କାର୍ଯ୍ୟରତ କର୍ମଚାରୀ କୌଣସି ଅନୁଧ୍ୟାନ ନକରି ଉଦ୍ଦେଶ୍ୟ ମୂଳକ ଭାବେ ତାଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ କରି ଦେଇଥିବା ବୟସ୍କା ବିଧବା ମହିଳା ନହଲୀ ଅଭିଯୋଗ କରିଛନ୍ତି । ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାନଗଲେ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ଉଲ୍ଲେଖ କରିଛନ୍ତି ।

**ଜୀବିତ ବୟସ୍କା ମହିଳାଙ୍କୁ ମାରିଦେଲେ ପିଇଓ**






## ପାପଡ଼ାହାଣ୍ଡିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର, ୨୮।୪ (ସଂଚାର ବ୍ୟୁରୋ):** ଆଜି ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଭାରପ୍ରାପ୍ତ ବି ଡି ଓ ମନୋଜ ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।ଚିହ୍ନଟ ୬ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

### ଲୋକପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଜେପିର ଧାରଣା

**କାକଟପୁର/ଅସ୍ତରଙ୍ଗ, ୨୮।୪ (ସଂଚାର ବ୍ୟୁରୋ):** ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଜେପିକର୍ମୀଙ୍କ ଧାରଣା।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତରେ ୨୭ତାରିଖ ରବିବାର ରାତ୍ର ୧୦ଟା ୨୦ମିନିଟ ସମୟରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହଯୋଗୀ ତଥା ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ରାଜକିଶୋର ପ୍ରଧାନ ଓ ଗଣମାଧମ ପ୍ରତିନିଧି ବିପିନି ବିହାରୀ ଦାସ ଏକ ବିବାହ ଭୋଜିକୁ ଯାଇଥିବା ବେଳେ ଅସ୍ତରଙ୍ଗ ପଞ୍ଚାୟତ ଅଧୀନ ଝାରିଆ ଗ୍ରାମର ଚିତ୍ରସେନ ପ୍ରଧାନ ସରପଞ୍ଚଙ୍କୁ ଜାତିଆଣା ଆକ୍ଷେପ କରି ଗାଳି ଗୁଲଜ କରିବା ସହ ସରପଞ୍ଚଙ୍କ ସହ ଯାଇଥିବା ସହଯୋଗୀମାନଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅସ୍ତରଙ୍ଗ ଥାନା ପୁଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଉ ଥିବା ବେଳେ ସୋମବାର ମଧ୍ୟାହ୍ନ ୧୨ଘ ୪୬ମିନିଟ ସମୟରେ ବିଜେପିର ଏକ ଟିମ୍ ଅସ୍ତରଙ୍ଗ ଥାନାରେ ପହଂଚି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗର ତଦନ୍ତ ସମ୍ପର୍କରେ ବୁଝିଥିଲେ। ଏହାସହ ଅସ୍ତରଙ୍ଗ ଥାନାରେ ବିଭିନ୍ନ ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ବସୁଥିବା ନେଇ ବିଜେପି ଟିମ୍ ଅସ୍ତରଙ୍ଗ ଥାନା ଅଧିକାରୀଙ୍କୁ ପଚାରି ଥିଲେ। କିନ୍ତୁ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କ ଉତ୍ତରରେ ସନ୍ତୋଷଜନକ ଅନୁଭବ ନକରି ବିଜେପି କର୍ମୀ ଥାନାରେ ଦୀର୍ଘ ୩ ଘଣ୍ଟା ଧରି ଧାରଣାରେ ବସିଥିଲେ ଓ ଦାବୀ ରଖିଥିଲେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ।

ଥାନାରେ ବିଜେପି ଟିମର ଧାରଣା ଖବର ପାଇଁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଂଚି ଥାନା ଅଧିକାରୀଙ୍କ ସହ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନ ଯାଞ୍ଚ କରିଥିଲେ। ଏହାସହ ଅସ୍ତରଙ୍ଗ ଥାନାରେ କେଶ ନମ୍ବର ୮୪/୨୫ରେ ମାମଲା ରୁଜୁ ସହ ଚିତ୍ରସେନ ପ୍ରଧାନଙ୍କୁ ଧରିବାକୁ ପୁଲିସ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ କରାଯାଇଛି। ଏହି ଘଟଣାରେ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟ ପଟେ ବିଜେପି ତରଫରୁ ଦାବୀ ରହିଛି ସରପଞ୍ଚଙ୍କୁ ଅସଭ୍ୟ ବାକ୍ୟ ସହ ଜାତିଆଣା ଆକ୍ଷେପ କରିଥିବା ବ୍ୟକ୍ତିଙ୍କୁ ୨୪ଘଣ୍ଟା ମଧରେ ଗିରଫ ନହେଲେ ଆଗାମୀ ଦିନରେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



## ସୋଆରେ ଆନ୍ତର୍ଜାତିକ ବିହନ ଦିବସ ପାଳିତ



**ଭୁବନେଶ୍ୱର, ୨୮।୪ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍)ର ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଶନିବାର ମେଣ୍ଢାଶାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅଞ୍ଚଳର ପ୍ରାୟ ୭୦ ଜଣ ଚାଷୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଆର୍ନ୍ତଜାତୀକ ବିହନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଉପଦେଷ୍ଟା ଡ. ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଗ୍ରାମପଞ୍ଚାୟତର ସରପଞ୍ଚ କୌଶଲ୍ୟା ବଳବନ୍ତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ବୀଜବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଡ. ଶାନ୍ତନୁ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧାପକ ଡ. ବ୍ରଜ କିଶୋର ସାହୁ, ଡ. ରବି କୁମାର ପଟ୍ଟନାୟକ, ଡ. ସରୋଜ କୁମାର ମହାନ୍ତି, ଡ. ବଂଶୀଧର ପ୍ରଧାନ, ଡ. ଗୌରହରି ସାନ୍ତରା ଓ ଡ. ସନ୍ତୋଷ କୁମାର ପଣ୍ଡା ଆଦି କୃଷକମାନଙ୍କୁ ଉନ୍ନତ ବିହନର ଉପାଦେୟତା, ଗୁଣବତା, ବୃଦ୍ଧି ପ୍ରକ୍ରିୟା ଓ ସଂରକ୍ଷଣ ବିଷୟରେ ବୁଝାଇ ଥିଲେ। ଶିକ୍ଷାନୁଷ୍ଠାନର ସହକାରୀ ଅଧାପକ ଡ. ଅଂଶୁମାନ ଜେନା, ଡ. ଏସ୍. ପି ମୋନାଲିସା, ଡ. ରାମକୃଷ୍ଣ ବସ୍ତିଆ, ଡ. ଚିରଞ୍ଜିବୀ କୁଲକର୍ଣ୍ଣୀ ଓ ଡ. ଜ୍ୟୋତିମୟୀ ମିଶ୍ର ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବା ସହ ସଭା ପରିଚାଳନା କରିଥିଲେ। ବୀଜ ବିଜ୍ଞାନ ବିଭାଗର ସ୍ନାତକ ଛାତ୍ରଛାତ୍ରୀମାନେ ମଧ ବିଭିନ୍ନ ବିହନ ସଂରକ୍ଷଣ ଓ ପରୀକ୍ଷା ପଦ୍ଧତିକୁ ବୁଝାଇ ଥିଲେ। ପରିଶେଷରେ ଗ୍ରାମର ଦୁଇ ଜଣ ସଫଳ ଚାଷୀ ବିଦୁରଞ୍ଜନ ସାମନ୍ତରାୟ ଓ ଭାସ୍କର ଚନ୍ଦ୍ର ସୁବୁଦ୍ଧିଙ୍କୁ ଶିକ୍ଷାନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା।

## ପ୍ର. ଅଚ୍ୟୁତାନନ୍ଦ ଦାସଙ୍କ ବିୟୋଗରେ ଶୋକସଭା



**ଭୁବନେଶ୍ୱର, ୨୮।୪ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ ( ଆଇଏଏସ୍)ର କୀଟତତ୍ତ୍ୱ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଅଚ୍ୟୁତାନନ୍ଦ ଦାଶଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି।

କୀଟତତ୍ତ୍ୱ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜ କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପ୍ରଫେସର ସନ୍ତୋଷ କୁମାର ପଣ୍ଡା, ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ, ପ୍ରଫେସର ଏସ୍ ଏମ୍ ଏ ମଣ୍ଡଳ, ଡ. ଭୁବନାନନ୍ଦ ଅଧିକାରୀ, ଡ. ସତ୍ୟନାରାୟଣ ଶତପଥୀ, ଡ. ସ୍ୱୟଂ ସିଂହ, ଡ. ପ୍ରଜ୍ଞା ପତିଙ୍କ ସମେତ ବିଶ୍ୱଜିତ୍ ମିଶ୍ର, ସୁମିତ ସୌରଭ, ସ୍ୱୟମଦୀପ୍ତ ସାମନ୍ତ, ନିଶିସ୍ମିତା ପରିଡ଼ା, ଅମ୍ରିତ ମହାପାତ୍ର ଓ ମାନସୀ ପ୍ରମୁଖ ଯୋଗ ଦେଇଥିଲେ।

ଦିବଙ୍ଗତ ପ୍ରଫେସର ଅଚ୍ୟୁତାନନ୍ଦ ଦାଶଙ୍କ ନିରଳସ ଜୀବନ, ଅପ୍ରମିତ ଜ୍ଞାନ, କୀଟତତ୍ତ୍ୱ ବିଭାଗ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ସମସ୍ତଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ହୋଇ ରହିବ ବୋଲି ସମସ୍ତେ ମତ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ରାପଡ଼ା ସାଂସଦଙ୍କ ଆଲୋଚନା

# ଲଜିଷ୍ଟିକ୍ସ ହବ ଓ ଶୀତଳଭଣ୍ଡାର ପ୍ରତିଷ୍ଠା ନେଇ ଆଲୋଚନା



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ସାକ୍ଷାତ କରିବା ସହ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡା-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳଗୁଡିକୁ କିପରି ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ ଯେ ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଅଛି। ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋଟୁରିଜମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ଖାଲି ପଡିଥିବା ସରକାରୀ ପଦବୀଗୁଡିକୁ ପୂରଣ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିବା ବେଳେ ଜିଲ୍ଲାରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।

## ବିଶୃଙ୍ଖଳିତ ଆଚରଣ ପାଇଁ ଭିସୁଟର ୧୦୦ ଛାତ୍ର ଦଣ୍ଡିତ

ସମ୍ବଲପୁର,୨୮।୪(ସଂଚାର ବ୍ୟୁରୋ): ବିଭିନ୍ନ ପ୍ରକାର ବିଶୃଙ୍ଖଳିତ କାର୍ଯ୍ୟକଳାପ ଓ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ବୁର୍ଲା ଭିସୁଟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ବିରୁଦ୍ଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏକକାଳୀନ ୧୦୦ ଛାତ୍ରଙ୍କ ଉପରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ। ଏ ନେଇ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ଓ କୁଳପତିଙ୍କ ଅନୁମୋଦନ କ୍ରମେ କୁଳସଚିବ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଏକ ବିଜ୍ଞପ୍ତି ଜାରି କରିଛନ୍ତି। କମ୍ ଉପସ୍ଥାନ ସହ ବିଶୃଙ୍ଖଳିତ ଆଚରଣକୁ ନେଇ ଛାତ୍ରଛାତ୍ରୀଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିନ୍ନ ଭିନ୍ନ ପ୍ରକାରର ବିଶୃଙ୍ଖଳା ପାଇଁ ପୃଥକ୍ ଦଣ୍ଡ ବିଧାନ ସହ ଆର୍ଥିକ ଦଣ୍ଡ ବା ଫାଇନ ମଧ୍ୟ କରାଯାଇଛି । ବିଶେଷକରି ଗ୍ରେଡ ହ୍ରାସ ଓ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯାଇଛି। ସେହିପରି ଫାଇନ ବାବଦ ଟଙ୍କା ଆସନ୍ତା ୯ ତାରିଖ ସୁଦ୍ଧା ଜମା ନ କଲେ, ଦିନକୁ ୧୦୦ ଟଙ୍କା ହିସାବରେ ଅତିରିକ୍ତ ଦେବାକୁ ପଡ଼ିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ସେହି ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା, ପୁରସ୍କାର ଓ ପ୍ରତିନିଧିତ୍ୱମୂଳକ କାର୍ଯ୍ୟକଳାପରେ ଭାଗୀଦାର ହୋଇପାରିବେ ନାହିଁ ବୋଲି ମଧ୍ୟ କୁହାଯାଇଛି।

## ମନଇଚ୍ଛା ଲାଗିପାରିବନି ଜାତୀୟ ଚିହ୍ନ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ରାଜ୍ୟରେ କୌଣସି ବ୍ୟକ୍ତିବିଶେଷ, ବ୍ୟବସାୟ ପ୍ରତିଷ୍ଠାନ କିମ୍ବା ଅନୁଷ୍ଠାନ ଜାତୀୟ ଚିହ୍ନ (ଅଶୋକ ସ୍ତମ୍ଭ)କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ। ଯଦି କୌଣସିଠାରେ ଏହାର ଅପବ୍ୟବହାର ହେଉଥିବା ନେଇ ସୂଚନା ମିଳିଲେ ସେଠାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତର ଜାତୀୟ ଚିହ୍ନ ଆଇନ-୨୦୦୫ ଏବଂ ନିୟମ-୨୦୦୭ ଓ ସଂଶୋଧନ ଆଇନ-୨୦୧୦ ଅନୁଯାୟୀ ଜାତୀୟ ଚିହ୍ନ ସରକାରୀ ସ୍ତରରେ ବ୍ୟବହାର ହୋଇପାରିବ। ଏହି ମର୍ମରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମ ସଚିବ ଜି. ପାର୍ଥସାରଥୀ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ଗତ ମାର୍ଚ୍ଚ ୨୯ ତାରିଖରେ ସବୁ ଆର୍‌ଡିସି ଓ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଥିବା ବେଳେ ଗତ ୧୭ରେ ଜଳସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପାର୍ଥସାରଥୀ ଉକ୍ତ ପତ୍ରରେ ଦର୍ଶାଇଥିଲେ ଯେ ଭାରତର ଜାତୀୟ ଚିହ୍ନ ୩ଟି ଅଶୋକସ୍ତମ୍ଭ ସହ ଅଶୋକ ଚକ୍ର ଓ ସତ୍ୟମେବ ଜୟତେ (ଦେବନାଗରୀ ଭାଷା) ନିର୍ଦ୍ଦିଷ୍ଟ ଭାବେ ସରକାରଙ୍କ ନିୟମ ଅନୁଯାୟୀ ରହିବା କଥା। ହେଲେ କେତେ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ଉଲ୍ଲଂଘନ କରୁଥିବା ନଜରକୁ ଆସିଛି। କେତେକ ସ୍ଥାନରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ଦେବନାଗରୀ ଭାଷାରେ ଉଲ୍ଲେଖ ରହୁନାହିଁ, ଯାହାକି ଜାତୀୟ ଚିହ୍ନ ପ୍ରତି ଅବମାନନା ହେଉଛି। ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ନିୟମକୁ ଠିକ୍ ଭାବେ ପାଳନ କରିବା ଲାଗି ସେ ଦର୍ଶାଇଛନ୍ତି।

## ଥାନାରେ ସନ୍ଦିଗ୍ଧ ବ୍ୟକ୍ତି ଅଟକ

● ଆର୍ମି ପୋଷାକ ପିନ୍ଧି ବୁଲୁଥିଲେ

ବ୍ରହ୍ମପୁର,୨୮।୪(ସଂଚାର ବ୍ୟୁରୋ): ଦେହରେ ଆର୍ମି ପୋଷାକ, ମୁଣ୍ଡରେ ଟୋପି। ପକେଟ୍‌ରେ ଅଛି ନକଲି ଆଇଡି କାର୍ଡ। କେହି ପଚାରିଲେ କହିଛନ୍ତି ଓ୍ୱାଘା ବର୍ଡରରୁ ଆସିଛି। ବ୍ରହ୍ମପୁର ଗାନ୍ଧୀ ନଗର ଛକରୁ ଏପରି ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାବୁ କରିଛନ୍ତି ସ୍ଥାନୀୟ ଲୋକେ। ଉକ୍ତ ବ୍ୟକ୍ତିଙ୍କୁ ପୁଲିସ ଜିମା ଦିଆଯାଇଥିବା ବେଳେ ପୁଲିସ ଅଟକ ରଖି ପଚରାଉଚରା କରୁଛି। ପ୍ରାଥମିକ ତଦନ୍ତରୁ ସେ ଜଣେ ମାନସିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସୋମବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ଆର୍ମି ପୋଷାକ ପିନ୍ଧି ଗାନ୍ଧୀ ନଗର ଛକରେ ବୁଲୁଥିଲେ। କେହି କିଛି ପଚାରିବାରେ ତାଙ୍କୁ ବାଟେଇବାକୁ ଗୋଳାଉଥିଲା। କିଛି ଯୁବକ ତାଙ୍କୁ ପଚାରିବାରୁ ସେ ଗୁଜରାଟ ପୁଲିସ ଲୋଗୋ ଥିବା ଏକ ନକଲି ଆଇଡି କାର୍ଡ ସେମାନଙ୍କୁ ଦେଖାଇଥିଲେ। ଏହାପରେ ପାକିସ୍ତାନୀ ସନ୍ଦେହରେ ଯୁବକମାନେ ତାଙ୍କୁ ଆଣି ଥାନାରେ ଜିମା ଦେଇଥିଲେ। ଜନୈକ ସାମ୍ବାଦିକ ତାଙ୍କୁ ପରିଚୟ ପଚାରିବାରୁ ସେ ତାଙ୍କ ନାମ ରାଜୁ ସଖା ବୋଲି କହିଥିଲେ। ଏଥିସହ ସେ ଓ୍ୱାଘା ବର୍ଡରରୁ ଆସିଛନ୍ତି ବୋଲି ମଧ୍ୟ କହିଥିଲେ। କେବଳ ସେତିକି ନୁହେଁ, ତାଙ୍କ ପାଖରେ ଥିବା କାଗଜପତ୍ର ଗୁଜରାଟ ପୁଲିସ ନେବା ସହ ତାଙ୍କୁ ଆଇଡି କାର୍ଡ ଦେଇଥିବା କହିଥିଲେ। ରାଜୁ ଗୁଜରାଟରୁ ମେଳାରେ ମିଶି ବ୍ରହ୍ମପୁର ଆସିଥିବା କଥା କହିଛନ୍ତି। ଗତ ଗୁଡ ଫ୍ରାଇଡେରୁ ସେ ବ୍ରହ୍ମପୁରରେ ରହିଆସୁଛନ୍ତି। ଗାନ୍ଧୀ ପାର୍କ ସମ୍ମୁଖରେ ଥିବା ଡିଭାଇଡର୍ ଉପରେ ଶୋଇ ରାତି କାଟୁଛନ୍ତି। ତାଙ୍କ ନିକଟରେ କିଛି ସିକ୍ୟୁରିଟି କର୍ମଚାରୀ ସୁନା ଦୋକାନ ଜଗୁଥିବା ସେ କହିଛନ୍ତି। ଅନ୍ୟପଟେ ରାଜୁଙ୍କ ନିକଟରେ ଥିବା ଦୁଇଟି ବ୍ୟାଗରୁ ବିଭିନ୍ନ ଜିନିଷ ଚୋରାଇ ନେବାକୁ ୩ ଯୁବକ ଆସିଥିଲେ। ବିରୋଧ କରିବାରୁ ରାଜୁଙ୍କୁ ଥାନାରେ ଦେଇ ଚାଲିଗଲେ ବୋଲି ସେ କହିଛନ୍ତି।

## ସୁନା ବ୍ୟବସାୟୀଙ୍କୁ ମାଡ଼ ମାରି ଗହଣା ବ୍ୟାଗ୍ ଲୁଟିନେଲେ ଦୁର୍ବୃତ୍ତ

କେନ୍ଦୁଝର,୨୮।୪(ସଂଚାର ବ୍ୟୁରୋ): ଟାଉନ ଥାନା ଅନ୍ତର୍ଗତ ନରଣପୁରଠାରେ ସାହୁ ଜୁଏଲାରୀ ୱାର୍କସପ୍ ମାଲିକ ଦୀପକ ସାହୁଙ୍କୁ କେତେକ ଦୁର୍ବୃତ୍ତ ମାଡ଼ ମାରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାରୁପା ଲୁଟି ନେଇ ଚମ୍ପଟ୍ ମାରିଛନ୍ତି। ଏନେଇ ଦୀପକ କହିଛନ୍ତି ଯେ ରବିବାର ସନ୍ଧ୍ୟାରେ ସେ ଦୋକାନ ବନ୍ଦ କରି ମୋଟର ସାଇକେଲରେ ସୁନା ଓ ରୁପା ଗହଣା ବ୍ୟାଗ୍ ସହ ଘରକୁ ଫେରୁଥିଲେ। ତେବେ ଘର ନିକଟରେ ୨ଟି ମୋଟର ସାଇକେଲରେ ୫ ଜଣ ଦୁର୍ବୃତ୍ତ ତାଙ୍କର ପିଛା କରିଥିଲେ। ସେ ଖସି ପଳାଇବାକୁ ଉଦ୍ୟମ କରିବାରୁ ଗାଡ଼ି ସହ ପଡ଼ିଯାଇଥିଲେ। ସେମାନେ ଆସି ତାଙ୍କ ମୁଣ୍ଡକୁ ଓ ହାତକୁ ଆକ୍ରମଣ କରି ତାଙ୍କ ମୋଟର ସାଇକେଲ ଡିକିରୁ ସୁନାରୁପା ଭର୍ତ୍ତି ବ୍ୟାଗ୍ ନେଇ ଆଖିପିଛୁଳାକେ ପଳାଇ ଯାଇଥିଲେ। ଖବର ପାଇ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି। ପାଖରେ ଥିବା ତାରିଣୀ ଗେଷ୍ଟ ହାଉସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ପୂର୍ବରୁ ମଧ୍ୟ ଉକ୍ତ ବ୍ୟବସାୟୀଙ୍କଠାରୁ ଲୁଟ ହୋଇଥିବା ବେଳେ କେହି ଧରା ପଡ଼ିନାହାନ୍ତି।

## ମାତ୍ର ୨ ଟଙ୍କା ପାଇଁ ଲୁଟ୍‌ପାଟ ଓ ଗୁଳିକାଣ୍ଡ



ଚାନ୍ଦବାଲି,୨୮।୪(ସଂଚାର ବ୍ୟୁରୋ): କୋଲ୍ଡ ଡ୍ରିଙ୍କସ୍ ବୋତଲକୁ ନେଇ ଘଟିଛି ତୁମୂଳକାଣ୍ଡ। ସାମାନ୍ୟ ୨ ଟଙ୍କା ପାଇଁ ଯୁକ୍ତିତର୍କ ଓ ଶେଷରେ ଗୁଳିକାଣ୍ଡ। ତେବେ ସୌଭାଗ୍ୟବଶତଃ ଏହି ଗୁଳିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବାପା-ପୁଅ। ଏମିତି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ନାଲଗୁଣ୍ଡା ଛକ ନିକଟରେ। ସାମାନ୍ୟ ବୋତଲକୁ ନେଇ ଏଭଳି ଅଘଟଣ ଘଟିଛି। ଏହି ଘଟଣଶରେ ୬ ଜଣ ଯୁବକ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସାମଗ୍ରୀ ଲୁଟିନେଇ ଚମ୍ପଟ୍ ମାରିଛନ୍ତି। ମିଳିଥିବା ସୂଚନାନୁସାରେ, ନାଲଗୁଣ୍ଡା ଛକଠାରୁ କିଛି ଦୂରରେ ସାଧୁ ଚରଣ ବେହେରା ଏକ ପାନ ଦୋକାନ କରି ସେଥିରେ କୋଲ୍ଡ ଡ୍ରିଙ୍କସ୍ ମଧ୍ୟ ବିକ୍ରି କରୁଥିଲେ। ତେବେ ଗତକାଲି ଅପରାହ୍ନ ସମୟରେ ୨ଟି ବାଇକରେ ୬ ଜଣ ଯୁବକ ଆସି ତାଙ୍କୁ କୋଲ୍ଡ ଡ୍ରିଙ୍କସ୍ ମାଗିଥିଲେ। କୋଲଡ ଡ୍ରିଙ୍କସ ପିଇ ସାରିବା ପରେ ଦୋକାନୀ ଏହାର ଦାମ୍ ୧୨ ଟଙ୍କା ବୋଲି କହିଥିଲେ। କିନ୍ତୁ ୧୦ ଟଙ୍କା ପ୍ରିଣ୍ଟ ଥିବା ବେଳେ ୧୨ ଟଙ୍କା କାହିଁକି ନେଉଛ ବୋଲି ଯୁବକମାନେ ପ୍ରଶ୍ନ କରିବା ଫଳରେ ସେମାନଙ୍କର ଦୋକାନୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉକ୍ତ ୬ ଜଣ ଯୁବକ ମିଳିମିଶି ଦୋକାନୀ ଓ ତାଙ୍କ ପୁଅକୁ ମାଡ଼ ମାରିବା ସହ ଦୁଇଟି ବନ୍ଧୁକରୁ ଗୁଳି ଚଳାଇଥିଲେ। ଫଳରେ ଭୟଭୀତ ହୋଇ ବାପ ଓ ପୁଅ ଜୀବନ ବିକଳରେ ଦୋକାନ ଛାଡି ପଳାଇଥିଲେ। କିନ୍ତୁ ଏତିକିରେ ଯୁବକମାନଙ୍କ ମନ ଶାନ୍ତ ହୋଇନଥିଲା। ସେମାନେ ବାପପୁଅ ପଳାଇଯିବାର ସୁଯୋଗ ନେଇ ଦୋକାନରେ ଲୁଟ୍‌ପାଟ କରିଥିଲେ। ସେମାନେ ପ୍ରାୟ ୩୦ ହଜାର ଟଙ୍କା ଓ ଜିନିଷପତ୍ର ଲୁଟିନେଇ ଚମ୍ପଟ ମାରିଥିବା ବେଳେ ଏନେଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ଉକ୍ତ ଯୁବକମାନଙ୍କ ସମ୍ପର୍କରେ କୌଣସି ଟେର୍ ପାଇପାରିନାହିଁ।

### ନବ ଦାସ ହତ୍ୟା ମାମଲା

# ଖୁବ୍‌ଶୀଘ୍ର ଦାଖଲ ହେବ ଚୂଡ଼ାନ୍ତ ରିପୋର୍ଟ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ଚୂଡ଼ାନ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଦାଖଲ ହେବ। ଏ ନେଇ କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଆଜି ସୂଚନା ଦେଇଛନ୍ତି। ସମ୍ପ୍ରତି ଅନ୍ତର୍ଗତ ଚାର୍ଜସିଟ ବଳରେ ମାମଲାର ବିଚାର ଚାଲିଛି। ପରିବାରର ଅଭିଯୋଗ ଓ କେତେକ ପ୍ରସଙ୍ଗ ନେଇ ଏହି ତଦନ୍ତ ଚାଲିଛି। ଶନିବାର କ୍ରାଇମବ୍ରାଞ୍ଚ ଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ମନ୍ତ୍ରୀଙ୍କ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ପୁଲିସ ଏଏସ୍‌ଆଇ ଗୋପାଳ ଦାସଙ୍କ ବ୍ରହ୍ମପୁରସ୍ଥିତ ବାସଭବନରେ ପହଞ୍ଚିଥିଲା। ଆଙ୍କୋଲି ଶିଳ୍ପାଞ୍ଚଳ ନିକଟସ୍ଥ ପଞ୍ଚଶୀଳ ମାର୍ଗରେ ଥିବା ତାଙ୍କ ବାସଭବନରେ ସ୍ତ୍ରୀ ଜୟନ୍ତୀ ଦାସଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ଗୁଳିମାଡ଼ ଘଟଣା ଦିନ ଓ ଏହା ପୂର୍ବରୁ ତାଙ୍କ ସହ କ'ଣସବୁ କଥା ହୋଇଥିଲେ, ସେନେଇ କ୍ରାଇମବ୍ରାଞ୍ଚ ଟିମ୍ ଜାଣିବାକୁ ଚାହିଁଥିଲେ। ଏଥିସହ ତାଙ୍କର ବୟାନ ମଧ୍ୟ ରେକର୍ଡ କରାଯାଇଥିବା ଏସ୍‌ପି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ମାମଲାରେ ଅଦ୍ୟାବଧି ୧୧ ଜଣଙ୍କୁ ଜେରା କରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆହୁରି କେତେକ ଲୋକଙ୍କୁ ପଚରାଉଚରା କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଏହି ମାମଲାର ଖୋଳତାଡ଼ ପାଇଁ ଗତ ୨୩ ତାରିଖରୁ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ଡେରା ପକାଇବା ସହ ୨୪ ତାରିଖରୁ ବିଭିନ୍ନ ଲୋକଙ୍କୁ ଜେରା ଚାଲିଛି। ହତ୍ୟା ପୂର୍ବରୁ ଗୋପାଳ ଯେଉଁମାନଙ୍କ ସହ ଫୋନ୍‌ରେ କଥା ହୋଇଥିଲେ, ତା'ର ସିଡିଆର୍ (କଲ ଡିଟେଲ ରେକର୍ଡ) ବାହାର କରି ଜଣଙ୍କ ପରେ ଜଣେ ବ୍ୟକ୍ତିଙ୍କୁ କ୍ରାଇମବ୍ରାଞ୍ଚ ଜେରା କରୁଛି। ଅଦ୍ୟାବଧି ହୋଇଥିବା ତଦନ୍ତରୁ କ୍ରାଇମବ୍ରାଞ୍ଚ ହାତରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିବା ସୂଚନା ମିଳିଛି। ମାତ୍ର କ୍ରାଇମବ୍ରାଞ୍ଚ ଟିମ୍ ଏ ଦିଗରେ କିଛି ସ୍ପଷ୍ଟ ସୂଚନା ପ୍ରଦାନ କରିନାହିଁ। ଟିମ୍ ପକ୍ଷରୁ ଆଗାମୀ ଦିନରେ ଆଉ କିଛି ଲୋକଙ୍କୁ ମଧ୍ୟ ଜେରା କରାଯିବା ସମ୍ଭାବନା ରହିଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କ ପୁଅ ମନୋଜ ଦାସ, ଭାଇ ସତ୍ୟ ନାରାୟଣ ଦାସ ଓ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବୟାନ ରେକର୍ଡ କରିଛି।

## ଭୁବନେଶ୍ୱର ଷ୍ଟେସନରେ ହାଇ ଆଲର୍ଟ




ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ହାଇ ଆଲର୍ଟ ସ୍ଥିତି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀ, କୋଲକାତା ଓ ଚେନ୍ନାଇ ପରି ମହାନଗରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସବୁ ଷ୍ଟେସନରେ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ଲୋକଙ୍କୁ ସତର୍କ କରାଯାଉଛି। ଏହି କ୍ରମରେ ଆଜି ଭୁବନେଶ୍ୱରରେ ରେଳ ଷ୍ଟେସନରେ ଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ଷ୍ଟେସନ୍‌ରେ ମହଜୁଦ ଯାତ୍ରୀମାନଙ୍କୁ ସଚେତନ କରାଯାଇଛି। କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସନ୍ଦେହଜନକ ଜିନିଷ ଦେଖିବା ମାତ୍ରେ ତୁରନ୍ତ ଜିଆର୍‌ପିଏଫ୍ କିମ୍ବା ଆର୍‌ପିଏଫ୍‌କୁ ସୂଚନା ଦେବା ସକାଶେ ଲୋକମାନଙ୍କୁ କୁହାଯାଇଛି। ସେହିଭଳି କୌଣସି ଲୋକ ସନ୍ଦେହଜନକ କାର୍ଯ୍ୟ କରୁଥିବା ଦେଖିଲେ ତୁରନ୍ତ ଖବର ଦେବା ପାଇଁ ମଧ୍ୟ ଆର୍‌ପିଏଫ୍ ସମସ୍ତଙ୍କୁ ଅନୁରୋଧ କରିଛି। ଭୁବନେଶ୍ୱର ରେଳଷ୍ଟେସନରେ ହାତରେ ମେଟାଲ ଡିଟେକ୍ଟର ଧରି ଆର୍‌ପିଏଫ୍ କର୍ମଚାରୀମାନେ ତନ୍ନ ତନ୍ନ ଯାଞ୍ଚ କରିଥିବା ଦେଖିବାକୁ ମିଳିଛି। ସମସ୍ତ ଯାତ୍ରୀଙ୍କ ଲଗେଜ୍ ସ୍କାନ୍ କରିବା ସହ ବ୍ୟାଗ୍ ଚେକିଂ ମଧ୍ୟ କରାଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ରେଳ ଯାତ୍ରୀଙ୍କୁ ଏହିଭଳି ଭାବେ ଆଲର୍ଟ କରାଯାଇଛି। ସେହିପରି ଷ୍ଟେସନ୍‌ର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ସଂଖ୍ୟାରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ସମସ୍ତ ପ୍ରକାର ପଦକ୍ଷେପରେ ଯାତ୍ରୀମାନେ ସହଯୋଗ କରୁଥିବା ଆରପିଏଫ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ କୌଣସି ସହରରେ ବି ଏହାର ପୁନରାବୃତ୍ତି ହେବାର ଆଶଙ୍କା ରହିଥିବାରୁ ସୁରକ୍ଷାକର୍ମୀମାନଙ୍କୁ ବିଶେଷ ଭାବେ ସତର୍କ ରହିବାକୁ ପଡୁଛି। ଏଥିରେ ଜନସାଧାରଣଙ୍କ ସହଯୋଗ ମଧ୍ୟ ଜରୁରୀ ଥିବାରୁ ସେମାନଙ୍କୁ ମଧ୍ୟ ସତର୍କ କରାଯାଉଛି।

## ପାରାଦୀପ ପାଇପ ଷ୍ଟକୟାର୍ଡରେ ଅଗ୍ନିକାଣ୍ଡ

କୋଟି କୋଟି ଟଙ୍କାର ସ୍କ୍ରାପ ପାଇପ୍ ଧ୍ୱଂସ



ପାରାଦୀପ,୨୮।୪(ସଂଚାର ବ୍ୟୁରୋ): ଟେକ୍ନୋମାଉଣ୍ଟ-ମେଷ୍ଟାଲକ୍ରାଫ୍ଟ କମ୍ପାନୀ ପାଇପ ଷ୍ଟକୟାର୍ଡରେ ଅଗ୍ନିକାଣ୍ଡ ଘଟିବା ଫଳରେ କୋଟି କୋଟି ଟଙ୍କାର ସ୍କ୍ରାପ୍ ପାଇପ୍ ଧ୍ୱଂସ ହୋଇଯାଇଛି। ଘଟଣାସ୍ଥଳରେ ୭ରୁ ଊର୍ଦ୍ଧ୍ୱ ଅଗ୍ନିଶମ ଗାଡ଼ି ପହଞ୍ଚି ପାଖାପାଖି ୩ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ନେଇ କୌଣସି ଅସ୍ପଷ୍ଟ ଅଛି। ଜମା ହୋଇରହିଥିବା ସ୍କ୍ରାପ ପାଇପରେ ନିଆଁ ଲାଗିବା ଦ୍ୱାରା ଧୂଆଁ ସାଙ୍ଗକୁ ନିଆଁ ଭୟାବହ ପରିସ୍ଥିତି ସୃଷ୍ଟି କରିଥିଲା। ମାଟିତଳେ ବିଛାଯାଇଥିବା ପାରାଦୀପ-ହଳଦିଆ ଆଇଓସିଏଲର ପାଇପଲାଇନ ବିଭିନ୍ନ ସ୍ଥାନରୁ ଆସି ଷ୍ଟକୟାର୍ଡରେ ରଖାଯାଇଥିଲା। ପାଇପ ଉପରେ ପିଚୁ ଓ ପ୍ଲାଷ୍ଟିକ କୋଟିଂ ଯୋଗୁଁ ଦୀର୍ଘ ସମୟ ଧରି ନିଆଁ ଜଳୁଥିବାରୁ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଆଇଓସିଏଲ, ଇଫକୋ, ପିପିଏଲ, ପାରାଦୀପ ବନ୍ଦର, କୁଜଙ୍ଗ ଅଗ୍ନିଶମ ବିଭାଗ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଘଟଣାର ତଦନ୍ତ ହେବ ବୋଲି ଆଇଓସିଏଲ ପାଇପ ଲାଇନ ଚିଫ୍ ଜେନେରାଲ ମ୍ୟାନେଜର କହିଛନ୍ତି।

# ରାସନ କାର୍ଡରୁ କଟିବ ବିଦେଶୀଙ୍କ ନାଁ: ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର,୨୮।୪ (ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୋମବାର ଏକ ବଡ଼ ବୟାନ ଦେଇଛନ୍ତି। ରାସନ କାର୍ଡରୁ ବିଦେଶୀଙ୍କ ନାଁ କଟିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଗତ ଦିନରେ ଓଡ଼ିଶାରେ ଅନୁପ୍ରବେଶ କରି ବ୍ୟାପକ ମାତ୍ରାରେ ପାକିସ୍ତାନୀ ଓ ବାଂଲାଦେଶୀ ରାସନ କାର୍ଡ ହାତେଇଛନ୍ତି। ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାଁ କାଟିବା ସକାଶେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପହଲ୍‌ଗାମ୍‌ର ବୈସରନ୍ ଉପତ୍ୟକାରେ ଆତଙ୍କୀମାନେ ହମ୍‌ଲା କରି ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଘଟଣା ଭାରତ ବ୍ୟତୀତ ସାରା ବିଶ୍ୱରେ ଚହଳ ପକାଇଛି। ଏହି ଘଟଣା ପରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଯାଇଛି। ଏହି ଆକ୍ରମଣ ପାଇଁ ପାକିସ୍ତାନର ଲସ୍କର-ଏ-ତୋଇବାର ଏକ ଶାଖା 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ)' ନିଜକୁ ଦାୟୀ କରିଥିବା ବେଳେ ପାକିସ୍ତାନ ସେନା ନିକଟରେ ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଗୁଳିମାଡ଼ ଆରମ୍ଭ କରିଛି। ଭାରତୀୟ ସେନା ମଧ୍ୟ ଏହାର କଡ଼ା ଜବାବ ଦେଇଛି। ସେହିପରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ପାକିସ୍ତାନ ନାଗରିକଙ୍କ ଭିସା ବନ୍ଦ କରିବା ସହ ତୁରନ୍ତ ସେମାନଙ୍କୁ ଦେଶରୁ ବିଦା କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ନାଗରିକ ରହିଥିବା ସୂଚନା ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ପରେ ସେମାନଙ୍କୁ ବିଦା କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଗତକାଲି ବିଜେବି ନଗରରେ ରହୁଥିବା ଜନୈକା ପାକିସ୍ତାନୀ ମହିଳାଙ୍କୁ ଓଡ଼ିଶା ଛାଡ଼ିବାକୁ ପଡ଼ିଛି।

### ୫୦୦ ପୃଷ୍ଠାର ମହାଦୁର୍ନୀତିର ତଦନ୍ତ ଦାବିକଲା ଅଭିଭାବକ ସଂଘ

## ଫି' ବୃଦ୍ଧି ପ୍ରତ୍ୟାହାର ନ କଲେ ୨ରେ ଆମରଣ ଅନଶନ



ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ): ବିଜେଇଏମ ସ୍କୁଲରେ ଚାଲିଥିବା ଦୁର୍ନୀତି ବିରୋଧରେ ଆଜି ୫୦୦ ପୃଷ୍ଠାର ଦସ୍ତାବିଜ୍ ଦାଖଲ କରିଛି ସ୍କୁଲ୍ ଅଭିଭାବକ ସଂଘ। ୨୦୦ କୋଟି ଟଙ୍କାର ହେରଫେର ହୋଇଥିବା ବେଳେ ତଦନ୍ତ ସମୟରେ ଆବଶ୍ୟକ ପଡ଼ିଲେ ସବୁ କାଗଜ ଯୋଗାଇଦିଆଯିବ ବୋଲି ସଂଘ ସଭାପତି ରଞ୍ଜନ କୁମାର ଦାସ କହିଛନ୍ତି। ଶ୍ରୀ ଦାସଙ୍କ ନେତୃତ୍ୱରେ ଆଜି ପ୍ରାୟ ଶହେ ଜଣ ଅଭିଭାବକ ପୂର୍ବାହ୍ନ ୧୧ଟା ସମୟରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଫିସରେ ପହଞ୍ଚି କାଗଜପତ୍ର ଦାଖଲ କରିଛନ୍ତି। ଏହି ଦୁର୍ନୀତି ପାଇଁ ପରିଚାଳନା ପରିଷଦ କମିଟିକୁ ସେମାନେ ଦାୟୀ କରିଛନ୍ତି। ସ୍କୁଲର ମ୍ୟାନେଜର ପ୍ରତାପ ଜେନା କିପରି ଭାବେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍କୁଲ କମିଟିରେ ରହି ପରିଚାଳନା କରୁଛନ୍ତି, ସେନେଇ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି। ସିବିଏସ୍‌ଇ ଗାଇଡଲାଇନ ଅନୁସୃତ ହେଉନାହିଁ। ହାଇକୋର୍ଟଙ୍କ ନାଁରେ ପ୍ରତି ବର୍ଷ ୨୦ ପ୍ରତିଶତ ଫି' ବୃଦ୍ଧି କରାଯାଉଛି। ଗତ ୨୧ ତାରିଖରେ ସନ୍ଧ୍ୟା ୬ଟାରେ କେତେକ ଯୁବକ ସ୍କୁଲରେ ପହଞ୍ଚିବା ସହ ସ୍କୁଲ ଅଧ୍ୟକ୍ଷା ସନ୍ଧ୍ୟା ଜେନା ଓ ମ୍ୟାନେଜର ଶ୍ରୀ ଜେନା ସେମାନଙ୍କ ସହ ଆଲୋଚନା କରିବା ସହ ନୂଆ ଅଭିଭାବକ ସଂଘ ଗଠନ କରି ସାମ୍ବାଦିକ ସମ୍ମିଳନୀ ଡାକିବା ସକାଶେ ଯୋଜନା କରିଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ଗଡ଼ ଥାନାରେ ଏତଲା ହୋଇଥିବା ସଂଘର ସଦସ୍ୟମାନେ କହିଛନ୍ତି। ସେହିପରି ଗତ ୨୫ ତାରିଖରେ ୩୦ଜଣିଆ ପ୍ରତିନିଧି କମିଟି ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗକୁ ଭେଟି ଘଣ୍ଟାଏ କାଳ ଆଲୋଚନା କରିଥିଲେ। ସେହିପରି ଆସନ୍ତା ୧ ତାରିଖ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ ବର୍ଦ୍ଧିତ ଫି' ପ୍ରତ୍ୟାହାର ନକଲେ, ୨ ତାରିଖରୁ ୧୦୦ ଜଣ ଅଭିଭାବକ ଆମରଣ ଅନଶନ କରିବେ ବୋଲି ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ତେବେ ଏକାମ୍ର ବିଧାୟକ ବାବୁ ସିଂ ବର୍ଦ୍ଧିତ ଫି' ରୋକିବା ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଏଥିରୁ ବର୍ତ୍ତିବା ସକାଶେ ମ୍ୟାନେଜର ଶ୍ରୀ ଜେନା ଓ ଅଧ୍ୟକ୍ଷା ସନ୍ଧ୍ୟା ଜେନା ନୂଆ ଅଭିଭାବକ ସଂଘ ଗଢ଼ିଥିବା ଅଭିଯୋଗ ହୋଇଛି। ଶ୍ରୀ ଦାସ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ୨୪ ବର୍ଷ ଧରି ଆର୍ଥିକ ଅନିୟମିତତାରୁ ବଞ୍ଚିବା ପାଇଁ ସ୍କୁଲ୍ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଶୋଷଣ କରିଚାଲିଛନ୍ତି। କିନ୍ତୁ ଏହା ବିରୋଧରେ ଆବଶ୍ୟକ ପଡ଼ିଲେ ଶ୍ରୀ ଜେନା ଓ ଶ୍ରୀମତୀ ଜେନାଙ୍କ ଗିରଫଦାରୀ ସକାଶେ ହାଇକୋର୍ଟ ଗେଟ୍ ସମ୍ମୁଖରେ ଧାରଣା ଦିଆଯିବା ସହ ଆତ୍ମାହୁତି ଦେବାକୁ ଅଭିଭାବକ ସଂଘ ପଛାଇବ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି।

# ୮ ମାସ ବିତିଲା: ଅପେକ୍ଷାରେ ଛଟେଇ ଯୁବକଯୁବତୀ

ଭୁବନେଶ୍ୱର,୨୮।୪: ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ୫ଶହରୁ ଅଧିକ ଅସ୍ଥାୟୀ କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଥିବାବେଳେ ପ୍ରକଳ୍ପ କାର୍ଯ୍ୟ ବି ଅଧାପନ୍ତରିଆ ହୋଇ ରହିଗଲାଣି। ଇତି ମଧ୍ୟରେ ବିଭାଗ ପକ୍ଷରୁ ନୂଆ ଅସ୍ଥାୟୀ ନିଯୁକ୍ତି ପାଇଁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବା ଅଭିଜ୍ଞ କର୍ମଚାରୀମାନେ ପୁଣିଥରେ ନିଯୁକ୍ତି ପାଇବେ କି ନାହିଁ ତାହାକୁ ନେଇ ଦ୍ୱନ୍ଦରେ ଅଛନ୍ତି ।

ରାଜ୍ୟ ସରକାରଙ୍କର ବହୁ ପ୍ରଚାରିତ ମୁକ୍ତା ଓ ଜାତୀୟ ସହରାଞ୍ଚଳର ଜୀବିକା ମିଶନ ପ୍ରକଳ୍ପ କାର୍ଯ୍ୟ ଚଳାଇବାପାଇଁ ଆଉଟସୋର୍ସିଂ ଜରିଆରେ କର୍ମଚାରୀ ନିଯୁକ୍ତି ହୋଇଥିଲା । ଏହି ଦୁଇଟି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେଉଥିବାବେଳେ ରାଜ୍ୟର ସହରାଞ୍ଚଳରେ ମଧ୍ୟ ଏହାର ସୁଫଳ ଦେଖିବାକୁ ମିଳିଥିଲା । ତେବେ ଗତବର୍ଷ ସେପ୍ଟେମ୍ବର ମାସରେ ହଠାତ୍ ବିଭାଗ ପକ୍ଷରୁ ୫ଶହରୁ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ବିଦା କରି ଦିଆଯାଇଥିଲା। ସେମାନଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ସହ ସରକାର ଆଉ ଚୁକ୍ତି ନବୀକରଣ କରିନଥିଲେ ।

ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ କର୍ମଚାରୀ ଛଟେଇ ଯୋଗୁଁ ଶହ ଶହ ଯୁବକଯୁବତୀ କର୍ମସଂସ୍ଥାନ ହରାଇଥିଲେ। ତେବେ ସେମାନେ ଆଶା କରିଥିଲେ ଯେ ନୂଆ ସଂସ୍ଥା କାର୍ଯ୍ୟ ହାତକୁ ନେଲେ ସେମାନଙ୍କୁ ଅଭିଜ୍ଞତାକୁ ଆଧାରକରି ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବ । ହେଲେ ଆଠ ମାସ ବିତିବାକୁ ବସିଥିଲେ ମଧ୍ୟ ସେମିତି କିଛି ହେଲାନାହିଁ । ବାରମ୍ବାର ଟେଣ୍ଡର ସତ୍ତ୍ୱେ ନୂତନ ସଂସ୍ଥାକୁ କର୍ମଚାରୀ ଯୋଗାଣ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସହରାଞ୍ଚଳରେ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗରେ ଗୋଟିଏ କେନ୍ଦ୍ରୀୟ ପ୍ରକଳ୍ପ ସେଲ୍ ବା ସିପିସେଲ୍ ଖୋଲାଯାଇଥିଲା । ଜଣେ ଯୁଗ୍ମସଚିବ ପାହ୍ୟାର ଅଧିକାରୀଙ୍କ ଅଧିନରେ ଥିବା ଏହି ସେଲ୍‌ରେ ଅସ୍ଥାୟୀ କର୍ମଚାରୀମାନେ ମୁତୟନ ହୋଇଥିଲେ । ତେବେ ସରକାର ଅସ୍ଥାୟୀ କର୍ମଚାରୀଙ୍କୁ ବିଦା କରିଥିବାବେଳେ ସେଲ୍ ମୁଖିଆଙ୍କୁ କିନ୍ତୁ ବସାଇ ରଖିଛନ୍ତି । ସିଏ ଏଠାରେ ବସି ବସି କ'ଣ କରିବେ ତାହା ବି ଜାଣିପାରୁ ନାହାନ୍ତି । ତେବେ ଦାନା ପାଣି ହରାଇଥିବା ଶତାଧିକ ଯୁବକ ଯୁବତୀ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବଙ୍କ ସହିତ ଏକାଧିକ ବାର ଆଲୋଚନା କରି ପରବର୍ତ୍ତୀ ନିଯୁକ୍ତି ଉପରେ ନଜର ରଖିଥିବାବେଳେ ବିଭାଗ ପକ୍ଷରୁ କିନ୍ତୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

କିଛି ଦିନ ପୂର୍ବରୁ ସୁନା ଦର ଅଚାନକ ଲକ୍ଷେ ଟଙ୍କାରେ ପହଞ୍ଚିଥିଲା। ତାପରେ ଧିରେ ଧିରେ ସୁନା ଦର ଖସିବାରେ ଲାଗିଛି। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୫୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୪୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୨୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୫୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୩୦ ଓ ୮୯,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଖୁବ୍ ଶୀଘ୍ର ଲଞ୍ଚ ହେବ ଲିପ୍‌ମୋଟର ବି୧୦ ଏବଂ ସି୧୦ ଏସୟୁଭି

ନୂଆଦିଲ୍ଲୀ, ୨୮।୪: ଷ୍ଟେଲାଣ୍ଟିସ୍ ଗ୍ରୁପ୍ ନିକଟରେ ଘୋଷଣା କରିଛି ଯେ ଏହା ଭାରତ ସମେତ ଇଣ୍ଟରନେସନାଲ୍ ମାର୍କେଟରେ ଚୀନର ଲିପ୍‌ମୋଟର ବ୍ରାଣ୍ଡକୁ ଆଣିବାକୁ ପ୍ରସ୍ତୁତ ହେଉଛି। ଏଥି ସହ ଦୁଇଟି କମ୍ପାନୀ ଲିପ୍‌ମୋଟର ଇଣ୍ଟରନ୍ୟାସନାଲ୍ ନାମକ ଏକ ଜଏଣ୍ଟ ଭେନଚର ଗଠନ କରିଛନ୍ତି। ହେଲେ ଭାରତରେ କେଉଁ ମଡେଲଗୁଡିକ ଲଞ୍ଚ ହେବ ତାହା ଅଫିସିଆଲି ଭାବରେ କନଫର୍ମ ହୋଇନାହିଁ। କିନ୍ତୁ ବିଶ୍ୱସ କରାଯାଉଛି ଯେ ଲିପ୍‌ମୋଟର ଭାରତୀୟ ବଜାରରେ ଏହାର ଦୁଇଟି ପ୍ରିମିୟମ୍ ମଡେଲ ଯାହା ହେଉଛି- ସି୧୦ ଏବଂ ବି୧୦ କୁ ଉପସ୍ଥାପନ କରିପାରେ।

ଲିପ୍‌ମୋଟର ସି୧୦ ଏସୟୁଭି ଏକ ପ୍ରିମିୟମ୍ ଇଲେକ୍ଟ୍ରିକ୍ ଗାଡ଼ି ହେବ ଯାହା ଦୁଇଟି ଭର୍ସନରେ ଉପଲବ୍ଧ ହେବ। ଇଭି ଭର୍ସନର ରେଞ୍ଜ ପ୍ରାୟ ୪୨୪ କିଲୋମିଟର ହେବ। ଯେତେବେଳେ ରିଭ୍ ଭର୍ସନ୍ ୯୫୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିବାକୁ ସକ୍ଷମ ହେବ। ଏଥି ସହ ଏହି ଏସୟୁଭିର ଲମ୍ବ ୪.୭ ମିଟର ହେବ, ଯାହା ଏହାକୁ ଏକ ବଡ଼ ଏବଂ ପ୍ରିମିୟମ୍ କ୍ୟାଟାଗରୀରେ ରଖେ। ଏହାର ମେନ୍ ଫିଚର୍ସଗୁଡିକ ମଧ୍ୟରେ ହିଟିଙ୍ଗ ଏବଂ



ଭେଣ୍ଟିଲେସନ୍ ସହିତ ଫାଷ୍ଟ କ୍ଲାସ୍ ସିଟ୍, ପାନାରୋମିକ୍ ସନରୁଫ୍, ୧୨-ସ୍ପିକର, ପ୍ରିମିୟମ ଅଡିଓ ସିଷ୍ଟମ ଏବଂ ୭ଟି ଏୟାରବ୍ୟାଗ୍ ସାମିଲ ଅଛି। ଏଥି ସହ ଇଭି ଭର୍ସନରେ ୬୯.୯ କେଡବ୍ଲ୍ୟୁଏଚର ବଡ଼ ବ୍ୟାଟେରୀ ଏବଂ ୧.୫ ଲିଟର ପେଟ୍ରୋଲ ଇଞ୍ଜିନ୍ ରହିବ। ଲିପ୍‌ମୋଟର ସି୧୦ ଭାରତରେ ବିୱାଇଡି ସେଲିଅନ୍୭ ଭଳି ପ୍ରିମିୟମ୍ ଇଭି ଏସୟୁଭିଏସକୁ ସିଧାସଳଖ ଟକ୍କର କରିପାରିବ। ଏଥିରେ ୬୭.୧ କେଡବ୍ଲ୍ୟୁଏଚ ବ୍ୟାଟେରୀ ରହିବ ଯାହା ୪୦୦ କିଲୋମିଟରରୁ ଅଧିକ ରେଞ୍ଜ ଦେବ। ବି୧୦ର ଇଣ୍ଟେରିୟର ମଧ୍ୟ ପ୍ରିମିୟମ ହେବ, ଯେଉଁଥିରେ ଏକ ବଡ଼ ୧୪.୮ ଇଞ୍ଚ ଟଚସ୍କ୍ରିନ୍ ଦିଆଯାଇଛି। ଏହାକୁ ୟୁରୋପୀୟ ବଜରେକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି।

ଲିପ୍‌ମୋଟର ଆସନ୍ତା ବର୍ଷ ସୁଦ୍ଧା ଭାରତରେ ଏହାର ଗାଡ଼ି ଲଞ୍ଚ କରିବାକୁ ଲକ୍ଷ୍ୟ ରଖିଛି। ଏହି ବ୍ରାଣ୍ଡ ଭାରତରେ ଭିନଫାଷ୍ଟ, ଟେସ୍‌ଲା ଏବଂ ଅନ୍ୟାନ୍ୟ ନୂତନ ଇଭି ବ୍ରାଣ୍ଡ ସହିତ ଟକ୍କର କରିବ। ଭାରତରେ, ଲିପ୍‌ମୋଟର ଷ୍ଟେଲାଣ୍ଟିସର ଥିବା ବ୍ରାଣ୍ଡ ଯେପରିକି ସିଟ୍ରୋଏନ୍, ଜିପ୍ ଏବଂ ମାସେରଟି ସହିତ ଏହାର ପୋର୍ଟଫୋଲିଓକୁ ଏକ୍ସପାଣ୍ଡ କରିବ।

## କ୍ଷତି ସହିବାକୁ ପ୍ରସ୍ତୁତ, ହେଲେ ପାକିସ୍ତାନ ସହ କଦାପି କାରବାର କରିବୁନି




ଭୁବନେଶ୍ୱର, ୨୮।୪: ଜମ୍ମ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କୀ ହମଲାକୁ ଦୃଷ୍ଟିରେ ରଖି ଭାରତୀୟ ବ୍ୟବସାୟୀ ପାକିସ୍ତାନ ସହ କାରବାର କରିବାକୁ ପ୍ରସ୍ତୁତ ନୁହନ୍ତି। ଫାଇନାନସିଆଲ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବ୍ୟବସାୟୀ ସଂଗଠନ କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ(CAIT) କହିଛି ଯେ, ଏପ୍ରିଲ ୨୨ରେ କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କୀ ହମଲା କାରଣରୁ ଦେଶର ବ୍ୟବସାୟୀମାନେ ପାକିସ୍ତାନ ସହ ସବୁ ପ୍ରକାରର କାରବାର ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ୟାଟ୍ ତରଫରୁ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ୟାଟ୍‌ର ସାଧାରଣ ସଂପାଦକ ପ୍ରବୀଣ ଖଣ୍ଡେଲଓ୍ୱାଲ କହିଛନ୍ତି, ପହଲଗାମରେ ନିରୀହ ପର୍ଯ୍ୟଟଙ୍କ ନୃଶଂସ ହତ୍ୟା ପ୍ରତିବାଦରେ ବ୍ୟବସାୟୀ ସଂଘ ପାକିସ୍ତାନ ସହିତ କୌଣସି ପ୍ରକାରର ଆମଦାନୀ ଓ ରପ୍ତାନୀ ତୁରନ୍ତ ବନ୍ଦ କରିବାକୁ ନିର୍ଣ୍ଣୟ ନେଇଛନ୍ତି। ୨୦୧୯ରେ ପୁଲଓ୍ୱାମାରେ ହୋଇଥିବା ଆତଙ୍କୀ ହମଲା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ୟବସାୟିକ ସଂପର୍କ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା।

# ମେ ପହିଲାରୁ ରେଳବାଇ, ଗ୍ୟାସ ଏବଂ ବ୍ୟାଙ୍କ ନିୟମରେ ପରିବର୍ତ୍ତନ

ହାଇଦ୍ରାବାଦ: ମେ ପହିଲାରୁ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ଯାହାର ସିଧାସଳଖ ପ୍ରଭାବ ଲୋକମାନଙ୍କ ପକେଟ ଉପରେ ପଡ଼ିପାରେ। ଟ୍ରେନ ଟିକଟ ବୁକିଂଠାରୁ ଆରମ୍ଭ କରି ଏଟିଏମ ଟଙ୍କା ଉଠାଣ ପର୍ଯ୍ୟନ୍ତ ଅନେକ ବଡ଼ ପରିବର୍ତ୍ତନ ଲାଗୁ ହେବାକୁ ଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ନୂତନ ନିୟମ ମେ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଯଦି ଆପଣ ଏଟିଏମରୁ ଟଙ୍କା ଉଠାନ୍ତି, ଜମା କରନ୍ତି କିମ୍ବା ଆପଣଙ୍କର ବାଲାନ୍ସ ଯାଞ୍ଚ କରନ୍ତି, ତେବେ ଆପଣଙ୍କୁ ଏହି ନୂତନ ନିୟମ ବିଷୟରେ ଅବଗତ ରହିବା ଆବଶ୍ୟକ। ଫ୍ରି ଲିମିଟ ଶେଷ ହେବା ପରେ ଆପଣଙ୍କୁ ପ୍ରତ୍ୟେକ ଏଟିଏମ କାରବାର ପାଇଁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିପାରେ। ଟ୍ରେନ୍ ଟିକେଟ ବୁକିଂ ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ସ୍ଲିପର୍ କିମ୍ବା ଏସି କୋଚ୍‌ରେ ବୈଧ ବିବେଚିତ ହେବ ନାହିଁ। କେବଳ ଜେନେରାଲ କୋଚରେ ୱେଟିଂ ଟିକେଟରେ ଯାତ୍ରା ସମ୍ଭବ ହେବ। ଏହାକୁ ୧୨୦ ଦିନରୁ ୬୦ ଦିନକୁ ହ୍ରାସ କରାଯାଇପାରେ। ପ୍ରତି ମାସର ୧ ତାରିଖରେ ଏଲପିଜି ସିଲିଣ୍ଡରର ମୂଲ୍ୟ ପରିବର୍ତ୍ତନ ହୁଏ। ଏପରି ପରିସ୍ଥିତିରେ, ଏଥର ମଧ ଗ୍ୟାସ ସିଲିଣ୍ଡରର ମୂଲ୍ୟ କମ୍ କିମ୍ବା ଅଧିକ ହୋଇପାରେ। ଫିକ୍ସଡ୍ ଡିପୋଜିଟ ଏବଂ ସଞ୍ଚୟ ଖାତା ନିୟମରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇପାରେ। ଏହି ପରିବର୍ତ୍ତନଗୁଡ଼ିକରେ ସୁଧ ହାର ମଧ ଅନ୍ତର୍ଭୁକ୍ତ ହୋଇପାରେ। ଆରବିଆଇର ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ଏଟିଏମ୍ ଉଠାଣ ଚାର୍ଜ ବୃଦ୍ଧି ହେବାର ସମ୍ଭାବନା ଅଛି। ତଥାପି, ଏଫଡି ଏବଂ ସଞ୍ଚୟ ଆକାଉଣ୍ଟ ସୁଧ ହାର ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ। ଦେଶର ୧୧ଟି ରାଜ୍ୟରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି)ର ମିଶ୍ରଣ ହେବ। 'ଗୋଟିଏ ରାଜ୍ୟ, ଗୋଟିଏ ଆରଆରବି' ଯୋଜନା ଅଧୀନରେ ୧ ମେ', ୨୦୨୫ରୁ ଏହା କାର୍ଯ୍ୟକାରୀ କରାଯାଇପାରେ। ପରିଚାଳନା ଦକ୍ଷତାରେ ସୁଧାର ଆଣିବା ଏବଂ ଖର୍ଚ୍ଚ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ଏକତ୍ରୀକରଣ ପାଇଁ ବିଜ୍ଞପ୍ତି ଜାରି ହୋଇଥିବା ୧୧ଟି ରାଜ୍ୟ ହେଉଛନ୍ତି, ଓଡିଶା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଗୁଜୁରାଟ, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ।




# ଭାରତ ପ୍ରତିଶୋଧ ନେଲେ ୭୮ ବର୍ଷ ପଛକୁ ଚାଲିଯିବ ପାକିସ୍ତାନ

ନୂଆଦିଲ୍ଲୀ, ୨୮।୪: କାଙ୍ଗାଳ ଦେଶର ବିକଳ ଚିତ୍କାର। ମୁଣ୍ଡ ଉପରେ ଋଣ ଭାର। ଯୁଦ୍ଧ କରିବାକୁ ଉଚ୍ଛନ୍ନ। ପହଲଗାମରେ ହୋଇଥିବା ଆତଙ୍କୀ ହମ୍‌ଲା ପରେ ପାକିସ୍ତାନକୁ ନିନ୍ଦା କରୁଛି ସାରା ବିଶ୍ୱ। କୁଟନୈତିକ ସ୍ତରରେ ବଡ଼ ଆକ୍ସନ ନେଉଛି ଭାରତ। ପାକିସ୍ତାନ ପୂର୍ବରୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି। ଭାରତର ଯେକୌଣସି କଠୋର କାର୍ଯ୍ୟାନୁଷ୍ଠାନ ଏହାର ପରିସ୍ଥିତିକୁ ଆହୁରି ଖରାପ କରିପାରେ। ପାକିସ୍ତାନ ପାଖରେ ନା ଅଛି ସୁନା, ନା ଅଛି ଟଙ୍କା। ବୈଦେଶିକ ମୁଦ୍ରା ଭଣ୍ଡାର ମଧ ପ୍ରାୟ ନଗଣ୍ୟ। ଏପରି ପରିସ୍ଥିତିରେ ଯଦି ଯୁଦ୍ଧ ହୁଏ, ତେବେ ପାକିସ୍ତାନ ୭୮ ବର୍ଷ ମଧରେ ସବୁଠାରୁ ବଡ଼ ସଙ୍କଟର ସମ୍ମୁଖୀନ ହେବ। ଆସନ୍ତୁ ଜାଣିବା ପାକିସ୍ତାନର ବର୍ତ୍ତମାନର ଆର୍ଥିକ ଅବସ୍ଥା କ'ଣ ଏବଂ ଏହା ଭାରତଠାରୁ କେତେ ପଛରେ ଅଛି। ପାକିସ୍ତାନ ଦୀର୍ଘ ସମୟ ଧରି ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଭାରୀ ଋଣ, ମୁଦ୍ରାସ୍ଫୀତି ବୃଦ୍ଧି, ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ, ରାଜନୈତିକ ଅସ୍ଥିରତା ଏହାର ଅର୍ଥନୀତିକୁ ଦୁର୍ବଳ କରିଛି। ବର୍ତ୍ତମାନ ପାକିସ୍ତାନର ଆର୍ଥିକ ନିଅଣ୍ଟ ୭.୪ ପ୍ରତିଶତରେ ପହଞ୍ଚିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ।

୨୦୨୪-୨୫ ବର୍ଷ ପାଇଁ ପାକିସ୍ତାନର ଜିଡିପି ଅଭିବୃଦ୍ଧି ହାର ମାତ୍ର ୩.୧ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି, ଯାହା ବିଶ୍ୱ ହାର ତୁଳନାରେ ବହୁତ କମ୍। ସେପଟେ ଋଣରେ ବୁଡିଛି ପାକିସ୍ତାନ। ଅକ୍ଟୋବର ୨୦୨୪ ସୁଦ୍ଧା, ପାକିସ୍ତାନ ସରକାରଙ୍କ ମୋଟ ଋଣ ରେକର୍ଡ ୭୦.୩୬ ଲକ୍ଷ କୋଟି ପାକିସ୍ତାନୀ ଟଙ୍କାକୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକଙ୍କ ଉପରେ ହାରାହାରି ୨.୩୪ ଲକ୍ଷ ପାକିସ୍ତାନୀ ଟଙ୍କା ଋଣ ଅଛି। ଅନ୍ତର୍ଜାତୀୟ ଏଜେନ୍ସି ଫିଚ୍ ରେଟିଂ ଅନୁଯାୟୀ, ପାକିସ୍ତାନକୁ ୨୦୨୫ ଆର୍ଥିକ ବର୍ଷରେ ୨୨ ବିଲିୟନ ଡଲାରରୁ ଅଧିକ ବାହ୍ୟ ଋଣ ପରିଶୋଧ କରିବାକୁ ପଡିବ। ସେହିପରି ଟିକସ ରାଜସ୍ୱ ମଧ ବହୁତ କମ୍। ୨୦୨୪ ମସିହାରେ ଜିଡିପିରେ ଟିକସ ରାଜସ୍ୱର ଅଂଶ ମାତ୍ର ୬.୮ ପ୍ରତିଶତ ରହିବ, ଯେତେବେଳେ କୋଭିଡ୍ ମହାମାରୀ ପୂର୍ବରୁ ଏହା ୧୦.୮ ପ୍ରତିଶତ ଥିଲା। ଏହା ସରକାରଙ୍କ ଆୟ ଉପରେ ମଧ ଏକ ବଡ଼ ପ୍ରଭାବ ପକାଇଛି। ପାକିସ୍ତାନର ଅର୍ଥନୀତି ବର୍ତ୍ତମାନ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ସହାୟତାରେ ଚାଲିଛି। ସେପ୍ଟେମ୍ବର ୨୦୨୪ରେ, ଆଇଏମଏଫ ପାକିସ୍ତାନକୁ ୭ ବିଲିୟନ ଡଲାରର ସହାୟତା ପ୍ୟାକେଜ୍ ଦେଇଥିଲା। ଯାହାକି ଏକ ବିଶ୍ୱ ରେକର୍ଡ। ସେହିପରି ସୁନା ଭଣ୍ଡାର କ୍ଷେତ୍ରରେ ମଧ ଭାରତ ଏବଂ ପାକିସ୍ତାନ ମଧରେ ଏକ ବିରାଟ ପାର୍ଥକ୍ୟ ଅଛି। ପାକିସ୍ତାନ ପାଖରେ କେବଳ ୬୪.୭୪ ଟନ୍ ସୁନା ଅଛି। ହେଲେ ଭାରତ ପାଖରେ ୮୦୦ ଟନରୁ ଅଧିକ ସୁନା ଭଣ୍ଡାର ଅଛି। ଭାରତ ବିଦେଶୀ ମୁଦ୍ରା ଭଣ୍ଡାରରେ ମଧ ପାକିସ୍ତାନଠାରୁ ଅନେକ ଗୁଣ ଆଗରେ ରହିଛି।



ପାକିସ୍ତାନର ସେୟାର ବଜାର ମଧ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି। ଗତ ସପ୍ତାହରେ, ପାକିସ୍ତାନର ସୂଚକାଙ୍କ ଗୋଟିଏ ଦିନରେ ପ୍ରାୟ ୨ ହଜାର ପଏଣ୍ଟର ଏକ ବଡ଼ ହ୍ରାସ ରେକର୍ଡ କରିଥିଲା। ପରିସ୍ଥିତି ଏତେ ଖରାପ ଥିଲା ଯେ ପାକିସ୍ତାନ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟ୍ ମଧ କ୍ରାସ୍ ହୋଇଗଲା। ଅନ୍ୟପକ୍ଷରେ, ଭାରତ ଅର୍ଥନୈତିକ କ୍ଷେତ୍ରରେ ଦୃଢ଼ ଭାବରେ ଆଗକୁ ବଢୁଛି। ୨୦୨୩ ମସିହାରେ ଭାରତର ଅର୍ଥନୀତି ପାକିସ୍ତାନ ତୁଳନାରେ ପ୍ରାୟ ୧୦ ଗୁଣା ଅଧିକ। ଭାରତର ଯେକୌଣସି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଆଗାମୀ ସମୟରେ, ପାକିସ୍ତାନ ପାଇଁ ଏହାର ଅର୍ଥନୀତିକୁ ପରିଚାଳନା କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିବ।

### ଆସିବ ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ

## ପାନ୍-ଆଧାରରେ ଥରକେ ବଦଳିବ ନାମ, ନମ୍ବର, ଠିକଣା

ନୂଆଦିଲ୍ଲୀ,୨୮।୪: ଆଧାର, ପାନ୍, ଭୋଟର ଆଇଡି ଏବଂ ଡ୍ରାଇଭିଂ ଲାଇସେନ୍ସ ଆଦିରେ ନାମ, ଠିକଣା, ମୋବାଇଲ ନମ୍ବର ବଦଳାଇବା ଲାଗି ଲୋକଙ୍କୁ ଏବେ ଭିନ୍ନ ଭିନ୍ନ ଅଫିସ୍ ଦୌଡିବାକୁ ପଡିବନି। ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ ଲାଗୁ କରିବା ଲାଗି ସରକାର ଏବେ ପ୍ରସ୍ତୁତି କରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରାଯାଉଛି। ଏଠାରେ ଗୋଟିଏ ସ୍ଥାନରେ ଲୋକମାନେ ଠିକଣା,ନମ୍ବର ବଦଳାଇ ପାରିବେ। ସମସ୍ତ ଆବଶ୍ୟକୀୟ ପରିଚୟପତ୍ର ଏହା ଦ୍ୱାରା ସିଧାସଳଖ ଅପ୍‌ଡେଟ ହୋଇଯିବ।

ଏହି ପୋର୍ଟାଲକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଉଛି। ଏଥିରେ ଆଧାର, ପାନ୍, ଡ୍ରାଇଭିଂ ଲାଇସେନ୍ସ ଏବଂ ପାସ୍‌ପୋର୍ଟ ଭଳି ସମସ୍ତ ପରିଚୟପତ୍ରଗୁଡ଼ିକ ଏକାସହ ସଂଯୋଗ ରହିବ। ଅପ୍‌ଡେଟ୍ ଲାଗି ପୋର୍ଟାଲକୁ ଯାଇ ବିକଳ୍ପ ଚୟନ କରିବାକୁ ପଡ଼ିବ। ମୋବାଇଲ ନମ୍ବର, ଠିକଣା ଭଳି ଭିନ୍ନ ଭିନ୍ନ ବିକଳ୍ପକୁ ଲୋକେ ବାଛିବେ। ଏ ସମ୍ପର୍କିତ ଦସ୍ତାବିଜ ଅପ୍‌ଲୋଡ୍ କରିବାକୁ ହେବ। ସମସ୍ତ ଦସ୍ତାବିଜ ଗୁଡ଼ିକରେ ପରିବର୍ତ୍ତନ ୩ ଦିନରେ ହୋଇଯିବ।

ପରିବର୍ତ୍ତନ ପରେ ନୂଆ ପରିଚୟପତ୍ର ହାସଲ କରିବା ଲାଗି ଏହି ପୋର୍ଟାଲରେ ଏକ ବିକଳ୍ପ ରହିବ। ଏଥିଲାଗି ପୋର୍ଟାଲରେ ଶୁଳ୍କ ଦେବା ସହ ଆବେଦନ କରିବାକୁ ହେବ। ୭ କାର୍ଯ୍ୟ ଦିବସରେ ଅପଡେଟ ସହ ପରିଚୟପତ୍ର ଡାକ ଜରିଆରେ ଲୋକଙ୍କ ଘରେ ପହଞ୍ଚିଯିବ। ଯେଉଁମାନେ କାର୍ଯ୍ୟାଳୟ ଯାଇ ପରିଚୟପତ୍ର ନେବାକୁ ଚାହୁଁଛନ୍ତି ସେଥିଲାଗି ମଧ ବିକଳ୍ପ ରହିବ। ବିକଳ୍ପ ଚୟନ କରିବା ପରେ ମୋବାଇଲରେ ଅପଡେଟ ପରିଚୟ ପତ୍ର ପାଇବା ଲାଗି ଦିନ ଏବଂ ସମୟ ସମ୍ପର୍କରେ ଜଣାପଡ଼ିବ।

ପ୍ରକ୍ରିୟା ସହ ଜଡ଼ିତ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ସିଷ୍ଟମର ଏବେ ପରୀକ୍ଷଣ କରାଯାଉଛି। ଏଥିରେ ପ୍ରାଥମିକ ପର୍ଯ୍ୟାୟରେ କିଛିଟା ଟେକ୍ନୋଲୋଜି ଏବଂ ଆଇନଗତ ସମସ୍ୟା ରହିଥିଲା। ଏହାର ନିରାକରଣ ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଡାଟା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ କରିବା ଚ୍ୟାଲେଞ୍ଜ ଥିଲା। ଏ ଦିଗରେ କେନ୍ଦ୍ର ସରକାର ଏବେ କାମ କରୁଛନ୍ତି।

ଟ୍ରାଏଲ ରନ୍‌ରେ ୯୦% ସଠିକତା ରହିଛି। ୯୮% ସଠିକତା ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହାର କିଛି ମାସ ପରେ ଏହି ପୋର୍ଟାଲକୁ ସାଧାରଣ ଲୋକଙ୍କ ଲାଗି ବ୍ୟବହାର କରାଯିବ। ଏବେ ଯାଏ ଏହି ପୋର୍ଟାଲର କୌଣସି ନାମ ଦିଆଯାଇନାହିଁ। ଚୂଡାନ୍ତ ପରୀକ୍ଷଣ ହେଲା ପରେ ଏହାର ନାମ ଦିଆଯିବ ବୋଲି ସୂଚନା ମିଳିଛି।




## ଭୁବନେଶ୍ୱରରେ ହେବ ୩୪ ମହଲାର ନୂଆ ଆଇଟି ଟାୱାର

ଭୁବନେଶ୍ୱର, ୨୮।୪: ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡ଼ିଶା ନିଜ ସଫଳତାରେ ଆଉ ଏକ ଫର୍ଦ ଯୋଡ଼ିବାକୁ ଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ ଆଇଟି କମ୍ପାନି ଯଥା ଇନ୍‌ଫୋସିସ୍, ଟିସିଏସ୍, ମାଇଣ୍ଡଟ୍ରି, ଟେକ୍ ମହିନ୍ଦ୍ରା, କଗ୍ନିଜାଣ୍ଟ, ଆକ୍ସେଞ୍ଚର ଆଦିକୁ ଆକୃଷ୍ଟ କରିବା ପରେ ଆହୁରି ଅଧିକରୁ ଅଧିକ କମ୍ପାନିଙ୍କୁ ରାଜ୍ୟକୁ ଆଣିବା ଲାଗି ଯୋଜନା ହୋଇଛି। ଆଇଟି କ୍ଷେତ୍ରର ବିକାଶରେ ଇନଫୋଭ୍ୟାଲିର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିବା ବେଳେ ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ ସମାନ ଧରଣର ବିକାଶ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ସତ୍ୟନଗରଠାରେ ଏକ ନୂଆ ଆଇଟି ଟାୱାର ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ୍‌କୁ ନୂଆ ଆଇଟି ଟାୱାର ବିକାଶ କରିବା ଦାୟିତ୍ୱ ଦିଆଯାଇଛି। ଏହା ଟେଣ୍ଡର ପ୍ରକ୍ରିୟା ମଧ ଆରମ୍ଭ କରିଛି। ପ୍ରସ୍ତାବିତ ଆଇଟି ଟାୱାରରେ ଆଇଟି କମ୍ପାନିଗୁଡ଼ିକ ଲାଗି ସମ୍ପୂର୍ଣ୍ଣ କାର୍ଯ୍ୟାଳୟ କ୍ଷେତ୍ର ବିକାଶ କରାଯିବ। ପ୍ରାୟ ୬ ଏକର ଜମିରେ ବିକାଶ ହେବାକୁ ଥିବା ଏହି ଆଇଟି ଟାୱାର ହେବ ଏକ ୩୪ ମହଲା କୋଠା ଯେଉଁଥିରେ ଗାଡ଼ି ପାଇଁ ବ୍ୟାପକ ପାର୍କିଂ ସୁବିଧା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ରହିବ। ପାଖାପାଖି ୮୦୦୦ କର୍ମଚାରୀ କାମ କରିପାରିବା ଭଳି ବ୍ୟବସ୍ଥା ବିକାଶ କରିବାକୁ ଯୋଜନା ହୋଇଛି। ତିନିଟି ବେସ୍‌ମେଣ୍ଟରେ ୨୦୦୦ କାର୍ ପାର୍କିଂ ଲାଗି ବ୍ୟବସ୍ଥା ରହିବ। ଗ୍ରାଉଣ୍ଡ ଓ ପ୍ରଥମ ମହଲାରେ ଅଭ୍ୟର୍ଥନା କକ୍ଷ, ଲବି ଭଳି ସୁବିଧାସୁଯୋଗ ରହିବ।

## ମୌସୁମୀ ଅଧିବେଶନରେ ଆସିବ ସଂଶୋଧିତ ବୀମା ବିଧେୟକ

**ଏଫ୍‌ଡିଆଇ ସୀମାକୁ ୧୦୦%କୁ ବଢ଼ିପାରେ**



ନୂଆଦିଲ୍ଲୀ,୨୮/୦୪: ସଂସଦର ଆଗାମୀ ମୌସୁମୀ ଅଧିବେସନରେ ବୀମା ସଂଶୋଧନ ବିଧେୟକ ଉପସ୍ଥାପିତ ହେବାର ଢ଼େର ସମ୍ଭାବନା ରହିଛି । ଏହି ବିଧେୟକରେ ବୀମା କ୍ଷେତ୍ର ଏଫ୍‌ଡିଆଇ ସୀମାକୁ ୧୦୦%କୁ ବଢ଼ାଇବାକୁ ସରକାର ଯୋଜନା ରଖିଛନ୍ତି । ମିଡିଆ ରିପୋର୍ଟ ମୁତାବକ, ଏହି ବିଧେୟକ ଏବେ ଚୂଡ଼ାନ୍ତ ହୋଇ ସାରିଥିବା ବେଳେ ଶୀଘ୍ର ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିପାରେ । କ୍ୟାବିନେଟ ମଞ୍ଜୁରୀ ପରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ବିଧେୟକକୁ ସଂସଦରେ ଉପସ୍ଥାପନ କରିବାର ପ୍ରକ୍ରିୟା ଆରମ୍ଭ କରିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବର୍ଷ ବଜେଟ ଭାଷଣ ବେଳେ ବିତ୍ତୀୟ କ୍ଷେତ୍ର ସୁଧାର ଅଧିନରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦%କୁ ବଢ଼ାଇବା ନେଇ ପ୍ରସ୍ତାବ ରଖିଥିଲେ ।

## ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ଅବକାରୀ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



**ବାଲେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ରବିବାର ଅପରାହ୍ଣରେ ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ପକ୍ଷରୁ ମାନ୍ୟବର ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ବାଲେଶ୍ୱର ସର୍କିଟ୍ ହାଉସଠାରେ ଏକ ସ୍ମାରକପତ୍ର 'ମନା'ର ସଭାପତି ପ୍ରଭାକର ସାହୁ ଓ ସଦସ୍ୟ ସଙ୍ଗୀତା ମହାନ୍ତି, ସଂଗ୍ରାମ କେଶରୀ ମିଶ୍ର ଓ ପ୍ରତାପ ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ୧୯୫୬ ମସିହାର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା, ବାଲେଶ୍ୱରରେ ନିଶା ବିରୋଚନ କେନ୍ଦ୍ର ସ୍ଥାପନ, ନିଶା ବିରୋଧରେ ବିଦ୍ୟାଳୟ, ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରୀ ସ୍ତରରେ ସାହାଯ୍ୟ / ସହଯୋଗ ପ୍ରଦାନ, ଫକୀରମୋହନ ଗୋଲେଇଠାରୁ ଆଇ.ଟି.ଆଇ ଛକ (ଜଗନ୍ନାଥ ସଡ଼କ) ଭଳି ଐତିହ୍ୟପୂର୍ଣ୍ଣ ସଡ଼କ ନିକଟରେ ସରକାରୀ ମଦ ଦୋକାନ ନ ଖୋଲିବା ଏବଂ ଧଳା ଜହର କାରବାରର ପେଷ ସାଜିଥିବା ଜଳେଶ୍ୱରଠାରେ ଅବକାରୀ ଅଧିକ୍ଷଙ୍କ ଏକ କାର୍ଯ୍ୟାଳୟ ସ୍ଥାପନ କରିବା ପ୍ରଭୃତି ଦାବି ଉପସ୍ଥାପନା କରାଯାଇଛି। ମାନ୍ୟବର ମନ୍ତ୍ରୀ ଏହି ଦାବିଗୁଡ଼ିକ ଉପରେ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲିପ୍ରତିଶ୍ରୁତି ଦେଇଛନ୍ତି।

**ଶୁଖିଯାଇଛି ଲାନ୍ତ ନଦୀ, ନଳକୂପ ଅଚଳ, ୪ଦିନରେ ଥରେ ଆସୁଛି ପାଇପ୍ ପାଣି**

# ଜଳଯନ୍ତ୍ରଣାରେ ଛଟପଟ ସଇଁତଳା ସହର



**ସଇଁତଳା,୨୮।୪(ସଂଚାର ବ୍ୟୁରୋ):** ଟିଟିଲାଗଡ଼ ଉପଖଣ୍ଡ ସଇଁତଳା ସହରର ଜନସାଧାରଣ ପାନୀୟ ଜଳ ଓ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ନିକଟସ୍ଥ ଲାନ୍ତ ନଦୀ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସରୁ ହିଁ ଲାନ୍ତ ନଦୀ ସମ୍ପୂର୍ଣ୍ଣ ଭାବରେ ଶୁଖିଲା ହୋଇଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାନ୍ତ ନଦୀରେ ଥିବା କୂଅ, ସଇଁତଳା ସହରବାସୀଙ୍କ ଶୋଷ ମେଣ୍ଟାଏ। କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ମାସରୁ ହିଁ ଲାନ୍ତ ନଦୀ ସମ୍ପୂର୍ଣ୍ଣ ଶୁଖିଯାଇଛି। ଫଳରେ କୂଅରୁ ଆବଶ୍ୟକ ପାଣି ବାହାରୁନି। ସେପଟେ ସହରରେ ୩-୪ ଦିନ ବ୍ୟବଧାନରେ ଅଧଘଣ୍ଟା ପାଇଁ ପାଇପ୍ ପାଣି ଆସୁଛି। ଫଳରେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସଇଁତଳା ସହରର ୧୦ଟି ୱାର୍ଡ଼ରେ ପ୍ରାୟ ୧୫ ହଜାରରୁ ଅଧିକ ଲୋକ। ସଇଁତଳାରେ ଆବଶ୍ୟକତା ଠାରୁ ଖୁବକମ ନଳକୂପ ରହିଛି। ତାହା ବି ପୁରୁଣା ହୋଇଗଲାଣି। ସେଥିରୁ ଠିକ୍ ଭାବେ ପାଣି ବାହାରୁନି। ସହରବାସୀ ଜଳକଷ୍ଟ ଭୋଗୁଥିବା ବେଳେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଭେଟି ବେଲପଡ଼ା ବ୍ଲକ ଓ୍ୱାଲି ବନ୍ଧରୁ ପାଣି ଛାଡ଼ିବାକୁ ଦାବି କରିଛନ୍ତି ସରପଞ୍ଚ ସୁବ୍ରତ ନାଗ। ଅନ୍ୟପଟେ ଏ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଛନ୍ତି ସଇଁତଳା ବିଡିଓ। ଖରାର ପ୍ରକୋପ ବଢ଼ୁଥିବାରୁ ତୁରନ୍ତ ସଇଁତଳାରେ ପାଣି ସମସ୍ୟାର ସମାଧାନ କରାଗଲେ ଲୋକ ଉପକୃତ ହୋଇପାରନ୍ତେ।

## ଗୋବର୍ଦ୍ଧନ ବିଶ୍ୱାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ



**ନୀଳଗିରି,୨୮।୪(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ, ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ ବିଦାୟୀ ସୂଚନା ଲୋକ ସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟ ସାମନ୍ତ ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ସେ ଦୀର୍ଘ ଦିନ ଧରି ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟଭାର ସମ୍ଭାଳି ଥିଲେ। ତୃତୀୟ ଶ୍ରୀକ୍ଷେତ୍ର ଭାବେ ବେଶ୍ ଜଣଶୁଣା ନୀଳଗିରି ର ରଥ ଯାତ୍ରା, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଏବଂ ବିଭିନ୍ନ ସରକାରୀ ଉତ୍ସବ କୁ ଦକ୍ଷତା ର ସହ ପରିଚାଳନା କରିଥିବା ଦେଖା ଯାଇଛି। ଏବେ ନୀଳଗିରି ଦାୟୀତ୍ୱ ସହିତ ନୂତନ ଭାବେ ଜିଲ୍ଲା ସ୍ତରରେ ଦାୟିତ୍ୱ ଗ୍ରହଣ କରିଥିବାରୁ, ବହୁ ସାମ୍ବାଦିକ ବନ୍ଧୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପହଲଗାଁଓ ଠାରେ ଆତଙ୍କବାଦୀ ନରସଂହାର ବିରୋଧରେ ବିଏମଏସର ଶୋଭାଯାତ୍ରା




**କନ୍ଧମାଳ,୨୮।୪(ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ (ବିଏମ ଏସ) କନ୍ଧମାଳ ଆନୁକୁଲ୍ୟରେ ଫୁଲବାଣୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାମ୍ମୁ- କାଶ୍ମୀରର ପହଲଗାଁ ଠାରେ ପାକିସ୍ଥାନୀ ଆତଙ୍କବାଦୀଙ୍କ ଅତ୍ୟନ୍ତ ବର୍ବରୋଚିତ ହତ୍ୟା ବିରୋଧରେ ଏକ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି।ପାକିସ୍ତାନୀ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କୁ ବର୍ବରୋଚିତ ଭାବେ ନରସଂହାର କରିଥିଲେ। ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ସମ୍ମାନାର୍ଥେ ଭାରତୀୟ ମଜଦୂର ସଂଘ କନ୍ଧମାଳ, ଫୁଲବାଣୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକୁ ଉପସ୍ଥିତ ଜନସାଧାରଣ ନିନ୍ଦା କରିବା ସହ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନି ଦେଇଥିଲେ। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟ କଳାପକୁ ଦୃଢ ହସ୍ତରେ ଦମନ କରିବାକୁ ସରକାର ଙ୍କୁ ଦାବୀ କରିଥିଲେ।ପାକିସ୍ତାନ ଆତଙ୍କବାଦୀଙ୍କ ଏହି ଘୃଣ୍ୟ କାର୍ଯ୍ୟକୁ ସମସ୍ତେ ଦୃଢ ନିନ୍ଦା କରିଥିଲେ। ଭାରତୀୟ ମଜଦୂର ସଂଘ ଜିଲା ସଭାପତି ଅଶୋକ ପରିଡ଼ା, ପ୍ରମୋଦ ସାହୁ, ପ୍ରଶାନ୍ତ ପ୍ରଧାନ, ଭିକି ପ୍ରଧାନ, ସମ୍ପାଦକ କାହ୍ନୁ ଚରଣ ବେହେରା, ପ୍ରିୟ ରଞ୍ଜନ ଚୌଧୁରୀ, ଲଳିତ ମଲ୍ଲିକ, ମଞ୍ଜୁଳା ପାଣିଗ୍ରାହୀଙ୍କ ସହ ବରିଷ୍ଠ ନାଗରିକ ସଂଘର ପ୍ରଣବ ମଣ୍ଡଳ, ନବୀନ କିଶୋର ପଣ୍ଡା, ବଂଶୀଧର ପଣ୍ଡା, ନବ କିଶୋର ରଥ, ପ୍ରଶନ୍ନ ନାୟକ, ପଦ୍ମ ଚରଣ ସ୍ୱାଇଂ, ପ୍ରିୟ ନାଥ ଶର୍ମା, ପଦ୍ମ ଚରଣ ମହାନ୍ତି, ବ୍ରଜ ପଟ୍ଟନାୟକ ଓ ଯୁବକ ସଂଘର ଆକାଶ ପଟ୍ଟନାୟକ, ଗୁଡୁ ପ୍ରଧାନ, ପରେଶ ମହାପାତ୍ର, ଶଙ୍କର ମହାନ୍ତି, ରଶ୍ମି ଚୌଧୁରୀ ପ୍ରମୁଖ ବହୁ ବ୍ୟକ୍ତି ପାକିସ୍ଥାନ ପ୍ରୟୋଜିତ ଇସଲାମିକ ଆତଙ୍କବାଦର ମୁଳୋତ୍ପାଟନ ପାଇଁ ପ୍ରତିବାଦ ଜଣାଇଥିଲେ।

## କୁଇ ସମାଜ ସେବା ସମିତି ରାଶି ଶାଙ୍ଗ୍ରି ବେଟି ମେଣ୍ଡି ଶାଖାର ବାର୍ଷିକ ସାଧାରଣ ଉତ୍ସବ



**କନ୍ଧମାଳ,୨୮।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୁଇ ସମାଜ ସେବା ସମିତି ଫୁଲବାଣୀ ଅଧିନରେ କାର୍ଯ୍ୟ କରୁଥିବା କୁଇ ସମାଜ ସେବା ସମିତି ରାଶି ଶାଙ୍ଗ୍ରି ବେଟି ମେଣ୍ଡି ଶାଖାର ୨୬ ଓ ୨୭ ଦୁଇଦିନ ଧରି ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗୁମାଗଡ଼ ପଞ୍ଚାୟତ ବାଡିଆମ୍ବା ଠାରେ ବାର୍ଷିକ ସାଧାରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମାଚରଣ ମଲିକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ରୂପେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲିକ, କୁଇ ସମାଜ ସେବା ସମିତି କେନ୍ଦ୍ର ମୁଖ୍ୟସଭ୍ୟ ଗୌତମ ପ୍ରଧାନ, କୁଇ ସମାଜ କେନ୍ଦ୍ର କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, କୁଇ ସମାଜ ଯୁବ ପରିଷଦ କନ୍ଧମାଳ ସାଧାରଣ ସମ୍ପାଦକ ଅଚ୍ୟୁତ ଯାନୀ, କୁଇ ଭାଷା ସାହିତ୍ୟ ସୁରକ୍ଷା ସମିତି କନ୍ଧମାଳ ସଭାପତି ଦୀନବନ୍ଧୁ କହଁର, କୁଇ ସମାଜ ସେବା ସମିତି ପୂର୍ବତନ ସଭାପତି ଗୋବିନ୍ଦ ଘଟାଲ, ସମ୍ପାଦକ ଶ୍ରୀନିବାସ ମଲିକ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମଟି ଶାଖାର ସ୍ଥାୟୀ ସଭା ପତି ଚନ୍ଦ୍ରମଣି କହଁର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଭା ପରିଚାଳନା ବିଶ୍ୱମ୍ବର ପ୍ରଧାନ କରିଥିଲେ। କୁଇ ସମାଜ ଓ ଜିଲ୍ଲାରେ କିପରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବାଣିଜ୍ୟରେ ଉନ୍ନତି କରିବ ସେ ବିଷୟରେ ଉପସ୍ଥିତ ଅତିଥିମାନେ ଦିଗଦର୍ଶନ ପ୍ରଦାନ କରି ଥିଲେ। ଏଥିରେ କୁଇ ସମାଜ ସେବା ସମିତି ରାଶି ଶାଙ୍ଗ୍ରି ବେଟି ମେଣ୍ଡି ଶାଖାର ସଭା ପତି ସମେତ ଉପସଭାନେତ୍ରୀ ମଦନାବତୀ କହଁର, ମୁଖ୍ୟ ସଭ୍ୟ ଜଳନ୍ଧର କହଁର, ସମ୍ପାଦକ ସଞ୍ଜୟ ମଲିକ, ସହସମ୍ପାଦକ ଶ୍ରୀକାନ୍ତ କହଁର, କୋଷାଧ୍ୟକ୍ଷ ବାବୁଲା କହଁର, ଯୁବ ସଂଗଠକ ପୀତବାସ କହଁର, ଯୁବ କୋଷାଧ୍ୟକ୍ଷ ତଥା ବିଜେପି ଗ୍ରାମ୍ୟ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ଉପଦେଷ୍ଟା ବେଲାଲସେନ କହଁର, ଲଙ୍କେଶ୍ୱର କହଁର, ପ୍ରମିଳା ପ୍ରଧାନ, ମନ୍ଧାରୀ କହଁର, କୃଷ୍ଣଚନ୍ଦ୍ର କହଁର, ରାଶି ଶାଙ୍ଗ୍ରି ବେଟି ମେଣ୍ଡି ଅଞ୍ଚଳର ପଞ୍ଚାୟତ ସରପଞ୍ଚ ସମିତି ଏବଂ ଶତାଧିକ କୁଇ ସମାଜ ବାପା ମାଁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ।

# ଗରିବ ହିତାଧିକାରୀ ପିଡ଼ିଏସ ଚାଉଳ ବାଟ ମାରଣା

- ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଚାଉଳ ଗାଡି କୁ ଧରିଲେ ଲୋକେ, ଡ୍ରାଇଭର ଫେରାର
- ଗାଡ଼ିରୁ ୨୧କୁଇଣ୍ଟାଲ ରୁ ଉର୍ଦ୍ଧ ପିଡ଼ିଏସ ଚାଉଳ ଜବତ କଲା ଯୋଗାଣ ବିଭାଗ




**କାକଟପୁର/ଅସ୍ତରଙ୍ଗ,୨୮।୪(ସଂଚାର ବ୍ୟୁରୋ):** ଗରିବ ସୀମାରେଖା ତଳେ ରହୁଥିବା ହିତାଧିକାରୀ ଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ପିଡ଼ିଏସ ଚାଉଳ ଯୋଗାଣ କରୁଥିବା ବେଳେ ଗରିବ ଙ୍କ ପେଟକୁ ମାରି ଚାଉଳ ବାଟ ମାରଣା ହୋଇ ବେପାରୀ ଙ୍କୁ ବିକ୍ରି ହୋଇଥିଲା। ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଚାଉଳ ବୋଝେଇ ମିନିଟ୍ରକ ସହ ଚାଉଳ ଜବତ କଲା ଯୋଗାଣ ବିଭାଗ। ଖବର ମୁତାବକ ସୋମବାର ମଧ୍ୟାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଯାଉଥିବା ଏକ ୪୦୭ନାମକ ମିନିଟ୍ରକ (ଓ ଆର ୦୨ଜେଡ ୬୧୫୨) ରେ ଜରି ଅଖାରେ ଚାଉଳ ଯାଉଥିଲା। ସ୍ଥାନୀୟ ଅଞ୍ଚଳ ଲୋକ ଉକ୍ତ ଗାଡିକୁ ଅଟକାଇ ଥିବା ବେଳେ ହଠାତ ଘଟଣା ସ୍ଥଳରୁ ଗାଡି ଚାଳକ ଫେରାର ହୋଇ ଯାଇଥିଲେ। ଖବର ପାଇଁ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ପହଂଚି ଉକ୍ତ ଗାଡ଼ିରେ ଚାଉଳ କୁ ଯାଞ୍ଚ କରି ଜାଣିଥିଲେ ଚାଉଳ ପ୍ୟାକେଟ ଗୁଡିକ ବଦଳାହୋଇ ଜରି ପ୍ୟାକେଟ ରେ କେଉଁ ସ୍ଥାନକୁ ଚାଲାଣ ହେଉଥିଲା। ଉକ୍ତ ପିଡ଼ିଏସ ଚାଉଳ କେଉଁ ସ୍ଥାନରୁ ଆସିଲା କେଉଁ ସ୍ଥାନକୁ ଯାଉଥିଲା ତାହା ସ୍ପଷ୍ଟ ପ୍ରମାଣ ନ ମିଳିଥିବା ବେଳେ ଯୋଗାଣ ବିଭାଗ ତରଫରୁ ସୂଚନା ମିଳିନାହିଁ। ଯୋଗାଣ ନିରୀକ୍ଷକ ଙ୍କ ଅଭିଯୋଗ କ୍ରମେ ଘଟଣା ସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଂଚି ପିଡ଼ିଏସ ଚାଉଳ ବୋଝେଇ ଗାଡିକୁ ଅସ୍ତରଙ୍ଗ ଥାନାମଧ୍ୟକୁ ଆଣିଥିଲେ। ଏହା ସହ ଉକ୍ତ ପିଡ଼ିଏସ ଚାଉଳ କୁ କରଞ୍ଜପୁର ଡିଲର ଙ୍କୁ ହସ୍ତାନ୍ତର କରାଯାଇଥିଲା। ମିନିଟ୍ରକ ରେ ୪୪ଟି ପ୍ୟାକେଟ ରେ ୨୧କୁଇଣ୍ଟାଲ ୭୪କିଗ୍ରା ୯ଶହ ଗ୍ରାମ ଚାଉଳ ଜବତ କରିବା ସହ ମିନିଟ୍ରକ ଟି ଅସ୍ତରଙ୍ଗ ଥାନାରେ ଅଟକ ରହିଛି। କିନ୍ତୁ ଯାହା ଯୋଗାଣ ବିଭାଗ ତରଫରୁ ସୂଚନା ମିଳିଛି ପିଡ଼ିଏସ ସାମଗ୍ରୀ କେଉଁ ସ୍ଥାନକୁ କେଉଁ ସ୍ଥାନକୁ ଯାଉଥିଲା ତାହା ସ୍ପଷ୍ଟ ପ୍ରମାଣ ମିଳିନାହିଁ। ଯାହା ସାଧାରଣ ରେ ଚର୍ଚ୍ଚା ଯେଉଁ ହିତାଧିକାରୀଙ୍କର ଜମି ଅଛି ସେମାନେ ପିଡ଼ିଏସ ସାମଗ୍ରୀ କୁ ବ୍ୟବସାୟୀ ଙ୍କୁ ବିକ୍ରି କରିଦେଉଛନ୍ତି।

## ଦେଶର ଆଇନ ସୁରକ୍ଷାରେ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଟିଟିଲାଗଡ଼,୨୮।୪(ସଂଚାର ବ୍ୟୁରୋ):** ସୋମବାର ଟିଟିଲାଗଡ ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦେଶର ଆଇନ ସୁରକ୍ଷାରେ ଓକିଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ବାର୍ କାଉନସିଲ ସଦସ୍ୟ ଦେବଦତ୍ତ ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓକିଲଙ୍କ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ। ବିଶିଷ୍ଟ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ରବି କିରଣ ସ୍ୱାଇଁ, ବିଶିଷ୍ଟ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୋହନଲାଲ ଜୈନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆଇନଜୀବୀ ସ୍ୱର୍ଗତ ହରେକୃଷ୍ଣ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ବରିଷ୍ଠ ଆଇନଜୀବୀ ସୁମନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ।

## ସମବାୟ ସୁରକ୍ଷା ସଂଘ ପକ୍ଷରୁ ମଧୁଜୟନ୍ତୀ ପାଳିତ



**କଟକ,୨୮।୪(ସଂଚାର ବ୍ୟୁରୋ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଓଡ଼ିଶା ସମବାୟ ସୁରକ୍ଷା ସଂଘ ତଥା ପାକ୍ଷିକ ସମ୍ବାଦପତ୍ର ପତ୍ର ସମବାୟିକା ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ କଟକ ସହର ତିନିକୋଣିଆ ବିଗିଚାସ୍ଥିତ, ମାତୃ ମଙ୍ଗଳ କେନ୍ଦ୍ର ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସକାଳ ଘ୮ଟିକା ସମୟରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଫୁଲ୍ଲ କୁମାର ସିଂହ, ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ସମବାୟପ୍ରେମୀ ବରିଷ୍ଠ ସାମ୍ବାଦିକ ଦେବୀ ଖୁନ୍ଟିଆ, ସମବାୟବିତ୍ ପ୍ରକାଶ କୁମାର ମହାପାତ୍ର, ଅନିଲ ଦାସଙ୍କ ସହ ସ୍ଥାନୀୟ ମୁରବି, ବରିଷ୍ଠ ନାଗରିକ, ଅନ୍ତ୍ୟବାସୀ ଓ ବହୁ କୋମଳମତି ବଙ୍କଳ, ବାଳିକା ଉପସ୍ଥିତ ରହି ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଓଡିଆ ଜାତି ପାଇଁ ବିଭିନ୍ନ କ୍ଷେତ୍ରରେ ଛାଡି ଯାଇଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ମ୍ରିାନ୍ନ ବନ୍ଟନ କରାଯାଇଥିଲା।

## ଜାତୀୟସ୍ତରରେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗଣେଶ ବନ୍ଦନା

- ଶ୍ରୀଖଣ୍ଡି ନୃତ୍ୟ କରି ଚର୍ଚ୍ଚାରେ ଓଡ଼ିଶୀ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର




**ଭୁବନେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଓଡ଼ିଶୀ ଭାରତରେ ପ୍ରଚଳିତ ଓ ଓଡ଼ିଶାରୁ ଆରମ୍ଭ ହୋଇଥିବା ଏକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରା। ଏଥିରେ ଅନ୍ତର୍ଭୁକ୍ତ ଓଡ଼ିଶୀ ନୃତ୍ୟକୁ ଭାରତ ସରକାର ଶାସ୍ତ୍ରୀୟ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତକୁ ଓଡ଼ିଶା ସରକାର ଶାସ୍ତ୍ରୀୟ ସଙ୍ଗୀତ ତାଲିକାଭୁକ୍ତ କରିଛନ୍ତି। ଓଡ଼ିଶୀ ନୃତ୍ୟ କୁ ନେଇ ଜାତୀୟ ସ୍ତର ରେ ପୁଣି ଥରେ ଚର୍ଚ୍ଚିତ ହୋଇଛନ୍ତି ଓଡ଼ିଶୀ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର। ଅଲ ଇଣ୍ଡିଆ ଡ୍ୟାନ୍ସର ଆସୋସିଏସନ୍ ଓ ଅଭିଭବ ଆର୍ଟ ଏକାଡେମୀ, ମୁମ୍ବାଇ ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଅନ୍ତରଙ୍ଗା ଉତ୍ସବ ରେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗଣେଶ ବନ୍ଦନା ଓ ଶ୍ରିଖଣ୍ଡି ନୃତ୍ୟ କରି ବେଶ୍ ପ୍ରସଂସା ର ପତ୍ର ପାଲଟିଛନ୍ତି ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର। ମୁମ୍ବାଇ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁ ପୁଷ୍ପିତା ମିଶ୍ର ପ୍ରଥମେ ଗଣେଶ ବନ୍ଦନା କୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ ଏବଂ ପରେ ପରେ ଦ୍ୱିତୀୟ ପର୍ଯ୍ୟାୟ ରେ ଶ୍ରିଖଣ୍ଡି କୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଯାହାକି ସେଠାରେ ଉପସ୍ଥିତ ଥିବା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ନୃତ୍ୟ ର ଶେଷ ପର୍ଯ୍ୟାୟ ରେ ଦର୍ଶକ ମାନଙ୍କ କର ତାଳି ରେ କାର୍ଯ୍ୟକ୍ରମ ଟି ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମ ର ପରିଶେଶ ରେ ପ୍ରତିଷ୍ଠିତ କଳାକାର ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟଶିଳ୍ପୀ ଡ଼ଃ ରଥେଶ ବାବୁ ଙ୍କ ଦ୍ୱାରା ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର ଙ୍କୁ ସମ୍ମାନୀତ କରାଯାଇଥିଲା।

## ପୂର୍ବତନ ୱାର୍ଡ ମେମ୍ବରଙ୍କ ପରଲୋକ

**ବାଲିଆପାଳ,୨୮।୪(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡ଼ାପାଳ ଗ୍ରାମରେ ପୂର୍ବତନ ୱାର୍ଡ଼ ମେମ୍ବର ଅଜୟ କୁମାର ଜେନାଙ୍କ ୮୩ ବର୍ଷ ବୟସରେ ସୋମବାର ସକାଳ ୭ଟା ସମୟରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଜେନା ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ସେ ଖଗଡ଼ାପାଳ ଗ୍ରାମରେ ୧୯ ନଂ ୱାର୍ଡ଼ ରେ ୪ ଥର ୱାର୍ଡ଼ ମେମ୍ବର ହୋଇ ଲୋକମାନଙ୍କ ସମସ୍ୟା କଥା ବୁଝି ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ।ଏହି ଖବର ପରେ ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ସମିତି ସଦସ୍ୟ ସୁଶାନ୍ତ ସେଠୀ, ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ, ଗୌରାଙ୍ଗ ବିଶ୍ୱାଳ, ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ



**ବେତନଟୀ,୨୮।୪(ସଂଚାର ବ୍ୟୁରୋ):** ବେତନଟୀର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚଣ୍ଡଛକଠାରେ ମଧୁବାବୁଙ୍କୁ ପ୍ରତିମୂର୍ତ୍ତି ତଳେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତତସହିତ ବରିଷ୍ଠ ନାଗରିକ ସଂଘ ଦ୍ୱାରା କଳା ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିବା ତିନି ଦିନିଆ ଯୋଗ ଶିବିର ଉଦଯାପିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଆଇନଜୀବୀ ହିମାଂଶୁ କୁମାର ପରିଡାଙ୍କ ସଭାପତିତ୍ୱରେ ଏହି ମଧୁବାବୁ ଜୟନ୍ତୀ ପାଳିତ ହୋଇଥିଲା। ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସମସ୍ତେ ତାଙ୍କ ଜୀବନୀଉପରେ ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ। ଏହାପରେ ସମସ୍ତ ସଦସ୍ୟମାନେ ବେତନଟୀ ଡାକ୍ତରଖାନା ଯାଇ ସେଠାରେ ଗରିବ ଅସହାୟ ରୋଗୀମାନଙ୍କୁ ଫଳ ମୂଳ ପାଉଁରୁଟି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବରିଷ୍ଠ ନାଗରିକସଂଘର ସଦସ୍ୟମାନେ ସଫଳ ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷ ଦ୍ୱିତୀୟ ଦିବସରେ ମଧୁବାବୁଙ୍କ ଜୟନ୍ତୀ ପାଳନ



**ବାଲେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ଦ୍ୱିତୀୟ ଦିବସରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ 'ଅକ୍ଷାଂଶ' ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ବରିଷ୍ଠ ଅଧିବକ୍ତା ପୁରୁଷୋତ୍ତମ ବିଶ୍ୱାଳ ଓ ଶରତ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ମଧୁବାବୁଙ୍କ ଓଡ଼ିଆ ପ୍ରୀତି ଓ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କର କାଳଜୟୀ କବିତା, ସମବାୟ ଆନ୍ଦୋଳନରେ ଭୂମିକା ଓ ଜଣେ ଅଧିବକ୍ତା ଭାବରେ ତାଙ୍କର ଶ୍ରେଷ୍ଠତ୍ୱ ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ସୂଚନା ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ କୋଷାଧ୍ୟକ୍ଷ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୩ ଗୁରୁତର

**ଧରାକୋଟ,୨୮।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଧରାକୋଟ ଥାନା ଜଗମୋହନ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଗମୋହନ ଗୋଲାସାହିର ଶିବ ପାତ୍ର, ସୁବାସ ପାତ୍ର ଓ ରମେଶ ପାତ୍ର। ଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡକୁ କାତିରେ ଆକ୍ରମଣ ହୋଇଛି। ସେହିପରି ରମେଶ ଧରାକୋଟ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୁବାସ ଆସିକା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ କମେଣ୍ଟ ମରାକୁ କେନ୍ଦ୍ରକରି ଶିବଙ୍କ ପରିବାର ସହ ରମେଶଙ୍କ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏପରିକି ୨ ପରିବାର ଧରାକୋଟ ଥାନା ଦ୍ୱାରସ୍ଥ ହୋଇଥିଲେ। ଏଭଳି ଅନେକ ଥର ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରବିବାର ଗଣ୍ଡଗୋଳ ପରେ ରମେଶ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସୋମବାର ପୁଣି ଥରେ ପୂର୍ବ କଥାକୁ ନେଇ ୨ ପରିବାର ଭିତରେ ଗଣ୍ଡଗୋଳ ହୋଇଥିଲା।

## ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ



**ଜଗତସିଂହପୁର,୨୮।୪(ସଂଚାର ବ୍ୟୁର):** ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ପକ୍ଷରୁ ଆଜି ଜିଲ୍ଲା କୋର୍ଟ ପରିସରରେ ମଧୁ ଜୟନ୍ତୀ ଓ ଆଇନଜୀବି ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ଆଇନଜୀବି ସୁବାଷ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜଗତସିଂହପୁରର ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହରପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଧୁସୂଦନ ଦାସଙ୍କ ଜୀବନୀ, ତାଙ୍କ ଓକିଲାତି ପେଶା ଓ ସମାଜସେବା ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ଓକିଲାତି ପେଶାର ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ ମଧ୍ୟ ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଆଇନଜୀବି ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବି ଦୀନେଶ ଚନ୍ଦ୍ର ରାୟ ମଧୁବାବୁଙ୍କ ଜୀବନଶୈଳୀ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ମାନ୍ୟବର ବରିଷ୍ଠ ଆଇନଜୀବି ରବୀନ୍ଦ୍ରନାଥ ମହାନ୍ତି ଓ ଗୋରାଚାନ୍ଦ୍ କାନୁନଗୋ ଯୋଗଦେଇ ମଧୁବାବୁଙ୍କ ଜୀବନ ଓ ଆଦର୍ଶ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଦୋଳଗୋବିନ୍ଦ ଦାଶ ଓ ପିତାମ୍ବର ପଣ୍ଡା ଅଭିଭାଷଣ ରଖିଥିଲେ। ପ୍ରାରମ୍ଭରେ ଅତିଥି ମାନେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସଭା ଆରମ୍ଭରେ ଜାମ୍ମୁ କାଶ୍ମୀରର ପେହଲଗାମ୍ ଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବି କୃଷ୍ଣଚନ୍ଦ୍ର ଭୂୟାଁ ଓ ଭଜହରି କରଙ୍କୁ ମଧୁସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ମଧ୍ୟ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅତିଥିମାନେ ଓକିଲ ସଂଘ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜିବୀ ମହେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂପାଦକ ଆଇନଜିବୀ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ଓ ଆଇନଜିବୀ ନରେଶ ଦାସ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ






# ଫୁସ୍‌ଫୁସ୍ ପାଇଁ ହିତକର ଖରାଦିନିଆ ଖାଦ୍ୟ

ପ୍ରଭୂତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲେଭିନଏଡ୍‌ସ ରହିଛି ଯାହାର ପ୍ରଦାହ ବିରୋଧୀ ଗୁଣ ଫୁସ୍‌ଫୁସ୍‌ରେ ପ୍ରଦାହକୁ ହ୍ରାସ କରି ଶ୍ୱାସକ୍ରିୟାରେ ଉନ୍ନତି ଆଣିପାରିବ। ଟମାଟୋ ବା ବିଲାତି କମାଇ ଫୁସ୍‌ଫୁସ୍ କ୍ରିୟାକୁ ଉନ୍ନତ କରିଥାଏ। ଭିଟାମିନ୍ ଇ ଭରି ରହିଥିବା ଆଭୋକାଡ୍ରୋ ମଧ ଏକ ଉନ୍ନତ ମାନର ପ୍ରତିଉପଚାୟକ। ଆଲମଣ୍ଡ ହେଉଛି ମ୍ୟାଗ୍ନେସିଅମ୍ ଖଣିଜର ଏକ ଉତ୍ତମ ଉତ୍ସ, ଯାହା

ଏଭଳି ଅନେକ ଖରାଦିନିଆ ଖାଦ୍ୟ ରହିଛି ଯାହା ଅତ୍ୟାବଶ୍ୟକ ପୋଷକତତ୍ତ୍ୱ ଓ 'ଆଣ୍ଟିଅକ୍ସିଡାଣ୍ଟ' ଯୋଗାଇ ଶରୀରରେ ପ୍ରଦାହକୁ ହ୍ରାସ କରିବା ସହ ରୋଗପ୍ରତିରୋଧକ ଗୁଣକୁ ପ୍ରୋତ୍ସାହିତ କରିଥାଏ ଏବଂ ଜାରକଜନିତ (ଅକ୍ସିଡେଟିଭ୍) ଚାପରୁ ସୁରକ୍ଷା ଦେଇଥାଏ। ଆଜି ସେଭଳି କିଛି ଗ୍ରୀଷ୍ମକାଳୀନ ଖାଦ୍ୟ ବାବଦରେ ଆଲୋଚନା କରିବା, ଯାହା ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ। ସେଥି ମଧରେ ପ୍ରଥମେ ଆସିବ



ତରଭୁଜ, ଯହିଁରେ ଭିଟାମିନ୍ ସି ପରି ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି। ଏହା 'ଫ୍ରି ରାଡିକାଲ୍‌ସ' ନାମକ କ୍ଷତିକାରକ ଅଣୁ ଦ୍ୱାରା ନଷ୍ଟ ହୋଇଯାଉଥିବା ଫୁସ୍‌ଫୁସ୍‌ର ତନ୍ତୁଗୁଡ଼ିକୁ ରକ୍ଷା କରିଥାଏ। ଏଥିରେ ଥିବା ପ୍ରଚୁର ଜଳୀୟ ଅଂଶ ଭୀଷଣ ଗରମରେ ଶରୀରକୁ ଜଳାକ୍ତ ରଖି ଫୁସ୍‌ଫୁସ୍ କ୍ରିୟାକୁ ଉନ୍ନତ କରିଥାଏ। ଷ୍ଟ୍ରବେରି, ବ୍ଲୁବେରି ଓ ରାସବେରି ଆଦିରେ

ବାଇଗଣ ହେଉଛି 'ଲିକୋପିନ୍' ନାମକ ଆଣ୍ଟିଅକ୍ସିଡାଣ୍ଟର ଗନ୍ତାଘର। ଏହା ଆଜ୍‌ମା ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିପାରିବ। ସେହିପରି ପାଳଙ୍ଗ ଶାଗରେ ଭିଟାମିନ୍ ସି, ଭିଟାମିନ୍ ଇ ସମେତ ପ୍ରଚୁର ପରିମାଣର ବିଟା-କ୍ୟାରୋଟିନ୍ ରହିଛି, ଯାହା ପ୍ରଦାହ ହ୍ରାସ କରି ଫୁସ୍‌ଫୁସ୍‌ର ତନ୍ତୁଗୁଡ଼ିକୁ ଦୃଢ଼ କରିଥାଏ।

ବ୍ରୋକୋଲିରେ ଥିବା 'ସଲ୍‌ଫରାଫେନ୍'ର ଶକ୍ତ ପ୍ରଦାହବିରୋଧୀ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଫୁସ୍‌ଫୁସ୍‌ରୁ କ୍ଷତିକାରକ ପଦାର୍ଥଗୁଡ଼ିକୁ ନିଷ୍କାସିତ କରି ଫୁସ୍‌ଫୁସ୍ କର୍କଟ ଓ ଅନ୍ୟାନ୍ୟ ଫୁସ୍‌ଫୁସ୍ ରୋଗ ଆଶଙ୍କା କମ୍ କରିଥାଏ। ଭିଟାମିନ୍ ସି ଖୁନ୍ଦି ହୋଇ ରହିଥିବା କମଳା ଆମର ରୋଗପ୍ରତିରୋଧକ ପ୍ରଣାଳୀକୁ ସୁଗମ କରି ବିଭିନ୍ନ ପ୍ରକାର ଫୁସ୍‌ଫୁସ୍ ସଂକ୍ରମଣରୁ ରକ୍ଷା କରିଥାଏ। ସାଲମନ୍ ମାଛରେ ଓମେଗା-୩ ଚର୍ବିଳାମ୍ଳ ଭରପୂର ରହିଛି, ଯାହା ପ୍ରଦାହ

**ଖରାଦିନେ ଆମେ ଅଧିକ ଜଳୀୟ ଅଂଶଥିବା ଫଳମୂଳ ଖାଇବାକୁ ପସନ୍ଦ କରୁ। ଏଗୁଡ଼ିକ ସ୍ୱାଦିଷ୍ଟ ହେବା ସହ ଆମର ଫୁସ୍‌ଫୁସ୍ ଲାଗି ମଧ ଉପକାରୀ ହୋଇଥାଆନ୍ତି।**

ଶ୍ୱାସନଳୀର ମାଂଶପେଶୀକୁ ନମନୀୟ ରଖି ଶ୍ୱାସକ୍ରିୟାକୁ ସୁଗମ କରିଥାଏ।

ସବୁଜ ଚା'ରେ ଥିବା ପଲିଫିନଲ୍‌ସ୍ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟର ପ୍ରଦାହବିରୋଧୀ ଓ କର୍କଟବିରୋଧୀ ଗୁଣ ରହିଛି। ତେଣୁ ସବୁଜ ଚା' ପିଇଲେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ମିଳିପାରିବ।



# ସ୍ୱାସ୍ଥ୍ୟପ୍ରଦ ଷ୍ଟ୍ରିଟ୍ ଫୁଡ୍!

ଭାରତୀୟ ଖାଦ୍ୟ ସମଗ୍ର ବିଶ୍ୱରେ ବେଶ୍ ଲୋକପ୍ରିୟ। ତେବେ ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ବା ରାସ୍ତାକଡ଼ ଖାଦ୍ୟର ଏକ ସ୍ୱତନ୍ତ୍ର ଚାହିଦା ରହିଛି। ଗୁପଚୁପ୍ ଠାରୁ ଆରମ୍ଭ କରି କଚୋଡ଼ି, ସିଙ୍ଗଡ଼ା ଓ ଢୋକଲା ଯାଏ ରାସ୍ତାକଡ଼ରେ ଏପରି ବହୁବିଧ ବ୍ୟଞ୍ଜନ ଉପଲବ୍ଧ। ତେବେ ଆମେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେବା ସହିତ ଏହିସବୁ ରାସ୍ତାକଡ଼ ଖାଦ୍ୟ ପ୍ରତି ଆଗ୍ରହ କମି କମି ଯାଉଛି। ଏଗୁଡ଼ିକ ତୈଳାକ୍ତ, ମସଲାରେ ପରିପୂର୍ଣ୍ଣ ଓ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ। ତେବେ ସେଥି ମଧରେ ଏଭଳି କିଛି ଖାଦ୍ୟ ରହିଛି ଯାହା ସୁଆଦିଆ ହେବା ସହ ସ୍ୱାସ୍ଥ୍ୟପ୍ରଦ ମଧ। ସେଥି ମଧରେ କନ୍ଦମୂଳ ଚାଟ୍ ଅନ୍ୟତମ। ଭାରତରେ ଚାଟ୍ ହେଉଛି ସବୁଠୁ ଲୋକପ୍ରିୟ ରାସ୍ତାକଡ଼ ଖାଦ୍ୟ, ଯାହା ମୁଖ୍ୟ ଉପାଦାନ ଅନୁଯାୟୀ ଭିନ୍ନ ଭିନ୍ନ ରୂପରେ ମିଳିଥାଏ। ଆଳୁ ଚାଟ୍ ଯଦିଓ ସୁଆଦିଆ, ତେବେ ସେଥିରେ ସିଝା ଆଳୁକୁ ତେଲରେ ଭଜାଯାଇଥିବାରୁ ତାହା ସ୍ୱାସ୍ଥ୍ୟକର ନୁହେଁ। ସେ ଦୃଷ୍ଟିରୁ କନ୍ଦମୂଳ ଚାଟ୍ ଅଧିକ ପସନ୍ଦଯୋଗ୍ୟ। କାରଣ ଏଥିରେ ସିଝା କନ୍ଦମୂଳକୁ ସିଧାସଳଖ ମସଲା ଓ ଅନ୍ୟାନ୍ୟ ଉପାଦାନ ସାଙ୍ଗରେ ମିଶାଯାଇଥାଏ। ସେହିପରି ଭେଲପୁରି ହେଉଛି ରାସ୍ତାକଡ଼ ଖାଦ୍ୟର ଅନ୍ୟତମ ସ୍ୱାସ୍ଥ୍ୟପ୍ରଦ ବିକଳ୍ପ। ଏହା କମ୍ କ୍ୟାଲୋରିଯୁକ୍ତ ହୋଇଥିବାରୁ ଏହାକୁ ପ୍ରମୁଖ ଜଳଖିଆ ଭାବେ ଗ୍ରହଣ କରିହେବ। ସେହିପରି କବାବ ଓ ଟିକ୍କା ହେଉଛି ଶ୍ରେଷ୍ଠ ସ୍ୱାଦିଷ୍ଟ ରାସ୍ତାକଡ଼ ଖାଦ୍ୟ।



ବିଭିନ୍ନ ପନିପରିବା ସମେତ ପନିର, ଛତୁ ଠାରୁ ଆରମ୍ଭ କରି ଚିକେନ୍, ମାଛ ଓ ମଟନ୍ ଯାଏ ବିଭିନ୍ନ ପ୍ରକାରର କବାବ ଉଭୟ ଆମିଷାଶୀ ଓ ନିରାମିଷାଶୀ ଗ୍ରାହକଙ୍କ ରୁଚିକୁ ସମ୍ମାନ ଦେଇଥାଏ। ସେହିପରି ସିଝା ଓ ପୋଡ଼ା ମକା ହେଉଛି ଅନ୍ୟ ଏକ ଲୋଭନୀୟ ରାସ୍ତାକଡ଼ ଖାଦ୍ୟ। ଏଥିରେ କୌଣସି ପ୍ରକାର ତେଲ କି ମସଲା ବ୍ୟବହାର ହୋଇନଥାଏ। ଉଚ୍ଚମାନର ତନ୍ତୁଜ ଦ୍ରବ୍ୟ ଥିବା ମକା ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟପ୍ରଦ।

# ରାତି ଅନିଦ୍ରା ବଢ଼ାଏ ମଧୁମେହ ଓ ହୃଦ୍‌ରୋଗ ଆଶଙ୍କା

ଆମେରିକାର ୱାସିଂଟନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଏକ ସଦ୍ୟ ଅନୁଧାନ ଅନୁଯାୟୀ, ରାତ୍ରିକାଳୀନ କର୍ମଜୀବୀମାନଙ୍କ ଶରୀରର ରକ୍ତ ଶର୍କରା ନିୟନ୍ତ୍ରଣ ସହ ଜଡ଼ିତ ପ୍ରୋଟିନ୍ ଶୃଙ୍ଖଳାରେ ବ୍ୟାପକ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥାଏ। ଏହା ପୋଷକ ତତ୍ତ୍ୱରୁ ଶକ୍ତି ଆହରଣ ପ୍ରକ୍ରିୟା (ମେଟାବୋଲିଜିମ୍)ରେ ବାଧା ଉପୁଜାଇଥାଏ। ଫଳରେ ରାତ୍ରିକାଳୀନ କାର୍ଯ୍ୟସ୍ଥଳରେ ଜଣେ କେବଳ ତିନି ରାତି କଟେଇଲେ ବି ତାହା ମଧୁମେହ, ମେଦବହୁଳତା ଓ ମେଟାବୋଲିକ୍ ବିଶୃଙ୍ଖଳା ପରି ଅନ୍ୟାନ୍ୟ ରୋଗର ଆଶଙ୍କା ବଢ଼ାଇବା ପାଇଁ ଯଥେଷ୍ଟ। ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା 'ଜର୍ଣ୍ଣାଲ ଅଫ୍ ପ୍ରୋଟିଓମ୍ ରିସର୍ଚ୍ଚ'ରେ ପ୍ରକାଶିତ ସନ୍ଦର୍ଭରେ ଗବେଷକମାନେ ଆମ ମସ୍ତିଷ୍କର ଏକ ପ୍ରମୁଖ ଜୈବିକ ଘଣ୍ଟା ବାବଦରେ ବର୍ଣ୍ଣନା କରିଛନ୍ତି। ସେମାନଙ୍କ ନିର୍ଯାସ ଅନୁଯାୟୀ, ଯେତେବେଳେ ଏହି ଘଣ୍ଟାର କ୍ରିୟାଶୀଳତା ଅନିୟମିତ ହୋଇଯାଏ, ତାହା ଶରୀରରେ ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ସଂକଟ ଆଣିଥାଏ। କେବଳ ତିନି ରାତି ଧରି ଜଣେ ଅନିଦ୍ରା ହୋଇ କାମ କଲେ ବି ତାହା ଏହି ମସ୍ତିଷ୍କ ଘଣ୍ଟାର ଲୟକୁ ବ୍ୟାହତ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏହା ସୂଚିତ କରୁଛି କି, ଆଗୁଆ ଏଥିରେ ହସ୍ତକ୍ଷେପ କରି ଏଥିଯୋଗୁଁ ସୃଷ୍ଟ ମଧୁମେହ ଓ ମେଦବହୁଳତା ପରି ଆଶଙ୍କାକୁ ରୋକିବା ସମ୍ଭବ। ସେମାନେ ଆହୁରି ଜାଣିପାରିଛନ୍ତି ଯେ ଏଭଳି ରାତ୍ରିକାଳୀନ କର୍ମଜୀବୀମାନଙ୍କ ଠାରେ ଇନ୍‌ସୁଲିନ୍ ହରମୋନ୍‌ର ଉତ୍ପତ୍ତି ଓ କ୍ଷରଣ ସମେତ ତାହାର ସମ୍ବେଦନଶୀଳତା ମଧ ଲୟ ବାହାରକୁ ଚାଲିଯାଉଛି। ପୂର୍ବ ଅଧ୍ୟୟନମାନଙ୍କରୁ ଏକଥା ସ୍ପଷ୍ଟ ଯେ ରାତ୍ରିକାଳୀନ କାର୍ଯ୍ୟ ଦ୍ୱାରା ରକ୍ତଚାପ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ, ଯାହା ପ୍ରକାରାନ୍ତରେ ବିଭିନ୍ନ ହୃଦ୍‌ରୋଗ ଓ ହୃଦ୍‌ଘାତର ଆଶଙ୍କା ମଧ ବଢ଼ାଇଥାଏ।



# ପିଲା ଓ ଯୁବବର୍ଗ ବି ରକ୍ତଚାପର ଶିକାର



ଆମ ଦେଶରେ ପ୍ରତି ୪ ଜଣଙ୍କ ମଧ୍ୟରୁ ଜଣେ କିଂବା ଅଧିକ ଉଚ୍ଚ ରକ୍ତଚାପରେ ପୀଡ଼ିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଭାରତରେ ଯଦି ୫୦ ପ୍ରତିଶତ ଉଚ୍ଚ ରକ୍ତଚାପ ପୀଡ଼ିତ ନିଜ ରୋଗକୁ ନିୟନ୍ତ୍ରଣରେ ରଖିପାରିବେ ତେବେ ୨୦୪୦ ମସିହା ସୁଦ୍ଧା ଅତି କମ୍‌ରେ ୪.୬ ନିୟୁତ ଲୋକଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ହେବ। ଏଥିସହିତ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଦ୍ୱାରା କରାଯାଇଥିବା ଅନୁଧାନରୁ ଜଣାପଡ଼ିଛି, ଦେଶର ୨୧.୩ ପ୍ରତିଶତ ମହିଳା ଓ ୨୪ ପ୍ରତିଶତ ପୁରୁଷ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ବିଳମ୍ବରେ ରୋଗ ନିରୂପଣ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ନ ରଖିପାରିବା ହେତୁ ବହୁସଂଖ୍ୟକ ଆକ୍ରାନ୍ତ ହୃଦ୍‌ରୋଗ ଓ ମଧୁମେହର ଶିକାର ହୋଇ ପ୍ରାଣ ହରାଉଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ରକ୍ତଚାପ ଦୁଇ ପ୍ରକାରର- ସିଷ୍ଟୋଲିକ୍ ବ୍ଲଡ୍‌ପ୍ରେସର୍ ଓ ଡାଇଷ୍ଟୋଲିକ୍ ବ୍ଲଡ୍‌ପ୍ରେସର୍। ଯେତେବେଳେ ହୃତ୍‌ପିଣ୍ଡରେ ରକ୍ତର ଚାପ ସ୍ୱାଭାବିକଠାରୁ ଅଧିକ ହୋଇ ଧମନୀକୁ ଅଧିକ ବେଗରେ ପ୍ରବାହିତ ହୁଏ ତାହାକୁ ସିଷ୍ଟୋଲିକ୍ ବ୍ଲଡ୍‌ପ୍ରେସର୍ ଭାବେ ଅଭିହିତ କରାଯାଏ। ସେହିପରି ପ୍ରତି ସଂକୋଚନ ପରେ ହୃତ୍‌ପିଣ୍ଡ ସାମାନ୍ୟ ଶିଥିଳ ହୋଇଥାଏ। ଏହି ଅବସ୍ଥାରେ ଧମନୀରେ ରକ୍ତଚାପ ନ୍ୟୂନତମ ସୀମାରେ ପହଞ୍ଚିଥାଏ। ଏହାକୁ ଡାଇଷ୍ଟୋଲିକ୍ ବ୍ଲଡ୍‌ପ୍ରେସର୍ କହାଯାଇଥାଏ। ସିଷ୍ଟୋଲିକ୍ ରକ୍ତଚାପ ୧୩୦ ମିଲିମିଟର ମରକ୍ୟୁରି ଓ ଡାଇଷ୍ଟୋଲିକ୍ ରକ୍ତଚାପ ୮୫ ମିଲିମିଟର ମରକ୍ୟୁରିରୁ କମ୍ ହେଲେ ଏହାକୁ ସାମାନ୍ୟ ବୋଲି ବିଚାର କରାଯାଏ।

**ହାଇପରଟେନ୍‌ସନ୍ ବା ଉଚ୍ଚ ରକ୍ତଚାପର କାରଣ ଓ ନିରାକରଣ ସଂପର୍କରେ ବିଶେଷଜ୍ଞ ଡାକ୍ତରଙ୍କ ମତାମତକୁ ନେଇ ବିଶେଷ ଉପସ୍ଥାପନା।**

## ଅବ୍ୟବସ୍ଥିତ ଜୀବନଶୈଳୀ ଉଚ୍ଚ ରକ୍ତଚାପର କାରଣ



ସାଧାରଣତଃ ରକ୍ତଚାପ ବୟସର ଅପରାହ୍ଣରେ ଦେଖାଯାଉଥିଲା। କିନ୍ତୁ ଆଜିକାଲି ଛୋଟଛୋଟ ସ୍କୁଲ୍ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ିଙ୍କ ମଧରେ ଏହା ଅଧିକ ଦେଖାଯାଉଛି। ଓଡ଼ିଶାରେ ୨୫ରୁ ୩୦ ପ୍ରତିଶତ ପିଲାଙ୍କ ଶରୀରରେ ଉଚ୍ଚ ରକ୍ତଚାପ ଦେଖାଯାଉଛି। ଏହାର ମୂଳ କାରଣ ହେଲା, ଅବ୍ୟବସ୍ଥିତ ଜୀବନଶୈଳୀ ଓ ଖାଦ୍ୟପେୟ। ଏବେ ଅଧିକାଂଶ ପିଲା ସୋସିଆଲ୍ ମିଡିଆ, ଟିଭି, ମୋବାଇଲ୍‌ରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏହା ସହିତ ସେମାନେ ଫାଷ୍ଟ୍‌ଫୁଡ୍, ଛଣାଛଣି, ପିଜା ଓ ବର୍ଗର ଆଦି ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି, ଯେଉଁଥିରେ ଅଧିକ କ୍ୟାଲୋରି ରହୁଛି। ଧ୍ୟାନ ରଖିବା ଉଚିତ କି ଆମେ ଦୈନିକ ଖାଉଥିବା କ୍ୟାଲୋରିରୁ ୭୦ ପ୍ରତିଶତ କ୍ଷୟ କରିବାକୁ ପଡ଼ିବ। ଏଥିପାଇଁ ନିୟମିତ ବ୍ୟାୟାମ କରିବା ଦରକାର। ଆଜିକାଲି ଅଧିକାଂଶ ଲୋକ ଗୋଟିଏ ଜାଗାରେ ବସି କାମ କରିବାକୁ ପସନ୍ଦ କରୁଛନ୍ତି, ଯାହାଦ୍ୱାରା ଶରୀରର ବ୍ୟାୟାମ ହୋଇପାରୁନାହିଁ। ଏହାଦ୍ୱାରା ଆମର ମେଦ ବଢ଼ିବା ସହିତ ମାନସିକ ଚାପ ବଢ଼ିଥାଏ। ସେଥିପାଇଁ ଏକ ସୁସ୍ଥ ବାତାବରଣ ମଧରେ ଶିକ୍ଷା, ଖାଦ୍ୟପେୟ ଓ ଚାଲିଚଳନ ମଧରେ ସମନ୍ୱୟ ଆଣିପାରିଲେ ଆମେ ଉଚ୍ଚ ରକ୍ତଚାପରୁ ରକ୍ଷା ପାଇପାରିବା।

**ଡାକ୍ତର ବିଶ୍ୱଜିତ୍ ମହାନ୍ତି, ମେଡିସିନ୍ କନ୍‌ସଲ୍‌ଟାଣ୍ଟ, କ୍ୟାପିଟାଲ୍ ହସ୍‌ପିଟାଲ୍, ଭୁବନେଶ୍ୱର**

## ପ୍ରାଥମିକ ଅବସ୍ଥାରେ ଚିହ୍ନଟ ହୋଇଗଲେ ନିୟନ୍ତ୍ରଣ ସମ୍ଭବ



ସାଧାରଣତଃ ଉଚ୍ଚ ରକ୍ତଚାପ ଦୁଇପ୍ରକାରର। ପ୍ରଥମଟି ହେଲା ପ୍ରାଇମେରି ହାଇପରଟେନ୍‌ସନ୍, ଯାହାର କାରଣ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ଦ୍ୱିତୀୟ ପ୍ରକାରର ଉଚ୍ଚ ରକ୍ତଚାପକୁ ସେକେଣ୍ଡାରି ହାଇପରଟେନ୍‌ସନ୍ କହାଯାଏ। ହର୍ମୋନଜନିତ ସମସ୍ୟା, ଗର୍ଭାବସ୍ଥା, ଅଧିକ ଓଜନ କିମ୍ବା ମେଦବହୁଳତା, କିଡ୍‌ନି ସମସ୍ୟା, ବଂଶାନୁକ୍ରମିକତା, ଥାଇରଏଡ୍ ବିଶୃଙ୍ଖଳା, ନିଦ୍ରାହୀନତା, ଧୂମପାନ, ମଦ୍ୟପାନ କିମ୍ବା ଜୀବନଶୈଳୀଗତ ସମସ୍ୟା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ପୂର୍ବରୁ ବୟସ୍କଙ୍କଠାରେ ଅଧିକ ଉଚ୍ଚ ରକ୍ତଚାପ ଦେଖାଯାଉଥିଲା। କିନ୍ତୁ ଏବେ ଯୁବପିଢ଼ିଙ୍କ ଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳୁଛି। ସେଥିପାଇଁ ବୟସ ବଢ଼ିଲେ ରକ୍ତଚାପ ଜନିତ ସମସ୍ୟା ହୁଏ ବୋଲି ଆମେ ଭାବିବା ଅନୁଚିତ। ଯେକୌଣସି ବୟସରେ ଆପଣ ଉଚ୍ଚ ରକ୍ତଚାପର କବଳରେ ପଡ଼ିଯାଇପାରନ୍ତି। ଏଥିରୁ ମୁକୁଳିବାକୁ ହେଲେ ପ୍ରଥମରୁ ରୋଗକୁ ଚିହ୍ନିବା ଦରକାର। ପ୍ରଥମରୁ ରୋଗଟିକୁ ନ ଚିହ୍ନି ପାରିଲେ ଏହା ଧୀରେଧୀରେ ସମଗ୍ର ଶରୀରକୁ ଆକ୍ରମଣ କରିଥାଏ, ଯାହାଦ୍ୱାରା ବ୍ରେନ୍ ଷ୍ଟ୍ରୋକ୍, ଯକୃତ୍ ସଂକ୍ରମଣ, ନାକରୁ ରକ୍ତପଡ଼ିବା, ମୁଣ୍ଡ ବିନ୍ଧିବା ଓ ମୁଣ୍ଡ ବୁଲାଇବା ଯୋଗୁଁ ପଡ଼ିଯିବା, ଛାତିରେ ଯନ୍ତ୍ରଣା ପରି ସମସ୍ୟା ଉତ୍ପନ୍ନ ହୋଇଥାଏ। ସେଥିପାଇଁ ଆମକୁ ପ୍ରଥମରୁ ଅବହେଳା ନ କରି ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଧ୍ୟାନ ଦେବା ଜରୁରି। ଶରୀରକୁ ଉପଯୁକ୍ତ ପରିମାଣର କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଓ ନ୍ୟୁଟ୍ରିସନ୍ ଦରକାର। ଉପଯୁକ୍ତ ମାତ୍ରାର ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ ଓ ଉଚିତ ସମୟରେ ରୋଗର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଆବଶ୍ୟକ।

**ଡାକ୍ତର ସନ୍ଦୀପ ମହାନ୍ତି, ହୃଦ୍‌ରୋଗ ବିଶେଷଜ୍ଞ, କେୟାର୍ ହସ୍‌ପିଟାଲ୍, ଭୁବନେଶ୍ୱର**

# ଫୁଟାଇ ପିଅନ୍ତୁ ପାଇପ୍ ପାଣି

ପାଇପ୍ ଯୋଗେ ମିଳୁଥିବା ପାଣିକୁ ଆମେ ବିଶୁଦ୍ଧ ପାନୀୟ ଜଳ ବୋଲି ଧରିନେଇଥା'ନ୍ତି। ମାତ୍ର ସେଥିରେ କ୍ଷୁଦ୍ର ଅଣୁପ୍ଲାଷ୍ଟିକ୍ ଟୁକୁଡ଼ା ଭାସି ବୁଲୁଥିବା କଥା ଗବେଷଣାରୁ ସ୍ପଷ୍ଟ ହୋଇଛି। ପାଇପ୍ ପାଣିକୁ ଅତି କମ୍‌ରେ ପାଞ୍ଚ ମିନିଟ୍ ଫୁଟାଇଲେ ସେଥିରେ ଥିବା ୯୦ ପ୍ରତିଶତ କ୍ଷତିକାରକ ଅଣୁପ୍ଲାଷ୍ଟିକ୍ ନିଷ୍କାସିତ ହୋଇପାରିବ ବୋଲି ଏକ ଅନୁଧାନରୁ ଜଣାଯାଇଛି। ସାଧାରଣତଃ ୫ ମି.ମି.ରୁ କମ୍ ଆକାର ବିଶିଷ୍ଟ ପ୍ଲାଷ୍ଟିକ୍ ଖଣ୍ଡଗୁଡ଼ିକ ଅଣୁପ୍ଲାଷ୍ଟିକ୍ ଭାବେ ପରିଚିତ। ବିଭିନ୍ନ ପ୍ଲାଷ୍ଟିକ୍ ଉତ୍ପାଦ ତିଆରି ବେଳେ ସେଗୁଡ଼ିକ ଏଣେତେଣେ ବିଛାଡ଼ି ହୋଇଯାଏ ଏବଂ ଶେଷରେ ମାଟି, ପାଣି ଓ ପବନରେ ମିଶିଯାଏ। ପାଣିକୁ ୫ ମିନିଟ୍ ଯାଏ ଫୁଟାଇ ତାହାକୁ ଥଣ୍ଡା କଲେ ସେଥିରେ ମିଶି ରହିଥିବା ପଲିଷ୍ଟିରିନ୍, ପଲିଥିଲିନ୍ ଓ ପଲିପ୍ରୋପାଇଲିନ୍ ପରି ଅଣୁପ୍ଲାଷ୍ଟିକ୍‌ଗୁଡ଼ିକ କଠିନ ହୋଇ ପାଣି ତଳେ ବସିଯା'ନ୍ତି। ତେଣୁ ତାହାକୁ ଛାଣି ପିଇଲେ ପ୍ରାୟ ୯୦ ପ୍ରତିଶତ ଅଣୁପ୍ଲାଷ୍ଟିକ୍‌ର କୁପ୍ରଭାବରୁ ଆମେ ମୁକ୍ତ ହୋଇପାରିବା।



# ଦେହକୁ ହିତ ଜୁଆଣି ଚା'

ସକାଳୁ ଉଠି ଅନେକ କପେ ଚା' କିମ୍ବା କଫି ପିଇବାକୁ ପସନ୍ଦ କରିଥା'ନ୍ତି। ମାତ୍ର ଏକାଧିକ ଅନୁଧାନରୁ ସ୍ପଷ୍ଟ ହୋଇଛି ଯେ କ୍ଷୀର ମିଶ୍ରିତ ଚା' ନାନା ପାକସ୍ଥଳୀ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ସକାଳେ କ୍ଷୀର ଚା' ବଦଳରେ ଜୁଆଣି ଚା' ଅଧିକ ସ୍ୱାସ୍ଥ୍ୟପ୍ରଦ ବୋଲି ବିଶେଷଜ୍ଞଙ୍କ ମତ। ଖରାଦିନରେ ଖାଲି ପେଟରେ ଜୁଆଣି ଚା' ପିଇବାର ଅନେକ ଉପକାରିତା ରହିଛି। ସକାଳେ ଖାଲିପେଟରେ ଜୁଆଣି ଚା' ସେବନ କଲେ ଶରୀରର ପାକ ପ୍ରଣାଳୀ ସକ୍ରିୟ ତଥା ଉନ୍ନତ ହୋଇଥାଏ। ପାଚନ ପ୍ରକ୍ରିୟାକୁ ଉତ୍‌ପ୍ରେରିତ କରିବାର ଗୁଣ ମଧ ଜୁଆଣିର ରହିଛି। ପୁଣି ଏହା ମେଦବହୁଳ ବ୍ୟକ୍ତିଙ୍କ ପାଇଁ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ଚା' ମଧ ଥଣ୍ଡା, ଶର୍ଦ୍ଦି ଓ କାଶର ଉପଶମ ଆଣିବା ସହ ଶ୍ୱାସକ୍ରିୟା ସମସ୍ୟାକୁ ଦୂର କରିଥାଏ। ତେବେ ଦିନକୁ ସର୍ବାଧିକ ତିନିରୁ ଚାରିଥର ଏହି ଚାହା ପିଇବାଉଚିତ। ଗର୍ଭବତୀ ବା ଛୁଆକୁ କ୍ଷୀରପାନ କରାଉଥିବା ମାଆମାନେ ଜୁଆଣି ଚା' ପିଇବାକୁ ବିଶେଷଜ୍ଞମାନେ ବାରଣ କରିଛନ୍ତି। ସେହିପରି କାହାର ପେପ୍‌ଟିକ୍ ଅଲ୍‌ସର୍ ହୋଇଥିଲେ କି ମାତ୍ରାଧିକ ଏସିଡ୍ ସମସ୍ୟା ଥିଲେ ଏହି ପାନୀୟ ନ ପିଇବା ବିଧେୟ।



# ଗୋରୁ ଚାଲାଣ ବେଳେ ପୁଲିସର ଚଢ଼ାଉ, ୩ ଗାଡ଼ି ଜବତ



ବିଞ୍ଝାରପୁର,୨୮।୪(ସଂଚାର ବ୍ୟୁରୋ): ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧିନସ୍ଥ ଦର୍ପଣ ଠାରେ ଗୋରୁ ଚୋରା ଚାଲାଣ ବେଳେ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ାଉ କରିଥିଲେ। ସୂଚନା ଯୋଗ୍ୟ ନୂତନ କରି ବଡ଼ଚଣା ଥାନାରେ ଯୋଗଦେଇଥିବା ଅଧିକାରିଣୀ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ତିନିଗୋଟି ଗାଡି ଜବତ କରିବା ସହିତ ୧୭ ଟି ଗାଈଙ୍କୁ ଉଦ୍ଧାର କରିଛନ୍ତି। ଏହି ଚୋରା କାରବାର ରେ ସମ୍ପୃକ୍ତ ଥିବା ଦୁଇ ଗାଡି ଚାଳକଙ୍କୁ ଅଟକ ରଖାଯାଇଛି। ଜବତ ଗାଡି ଗୁଡ଼ିକ ମଧ୍ୟରେ ଦୁଇଟି ପିକଅପ ଭ୍ୟାନ ଓ ଗୋଟିଏ ଟାଟା ଏସି ଥିବା ଜଣାଯାଇଛି। ଉଦ୍ଧାର ଗାଈ ଗୁଡ଼ିକୁ ଛତିଆ ସ୍ଥିତ ଗୋଶାଳା ରେ ରଖାଯାଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

## ସରକାରୀ ଜମି ହଡ଼ପ ଅଭିଯୋଗ

# ସପ୍ତାହକ ମଧ୍ୟରେ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ



ବ୍ରହ୍ମପୁର,୨୮।୪(ସଂଚାର ବ୍ୟୁରୋ): ଗଞ୍ଜାମ ତହସିଲ ଅନ୍ତର୍ଗତ ଆଲିଆବାଦ ମୌଜା ର ନୀଳାଦ୍ରିପୁର ଗ୍ରାମରେ ମାଁ ରାମଚଣ୍ଡୀ ଙ୍କ ପାହାଡ ତଳେ ଥିବା ସରକାରୀ ଜମିକୁ ବେଧଡ଼କ ଭାବେ ବିକ୍ରି କରୁଥିବା ଅଭିଯୋଗ ହେଉଥିଲା। ଏନେଇ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ, ତତ୍ପରତା ଦେଖାଇଛି ସ୍ଥାନୀୟ ପ୍ରଶାସନ। ଏନେଇ ଆଜି ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ରମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତନତନ କରି ଅଭିଯୋଗର ଅନୁଧ୍ୟାନ କରିଥିଲେ। ଜବର ଦଖଲରେ ଥିବା ସରକାରୀ ଜମିକୁ ସପ୍ତାହ ଭିତରେ ଚିହ୍ନଟ କରି ଜବର ଦଖଲ ହଟାଇବା ସହ, ସେଠାରେ ସାଇନ୍ ବୋଡ଼ ମାରିବାକୁ ସ୍ଥାନିୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ଆଜି ପୁନଃରବାର ମାଁ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ କମିଟି ତରଫରୁ ପରିଚାଳନା କମିଟି ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଆଠ ଜଣିଆ କମିଟି ଗଞ୍ଜାମ ତହସିଲଦାରଙ୍କୁ ଭେଟି ପୀଠ ର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସରକାରଙ୍କ ତରଫରୁ ଆସିଥିବା ଅନୁଦାନରେ ମନ୍ଦିର ପାଇଁ ନାମମଣ୍ଡପ, ବୃଦ୍ଧାଶ୍ରମ, ପରିବା ହାଟ ଓ ଫୁଲ ବଗିଚା ଆଦି କରାଯିବା ପାଇଁ ଆବଶ୍ୟକ ଜମି ଯୋଗାଇଦେବା ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ। ଏହି ଆଲୋଚନା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ, ପୂଜା କମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, କୁଞ୍ଜ ନାୟକ, ସୁଧୀର ମହାରଣା, ଶଙ୍କର ଚର୍ଡ୍ଡୀ, ଶଙ୍କର ନାୟକ, ଦଣ୍ଡପାଣି ମହାରଣା, ମକୁନ୍ଦ ନାୟକ ଉପସ୍ଥିତ ଥିଲେ। ଶେଷରେ ତହସିଲଦାର ଗଞ୍ଜାମ, କମିଟି ସଦଶ୍ୟ ମାନଙ୍କ ଅନୁରୋଧ ରକ୍ଷାକରି ଏହାର ତୁରନ୍ତ ସମାଧାନ ପାଇଁ ଗଞ୍ଜାମ ରାଜଶ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ ପାଳିତ




ସୋହେଲା,୨୮।୪(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ସୋହେଲା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ ପାଳନ କରାଯାଇଥିଲା। ଏଥିରେ ସଂଘର ସଭାପତି ହାରାଧନ ବାଞ୍ଜି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭିକ ସୂଚନା ଦେଇଥିଲେ ସମ୍ପାଦକ ଜୟନ୍ତ କୁମାର ପାତ୍ର। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ର ସମ୍ମୁଖରେ ସଂଘର ସଦସ୍ୟ ମାନେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମଧୁବାବୁଙ୍କ ଜୟନ୍ତୀ ଅବସରରେ ସଭାପତି ହାରାଧନ ବାଞ୍ଜି, ନୀତିଶ ଆଚାର୍ଯ୍ୟ, ମିର୍ଜା ଆକବର ବେଗ, ବୀରେନ୍ଦ୍ର ପଣ୍ଡା, ଚୂଡ଼ାମଣି ମେହେର ପ୍ରମୁଖ ଆଇନଜୀବୀ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପ୍ରେମରାଜ ଅଗ୍ରୱାଲ, ଚୂଡ଼ାମଣି ମେହେର, କୁଞ୍ଜ ବିହାରୀ ସାହୁ, ବିକାଶ ଚନ୍ଦ୍ର ନାୟକ, ସୁରେନ୍ଦ୍ର ପଣ୍ଡା, ବୀରେନ୍ଦ୍ର ପଣ୍ଡା ଓ ଗୋବିନ୍ଦ ରାମ ଅଗ୍ରୱାଲଙ୍କୁ ଉପଢୌକନ, ମାନ ପାତ୍ର ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଜୟନ୍ତ କୁମାର ପାତ୍ର। ମାନପତ୍ର ପାଠ କରିଥିଲେ ସଂଘର ଉପ ସଭାପତି ସୁଶାନ୍ତ କୁମାର ପାଣିଗ୍ରାହୀ। ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

# ପଟପ୍ଲଲିୟ ଜର୍ଜଙ୍କର ଜେଏମଏଫସି କୋର୍ଟର ନୂତନ କୋଠା ପରିଦର୍ଶନ

ବେତନଟୀ,୨୮।୪(ସଂଚାର ବ୍ୟୁରୋ): ମୟୂରଭଞ୍ଜ ପଟପ୍ଲଲିୟ ଜର୍ଜ ରାଧା କୃଷ୍ଣ ପଟ୍ଟନାୟକ ଆଜି ଅପରାହ୍ନରେ ପଣ୍ଡୁଗଡ଼ିଆ ଠାରେ ନିର୍ମାଣାଧୀନ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ ପରିଦର୍ଶନ କରିଛନ୍ତି। ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ନିର୍ମାଣାଧୀନ ନୂତନ କୋର୍ଟ ବିଲ୍ଡିଂ କାମ କିଭଳି ଆସନ୍ତା ମେ ୧୧ ସୁଧା କାର୍ଯ୍ୟ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ କାମ ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବାବେଳେ ଏହାର ହସ୍ତାନ୍ତର ପ୍ରକ୍ରିୟା ଓ ଆସନ୍ତା ମାସ ମେ ୧୧ ତାରିଖ ଶୁଭାରମ୍ଭ ସାଙ୍ଗକୁ ନୂତନ ବିଲ୍ଡିଂରେ କୋର୍ଟ କାର୍ଯ୍ୟକ୍ଷମ ହେବାନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବିଲ୍ଡିଂ ନିର୍ମାଣକାରୀସଂସ୍ଥା



ସରିବ ସେନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ମାନ୍ୟବର ଜିଲ୍ଲାଜଜ୍ ଅରବିନ୍ଦ ପଟ୍ଟନାୟକ, ମାନ୍ୟବର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ଜିଲ୍ଲା ରେଜିଷ୍ଟ୍ରାର ନିହାର କୁମାର ଜେନା, ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମୀ ନାରାୟଣୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ବେତନଟୀ ଗ୍ରାମ୍ୟଉନ୍ନୟନ ବିଭାଗର ଉପଖଣ୍ଡ ନିର୍ବାହୀ ଅଧିକାରୀ ଇଂ. ତୁଷାରକାନ୍ତ ବେହେର, ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ବେତନଟୀ ବାର ଏସୋସିଏସନ ର ସଭାପତି ଦେବବ୍ରତ ପରିଡା, ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ମନୋଜ ଦଳେଇ ପ୍ରମୁଖଙ୍କ ସମେତ କୋର୍ଟକର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ନର୍ଲାରେ ସ୍ୱାଭିମାନ ଦିବସ ପାଳନ



ନର୍ଲା,୨୮।୪(ସଂଚାର ବ୍ୟୁରୋ): ନର୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ମଧୁବାବୁ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପ୍ରଦିପ ପ୍ରଜ୍ୱଳନ କରାଯାଇ ସଭା ଆରମ୍ଭ ହୋଇଥଲା। ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗଠନ ମୁଳକ କାମରେ ସହଯୋଗ କରିବାକୁ ସଭାପତି ଗୌର ହରିଜନ ସମସ୍ତ ସଭ୍ୟ ମାନଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ସଂଘର ସଂପାଦକ ବିଶ୍ୱ ରଞ୍ଜନ ଭୋଇ, ଯୁଗ୍ମ ସଂପାଦକ ବିଭୂତି ଭୂଷଣ ବହିଦାର, କୋଷାଧ୍ୟକ୍ଷ ଡ. ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ନୀରିହ ଗରିବ ଲୋକମାନଙ୍କୁ ଆଇନ ସହାୟତା ଅତି କମ ମୂଲ୍ୟରେ ଯୋଗାଇ ଦେବା ପାଇଁ ମତ ପ୍ରକାଶ ପାଇଥିଲା।

# ଅଭୟାରଣ୍ୟରେ ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଆହତ




ନୀଳଗିରି,୨୮।୪(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟ ରେ ଶିକାରୀ ଓ ବନକର୍ମଚାରୀ ମୁହାଁମୁହିଁ ହୋଇଛନ୍ତି। ଏପରିକି ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଆହତ ହୋଇଛନ୍ତି। ସନ୍ତରାଗଡ଼ିଆ ବିଟ ଅଧିନ ଗୁଡିଖାଣିଆ ଅଞ୍ଚଳରେ କିଛି ଶିକାରୀ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବା ନେଇ କୁଳଡିହା ବନବିଭାଗ ଜାଣିବାକୁ ପାଇଥିଲା। ଏସିଏଫ ସୁବ୍ରତ ବେହେରା ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କୁ ତୁରନ୍ତ ଗଡ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ମଧ୍ୟ ନିଜେ ଘଟଣା ସ୍ଥଳକୁ ଯାଇଥିଲେ। ହେଲେ ସେତେବେଳକୁ ଶିକାରୀ ବନ କର୍ମଚାରୀଙ୍କୁ ଆକ୍ରମଣ କରି ସାରିଥିଲେ। ଜାମ୍ବଦା ଅଞ୍ଚଳର ମାଧ ସିଂ ଓ ଶିବ ସିଂ ବନ୍ଧୁକ ଧରି ଆସୁଥିବା ବେଳେ ବନ କର୍ମଚାରୀ ତାଙ୍କୁ ଅଟକାଇ ଥିଲେ। ହେଲେ ଶିକାରୀ ମାଧ ସିଂ ବନକର୍ମଚାରୀ ମହେଶ୍ୱର ବେହେରାଙ୍କୁ ବନ୍ଧୁକ ରେ ମୁଣ୍ଡକୁ ଆଘାତ କରିଥିଲା। ତାଙ୍କୁ କାବୁ କରାଯାଇଥିବା ବେଳେ ଶିବ ସିଂ ଫେରାର ହୋଇ ଯାଇଥିଲା। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରିଥିବା ବେଳେ ଆକ୍ରମଣ ନେଇ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# କୋରେଇ ବ୍ଲକ ବିଜେଡି ସଭାପତି ହେଲେ ସୌଭାଗ୍ୟ ମହାନ୍ତି

ଯାଜପୁର ରୋଡ଼, ୨୮।୪(ସଂଚାର ବ୍ୟୁରୋ): ଆଗାମୀ ଦିନରେ ବିଜେଡି କୋରେଇ ବ୍ଲକ ଅଧିନସ୍ଥ ୨୮ ପଂଚାୟତର ଜନସାଧାରଣ ମାନଙ୍କ ହକ ପାଇଁ ଲଢ଼େଇ, ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ, ବିକ୍ଷୋଭ, ରାଲି ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଯାଜପୁର ଜିଲ୍ଲାର ବିଜୁ ଜନତା ଦଳ ସଭାପତି ସରୋଜ କୁମାର ମହାପାତ୍ର ଜିଲ୍ଲାର ୧୦ ଗୋଟି ବ୍ଲକ ଓ ଦୁଇ ଗୋଟି ପୌରପାଳିକା ପାଇଁ ବିଜେଡି ସଭାପତି ନିଯୁକ୍ତ କରିଛନ୍ତି। ଏହି ସଭାପତି ମାନେ ଜିଲ୍ଲା ବିଜେଡି ସଭାପତିଙ୍କୁ ସହଯୋଗ କରି ବିଜେଡି କାର୍ଯ୍ୟକ୍ରମକୁ ସଫଳ କରାଇବେ। ଏହି କ୍ରମରେ କୋରେଇ ବ୍ଲକ ବିଜେଡି ସଭାପତି ଭାବେ ସୌଭାଗ୍ୟ ମହାନ୍ତି'ଙ୍କୁ ନିଯୁକ୍ତି ଦିଆଯାଇଛି। ଏଥି ଲାଗି ଆଜି ଏହି ବ୍ଲକ ଅଧିନସ୍ଥ ସମସ୍ତ ପଂଚାୟତର ବିଜେଡି କାର୍ଯ୍ୟ କର୍ତାମାନେ ମହାନ୍ତି'ଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଥିବା ଜଣାପଡ଼ିଛି।

# କାର୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଧର୍ମଗଡ଼, ୨୮।୪ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଚିଲିଚିଲା ଗ୍ରାମର ହେମନ୍ତ ନାଏକ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବାବେଳେ ରବିବାର ଏକ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଚିଲିଚିଲା ଗ୍ରାମର ଅନ୍ୟ କେତେଜଣ ଯୁବକଙ୍କ ସହ ହେମନ୍ତ କିଛିଦିନ ତଳେ ତାମିଲନାଡୁ ରାଜ୍ୟ କାନଗେୟାମ ଥାନାର ଏକ ସୂତା କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ରବିବାର ସେଠାରେ ଏକ ରାସ୍ତା ପାରି ହେଉଥିବା ବେଳେ ଏକ କାର୍ (ଟିଏନ୍ ୪୭ଏଇ-୬୮୮୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୫୮ ଅଭିଯୋଗ ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୨୮।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୦ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ପହଲଗାମରେ ନିହତ ପର୍ଯ୍ୟଟକ ଓ ପ୍ରଶାନ୍ତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

# ବିଜେପି ପକ୍ଷରୁ ବିରାଟ ମଶାଲ ଶୋଭାଯାତ୍ରା




ଦଶରଥପୁର,୨୮।୪(ସଂଚାର ବ୍ୟୁରୋ): ଜାମ୍ମୁ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିବା ପର୍ଯ୍ୟଟକ ମାନଙ୍କ ପାଇଁ ସାରା ଭାରତ ବର୍ଷରେ ଶୋକର ଛାୟା ଖେଳିଯାଇଛି। ଏହି ହିନ୍ଦୁ ଭାରତୀୟ ନାଗରିକ ମାନଙ୍କ ସଂମ୍ମାନ ପାଇଁ ଦେଶ ସାରା ମଶାଲ ଶୋଭାଯାତ୍ରା କରାଯାଉଥିବାବେଳେ ଦଶରଥପୁର ବ୍ଲକ ବିଜେପି ପକ୍ଷରୁ ଦଶରଥପୁର ବ୍ଲକର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଏକତ୍ରିତ ହୋଇ ହାତରେ ମହମବତୀ ଧରି ପାକିସ୍ତାନ ମୁର୍ଦାବାଦ, ଆତଙ୍କବାଦୀ ମୁର୍ଦାବାଦ, ସହିଦ ଭାରତୀୟ ଅମର ରହେ, ପ୍ରଶାନ୍ତ ଶତପଥୀ ଅମର ରହେ ନାରାରେ ମଙ୍ଗଳପୁର ବଜାର ପ୍ରକମ୍ପିତ ହୋଇଥିଲା। ସମସ୍ତ ଭାରତୀୟଙ୍କ ଆଖିରେ ଲୁହ ହୃଦୟରେ କୋହ ମନରେ ପ୍ରତିଶୋଧର ନିଆଁ ଜଳି ଉଠିଥିବାବେଳେ ଆବାଳ ବୃଦ୍ଧବନିତା ପାକିସ୍ତାନ ଉପରେ ପ୍ରତିଶୋଧ ନେବାପାଇଁ ଭାରତ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି।ଆଜିର ଏହି ମଶାଲ ଶୋଭାଯାତ୍ରା କନିକାପଡା ପଞ୍ଚାୟତ ଅଫିସ ନିକଟରୁ ବାହାରି ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିବାବେଳେ ଉକ୍ତ ଶୋଭାଯାତ୍ରାରେ କୋରେଇ ନିର୍ବାଚନ ମଣ୍ଡଳୀ ବିଜେପି ପ୍ରଭାରୀ ସୁବାଷ ଚନ୍ଦ୍ର ମହାନ୍ତି, ୬ନମ୍ବର ଜୋନ ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ୭ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଷଧର ବେହୁରିଆ, ଯୁବ ନେତା ପ୍ରମୋଦ ପୁହାଣ, ଐରଖିରାବେଳେ ଦାସ, ୭ନମ୍ବର ଜୋନ ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ, ସୁନୀଲ ରାଉତ, ସମାଜସେବୀ ପ୍ରମୋଦ ପଣ୍ଡା, ରାନୁ ମହାନ୍ତି, ପ୍ରଜ୍ଞ୍ୟା ନାୟକ, ସେକ କାଦିର, ସେକ ସାନି ସମେତ ୩୦୦ଲୋକ ଯୋଗଦେଇ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୀତୁଳିକା ଦାହ କରିଥିଲେ।

# ଏପିଜେ ଅବଦୁଲ କାଲାମ ଆବାସିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ



ବେତନଟୀ,୨୮।୪(ସଂଚାର ବ୍ୟୁରୋ): ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଶିକ୍ଷାନୁଷ୍ଠାନ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ଅନୁଷ୍ଠାନ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅଭିଭାବକ ସମ୍ମିଳନୀ ରେ ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରତିଷ୍ଠାତା ଜଗନ୍ନାଥ ନାୟକ (ଜଗାବାବୁ)ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମୟୁରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବରିଷ୍ଠ ପ୍ରାଧ୍ୟାପକ ଡ. ଶ୍ରୀବତ୍ସ ସାମଲ, ନିର୍ଦ୍ଦେଶକ ସାଗର ନାୟକ, ଜୟନ୍ତ ପ୍ରଧାନ, ଅମର ପରିଡା, ରବୀନ ସାହୁ, ସୌମ୍ୟ ପଣ୍ଡା, କମଳାକାନ୍ତ କବାଟ ପ୍ରମୁଖ ଯୋଗଦାନ କରି ନୂତନ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା, ନିରଙ୍କୁଶ ଶିକ୍ଷାଦାନ, ଛାତ୍ର ଛାତ୍ରୀଙ୍କ ନିମନ୍ତେ ଖେଳ କୁଦ ବ୍ୟବସ୍ଥା ଇତ୍ୟାଦି ରହିଥିବା ଯୋଗୁଁ ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଅନୁଷ୍ଠାନ ଅଭିଭାବକ ମାନଙ୍କର ବୋଲି ମତ ପ୍ରକାଶ ପାଇଥିଲା। ୧ଶହ ରୁ ଉର୍ଦ୍ଧ୍ୱ ଅଭିଭାବକ /ଅଭିଭାବିକା ଯୋଗଦାନ କରି ସେମାନଙ୍କ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ ଏହି ଅନୁଷ୍ଠାନ ରେ ଗଠନ ହେବ ବୋଲି ପ୍ରକାଶ କରିଥିଲେ। ଶେଷରେ ମଧୁସୂଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ୟାକ୍ସ ବାର ଆସୋସିଏସନ ପକ୍ଷରୁ ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଯାଜପୁର ରୋଡ଼,୨୮।୪(ସଂଚାର ବ୍ୟୁରୋ): ବ୍ୟାସନଗର ସହର ସ୍ଥିତ ସେଲିବ୍ରେସନ ମଣ୍ଡପ ଠାରେ ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ଓ ୧୬ତମ ଜିଲ୍ଲା ସ୍ତରୀୟ ଆଇନଜୀବୀ ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନର ସଭାପତି ଶ୍ରୀ ବିବେକାନନ୍ଦ ମହାନ୍ତି'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, ସଂମ୍ମାନିତ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡ଼ଃ ବିପିନ ବିହାରୀ ମିଶ୍ର,ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ପ୍ରମୁଖ ଅତିଥି ମାନେ ଯୋଗ ଦେଇ ଓଡ଼ିଆ ଭାଷା ଓ ଓଡ଼ିଆଙ୍କ ଗୌରବର ପ୍ରତୀକ ମଧୁବାବୁଙ୍କ ଜୀବନର ନୀତି, ବିଚାରଧାରା ଓ ଆଦର୍ଶକୁ ଅନୁସରଣ କରିବା ସହ ଆଇନଜୀବୀ ମାନଙ୍କୁ ନିଜର କର୍ମକ୍ଷେତ୍ରରେ ନିଜର ଭୂମିକା ଉପରେ ପରାମର୍ଶ ଦେଇଥିଲେ । ଆଇନଜୀବୀ ସସ୍ମିତା ସ୍ୱାଇଁ ମଂଚ ପରିଚାଳନା କରିଥିବା ବେଳେ ଟ୍ୟାକ୍ସ ବାରର ସମ୍ପାଦକ ଧନେଶ୍ୱର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନର ଦିପକ ବାରିକ, ଦିଲ୍ଲିପ ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତା ସହଯୋଗ କରିଥିବା ବେଳେ ସହରର ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଆଇନଜୀବୀ ମାନେ ଉପସ୍ଥିତ ରହିଥିଲେ।

# ବ୍ୟାସନଗର ପୌର ବିଜେଡି ସଭାପତି ହେଲେ ଅମୁଲ୍ୟ ନାୟକ

ଯାଜପୁର ରୋଡ଼,୨୮।୪(ସଂଚାର ବ୍ୟୁରୋ): ଆଗାମୀ ଦିନରେ ବିଜେଡି, ବ୍ୟାସନଗର ପୌର ସହରରେ ଜନସାଧାରଣ ମାନଙ୍କ ହକ ପାଇଁ ଲଢ଼େଇ, ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ, ବିକ୍ଷୋଭ, ରାଲି ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଯାଜପୁର ଜିଲ୍ଲାର ବିଜୁ ଜନତା ଦଳ ସଭାପତି ସରୋଜ କୁମାର ମହାପାତ୍ର ଜିଲ୍ଲାର ୧୦ ଗୋଟି ବ୍ଲକ ଓ ଦୁଇ ଗୋଟି ପୌରପାଳିକା ପାଇଁ ବିଜେଡି ସଭାପତି ନିଯୁକ୍ତ କରିଛନ୍ତି। ଏହି ସଭାପତି ମାନେ ଜିଲ୍ଲା ବିଜେଡି ସଭାପତିଙ୍କୁ ସହଯୋଗ କରି ବିଜୁ ଜନତା ଦଳ କାର୍ଯ୍ୟକ୍ରମକୁ ସଫଳ କରାଇବେ। ଏହି କ୍ରମରେ ବ୍ୟାସନଗର ପୌର ବିଜେଡି ସଭାପତି ଭାବେ ଅମୁଲ୍ୟ କୁମାର ନାୟକ'ଙ୍କୁ ନିଯୁକ୍ତି ଦିଆଯାଇଛି।

# କଂଗ୍ରେସ ପକ୍ଷରୁ ମଧୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର,୨୮।୪(ସଂଚାର ବ୍ୟୁର): ଓଡ଼ିଆ ନବଜାଗରଣର ସାରଥି, ଅସ୍ମିତାର ଆଦ୍ୟ ଧ୍ୱଜା ବାହକ, ପ୍ରତ୍ୟେକ ଓଡ଼ିଆର ହୃଦୟ ସମ୍ରାଟ, ଓଡ଼ିଆ ଜାତିର ପ୍ରେରଣାର ଉତ୍ସ, କୁଳତିଳକ, କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଜଗତସିଂହପୁର ପୌର ପରିଷଦର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ଆଇନଜୀବୀ ତ୍ରିପୁରେଶ୍ୱର ମଲ୍ଲିକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ଆର୍ଶୀବାଦ ତ୍ରିପାଠୀ, ଯୁବ କଂଗ୍ରେସ ନେତା ଜ୍ଞାନ ରଞ୍ଜନ ଜେନା (ବିକି), ସମିତି ସଭ୍ୟ ହିମାଂଶୁ ପରିଡ଼ା, ପ୍ରତାପ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ, ବୃନ୍ଦାବନ ପରିଡ଼ା, ଗଙ୍ଗାଧର ବିଶ୍ୱାଳ, ସଂଗ୍ରାମ ଭୋଇ, ସୁରପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆଇନଜୀବୀ ଦିବସ ଓ ମଧୁବାବୁଙ୍କ ଜୟନ୍ତୀ ପାଳିତ

ଦିଗପହଣ୍ଡି,୨୮।୪(ସଂଚାର ବ୍ୟୁର): ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସୋମବାର ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ ସଭାପତି ହୃଦୟ ରଞ୍ଜନ ମେକାପଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରାକ୍ତନ ସଭାପତି ହରପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ୍ ନୀଳିମା ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓକିଲ ସଂଘ ପକ୍ଷରୁ ଅନେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ଓ ଓକିଲ ଦିବସ ପାଳିତ



ନୀଳଗିରି,୨୮।୪(ସଂଚାର ବ୍ୟୁର): ଉତ୍କଳ ଗୌରବ ମଧୁସୁଦନ ଦାସ ଜନ୍ମ ଜୟନ୍ତୀ ଓ ଓକିଲ ଦିବସ ପାଳିତ ହୋଇଯାଇଛି।ସୂଚନା ରୁ ଜଣାଯାଇଛି, ଆଜି ପୂର୍ବାହ୍ନରେ ନୀଳଗିରି ବାର ଆସୋସିଏସନ ପକ୍ଷରୁ, ନୀଳଗିରି ଉପ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଥିବା ମଧୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ଥିଲା।ପରେ ଏଥି ନିମନ୍ତେ ଆୟୋଜିତ ସଭା ରେ ବାର ସଭାପତି ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟ ଅତିଥି ଭାବେ ନୀଳଗିରି ଏସ ଡି ଜେ ଏମ ମୋନାଲିସା ପଣ୍ଡା ଯୋଗ ଦେଇ ଓକିଲ ଦିବସ ପାଳନ ଅବସର ରେ, ମଧୁବାବୁ ଙ୍କ ସ୍ମୃତି ଚାରଣ କରିବା ସହିତ ଆଇନଜିବୀ ଙ୍କ ପାଇଁ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କ ରେ ଉପସ୍ଥିତ ଆଇନଜିବୀ ଙ୍କୁ ବାର୍ତ୍ତା ଦେଇଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ଓ ସମ୍ପାଦକ ଦେବାନନ୍ଦ ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସର ରେ ଆଇନଜୀବୀ ହୃଦୟାନନ୍ଦ ପଣ୍ଡା ଙ୍କୁ ତାଙ୍କର କୁଶଳୀ ଆଇନ ପରିଚାଳନା ପାଇଁ ସମ୍ମାନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ୍‌ରେ ବାର ଆ ସୋସିଏସନର ସମସ୍ତ ସଦସ୍ୟ/ ସଦସ୍ୟା ଉପସ୍ଥିତ ଥିଲେ।